

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୦୯ ● ୧୭ ମଇ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-109 ● 17th May 2024, Friday ● Bhubaneswar | Licensed to post without pre-payment of postage No- BN-60/22-24

## ଭୁବନେଶ୍ୱରରେ ନବୀନଙ୍କ ବିଶାଳ ରୋଡ ଶୋ', ଜନସମୁଦ୍ର ପାଲଟିଲା ରାଜଧାନୀ ରାସ୍ତା

**ଭୁବନେଶ୍ୱର, ୧୬/୦୫**
**ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱରରେ ରୋଡ୍ ଶୋ' କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ସ୍ଥାନୀୟ ୟୁନିଟ-୬ସ୍ଥିତ ଗଙ୍ଗନଗର ଛକଠାରୁ ବାହାରିଥିଲା । ଏହି ରୋଡ୍ ଶୋ' ଏଲ୍‌ଆଇସି ଅଫିସ ଛକଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ଗୋପବନ୍ଧୁ ଛକ, ଓୟୁଏଟି ଗେଷ୍ଟ ହାଉସ ଛକରୁ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ୟୁନିଟ-୮ ଡିଏଭି ସ୍କୁଲ ଛକ, ଏଚଡିଏଫସି ବ୍ୟାଙ୍କ ଛକଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ବାଲୁଙ୍କେଶ୍ୱର ମନ୍ଦିର ଛକ, ମମତାଜଅଲ୍ଲୀ ହାଇସ୍କୁଲ, ଶ୍ରୀକୃଷ୍ଣ କ୍ଲବ ଠାରୁ ଡାହାଣ ପାର୍ଶ୍ୱ ରାସ୍ତା ଦେଇ ବେହେରା ସାହି ଛକ ଦେଇ ନିକୋପାର୍କ ଛକରେ ପହଞ୍ଚିଥିଲା । ଏହା ପରେ ସେଠାରୁ ନବୀନଙ୍କ ରୋଡ ଶୋ' ବାୟାବାବା ମଠ ରାସ୍ତାର ବାମ ପାର୍ଶ୍ୱ ଦେଇ ରୂପାଳୀ ଛକରେ ପହଞ୍ଚିଥିଲା । ଏହା ପରେ ସେଠାରୁ ୟୁଟର୍ଣ୍ଣ ନେଇ ରାମମନ୍ଦିର ଛକ, *(ପୃଷ୍ଠା ୭ରେ)*



### ଇଡିର 'କେଜ୍ରିୱାଲ ବିରୋଧୀ' ଆବେଦନକୁ ଗ୍ରହଣ କଲେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୬/୦୫**

ନିର୍ବାଚନ ରାଲିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦେଇଥିବା ବୟାନକୁ ବିରୋଧ କରି ସୁପ୍ରିମକୋର୍ଟ ଯାଇଥିବା ଇଡିକୁ ଝଟକା ଲାଗିଛି । ଇଡିର କେଜ୍ରିୱାଲ ବିରୋଧୀ ଆବେଦନକୁ ଗ୍ରହଣ କରି ନାହାନ୍ତି ସୁପ୍ରିମକୋର୍ଟ । ଯଦି ଲୋକମାନେ ଆପ୍‌କୁ ଭୋଟ ଦେବେ, ତା'ହେଲେ ତାଙ୍କୁ ଆଉ ଜେଲ୍ ଯିବାକୁ ପଡ଼ିବ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି । ଏପରି ଭାଷଣକୁ ବିରୋଧ କରି ଇଡି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଜଷ୍ଟିସ ସଞ୍ଜୀବ ଖାନ୍ନା *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ମନଇଚ୍ଛା ଅଭିଯୁକ୍ତଙ୍କୁ ଗିରଫ କରିପାରିବ ନାହିଁ ଇଡି



**ନୂଆଦିଲ୍ଲୀ, ୧୬/୦୫**

ଏକ ଐତିହାସିକ ନିଷ୍ପତ୍ତିକ୍ରମେ ସୁପ୍ରିମକୋର୍ଟ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର କ୍ଷମତାକୁ ସଙ୍କୁଚିତ କରି ଦେଇଛନ୍ତି । ପିଏମଏଲ ଆକ୍ଟର ଧାରା ୧୯ ଅନୁଯାୟୀ ଇଡି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପାଇଥିବା ଅଧିକାର ଉପରେ ସୁପ୍ରିମକୋର୍ଟ ସର୍ତ୍ତ ଲାଗୁ କରିଛନ୍ତି । ଯଦି ଅଭିଯୁକ୍ତ ସ୍ୱତନ୍ତ୍ର କୋର୍ଟଙ୍କ ସମନ ଅନୁସାରେ ହାଜର ହେଉଛନ୍ତି, ତା'ହେଲେ ଇଡି ତାଙ୍କୁ ଗିରଫ କରିପାରିବ ନାହିଁ । ଏପରି ସ୍ଥିତିରେ ଇଡିକୁ ଗିରଫଦାରୀ ପୂର୍ବରୁ କୋର୍ଟଙ୍କ ଅନୁମତି ନେବାକୁ ପଡ଼ିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ସୁପ୍ରିମକୋର୍ଟଙ୍କ କହିବା କଥା ଯେ ମାମଲାକୁ ସ୍ୱତନ୍ତ୍ର କୋର୍ଟ ନିଜ ଜ୍ଞାତକୁ ନେବା ପରେ ଇଡି ଓ ଏହାର ଅଧିକାରୀଙ୍କୁ ଧାରା ୧୯ରେ ଗିରଫଦାରୀ ପାଇଁ ମିଳିଥିବା କ୍ଷମତା ଶକ୍ତିହୀନ ହୋଇପଡ଼ିବ । ଅଭିଯୋଗପର୍ଦ୍ଧରେ ଥିବା ବ୍ୟକ୍ତିଙ୍କୁ ଇଡି ଗିରଫ କରିପାରିବ ନାହିଁ । ଜଷ୍ଟିସ ଅଭୟ ଏସ ଓକା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି, ଇଡି ଦ୍ୱାରା ଯଦି ଅଭିଯୁକ୍ତ ଗିରଫ ହୋଇ ନାହାନ୍ତି ଓ ସମନ ପାଇବା ପରେ କୋର୍ଟ ଆସୁଛନ୍ତି, ତା'ହେଲେ ତାଙ୍କୁ ଜାମିନ ଦେବା ପାଇଁ ଧାରା ୪୫ରେ ପ୍ରଦତ୍ତ କୌଣସି କଠିନ ସର୍ତ୍ତର ଆବଶ୍ୟକତା ନାହିଁ । ସମନ ପରେ ଯଦି ଅଭିଯୁକ୍ତଙ୍କୁ ନିଜ ହେପାଜତରେ ନେବାର ଆବଶ୍ୟକ ରହିଛି ବୋଲି ଇଡି କହିବ, ତା'ହେଲେ ତଦନ୍ତକାରୀ ସଂସ୍ଥାକୁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିବାକୁ ପଡ଼ିବ । ଯଦି କୋର୍ଟ ହେପାଜତର ଆବଶ୍ୟକ ରହିଛି ବୋଲି ଅନୁଭବ କରିବେ, ତା'ହେଲେ ଏଥିପାଇଁ ଅନୁମତି ଦେଇପାରିବେ । ଧାରା *(ପୃଷ୍ଠା ୭ରେ)*

## ପ୍ରଚାର ବେଳେ ରାଜ୍ୟ ସରକାରଙ୍କୁ ସମାଲୋଚନା କଲେ ନଡ୍ଡା

**ଭୁବନେଶ୍ୱର, ୧୬/୦୫**
**ନ୍ୟୁଜ ବ୍ୟୁରୋ**

ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ରାଜଧାନୀ ଭୁବନେଶ୍ୱରରେ ବିଶାଳ ରୋଡ୍ ଶୋ' କରିବା ପରେ ବରଗଡ଼ ଅଭିମୁଖେ ଯାଇଥିଲେ । ଅପରାହ୍ନରେ ନଡ୍ଡା ହେଲିକପ୍ଟର ଯୋଗେ ପଦ୍ମପୁର ନିର୍ବାଚନମଣ୍ଡଳୀର ଆରବି ହାଇସ୍କୁଲ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଏକ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଥିଲେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ତାଙ୍କ ଅଭିଭାଷଣରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଥିଲେ, ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଚାବି ହଜିଛି । କୁଆଡ଼େ ଗଲା ରତ୍ନଭଣ୍ଡାର ଚାବି, ରତ୍ନଭଣ୍ଡାର ଚାବି ମିଳିବାର ଅଛି ତ ବିଜେପିକୁ ଭୋଟ ଦିଅନ୍ତୁ । ଓଡ଼ିଶା ଉପରେ ବହୁତ ଅତ୍ୟାଚାର ହେଲାଣି । ୫ ବର୍ଷରେ ନରେନ୍ଦ୍ର ମୋଦି ସରକାର ବିଜୁଳି ବିଲ୍ ଶୂନ୍ୟ କରିଦେବେ ବୋଲି ନଡ୍ଡା କହିଥିଲେ । ଆୟୁଷ୍ମାନ ଭାରତ ଯୋଜନା କଥା ଉଠାଇ ଶ୍ରୀ ନଡ୍ଡା କହିଲେ ଗରିବ ଲୋକଙ୍କୁ ମୋଦି ୫ ଲକ୍ଷର ସ୍ୱାସ୍ଥ୍ୟ ସୁବିଧା ଦେଇଛନ୍ତି । ହେଲେ ନବୀନ ବାବୁ କିନ୍ତୁ ଓଡ଼ିଶାରେ ଆୟୁଷ୍ମାନ ଭାରତ ଲାଗୁ କଲେନି । ପ୍ରବାସୀ ଓଡ଼ିଆ ଶ୍ରମିକ *(ପୃଷ୍ଠା ୭ରେ)*



### ଏକାଳ ପକାଳ



ସରସ ସୁନ୍ଦର ନିର୍ବାଚନ ହେଉ
ନହେଉ ଯେ ଆଉ ହିଂସା
ଜୀବନ ନେବା ଜଳାପୋଡା ଜନେ
ନୁହେଁ ରାଜନୀତି ନିଶା
ଏ ସେବା ନୁହେଁ ପେସା
ଶାନ୍ତିପୂର୍ଣ୍ଣ ସ୍ୱଚ୍ଛ ହେଉ ଏ ପରବ
ଏତିକି କରିବା ଆଶା

## କୋଭିସିଲ୍ଡ ପରେ କୋଭାକ୍ସିନକୁ ନେଇ ଆସିଲା ସାଂଘାତିକ ତଥ୍ୟ

**ନୂଆଦିଲ୍ଲୀ, ୧୬/୦୫**

କରୋନା ମହାମାରୀ ସମୟରେ ଦେଶର ବହୁଳ ମାତ୍ରାରେ ଲୋକଙ୍କୁ କୋଭିସିଲ୍ଡ ଓ କୋଭାକ୍ସିନ ଟିକା ଦିଆଯାଇଥିଲା । ସେତେବେଳେ କୁହାଯାଇଥିଲା ଯେ କରୋନା ବିରୋଧରେ ଏହି ଟିକା ବ୍ରହ୍ମାସ୍ତ୍ର । ଏହାକୁ ସମସ୍ତେ ନେବା ଦରକାର । ହେଲେ ଏବେ ଏହି ଟିକାକୁ ନେଇ ଚିନ୍ତାଜନକ ଖବର ଆସିଛି । ଧୀରେ ଧୀରେ ଦୁଇଟି ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ଭୟଙ୍କର ତଥ୍ୟ ସାମ୍ନାକୁ ଆସିବା ଆରମ୍ଭ ହୋଇଛି । କୋଭିସିଲ୍ଡକୁ ବିକଶିତ କରିଥିବା ବ୍ରିଟିଶ କମ୍ପାନୀ ଆଷ୍ଟ୍ରାଜେନାକା ନିକଟରେ ଗୋଟିଏ କୋର୍ଟରେ ସ୍ୱୀକାର କରିଛି ଯେ ଏହାର ଟିକା କିଛି ଲୋକଙ୍କଠାରେ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ । ଏବେ ଭାରତ ବାୟୋଟେକ୍ କମ୍ପାନୀ ଦ୍ୱାରା ବିକଶିତ ଟିକା 'କୋଭାକ୍ସିନ'ର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ଏକ ରିପୋର୍ଟ *(ପୃଷ୍ଠା ୭ରେ)*

## ବନ୍ୟା ପ୍ରଭାବିତ ଅଞ୍ଚଳରେ ବର୍ଷା ବନ୍ଦ କରିବାକୁ କରାଯାଉଛି କ୍ଲାଉଡ ସିଡିଂର ପ୍ରୟୋଗ



**ଜାକର୍ତ୍ତା, ୧୬।୫**

ବର୍ଷା କରିବା ପାଇଁ କ୍ଲାଉଡ ସିଡିଂ ବ୍ୟବହାର କରିବା ବିଷୟ ସାଧାରଣ କଥା । କିନ୍ତୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଅଧିକ ବର୍ଷା ରୋକିବା ପାଇଁ ଇଣ୍ଡୋନେସିଆ କ୍ଲାଉଡ ସିଡିଂ ବ୍ୟବହାର କରୁଛି । ପ୍ରକୃତରେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ପ୍ରବଳ ବର୍ଷା ହେତୁ ଆକସ୍ମିକ ବନ୍ୟା ଯୋଗୁଁ ୬୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ନିଖୋଜ ହୋଇଯାଇଛନ୍ତି । ଏହି ସମୟ ମଧ୍ୟରେ ୪୪ ଜଣ ମଧ୍ୟ ଆହତ ହୋଇଛନ୍ତି । ବନ୍ୟା ଯୋଗୁଁ ଅନେକ ଘର ପାଣିରେ ଧୋଇ ହୋଇଯାଇଥିଲା । ଏହି କାରଣରୁ ୧୫୦୦ପରିବାର ଅସ୍ଥାୟୀ ଆଶ୍ରୟସ୍ଥଳକୁ ଯିବାକୁ ବାଧ୍ୟ ହୋଇଛନ୍ତି । ସରକାରଙ୍କ ଦ୍ୱାରା ରିଲିଫ କାମ କରାଯାଉଛି, କିନ୍ତୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି । ଆଶଙ୍କା ରହିଛି ଯେ ରିଲିଫ କାର୍ଯ୍ୟରେ ବାଧା ସୃଷ୍ଟି ହୋଇପାରେ । ଏଥିରୁ ରକ୍ଷା ପାଇବା ପାଇଁ ଅଧିକାରୀମାନେ କ୍ଲାଉଡ ସିଡିଂ ପ୍ରଣାଳୀ ବ୍ୟବହାର କରି ବନ୍ୟା ପ୍ରଭାବିତ ଅଞ୍ଚଳରେ ବର୍ଷା ବୃଦ୍ଧି *(ପୃଷ୍ଠା ୭ରେ)*



30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୭ ମଇ ୨୦୨୪ ଶୁକ୍ରବାର





## ଜିଲ୍ଲା ଯାଦବ ମହାସଭାର ନିର୍ବାଚନ କୋର କମିଟି ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭାର ନିର୍ବାଚନ କୋର କମିଟି ବୈଠକ ସ୍ଥାନୀୟ ଯାଦବ ଭବନ ଠାରେ ସଭାପତି ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯାଦବମାନଙ୍କ ସାମାଜିକ ଅର୍ଥନୈତିକ ଓ ରାଜନୈତିକ ସ୍ଥିତିବସ୍ଥାକୁ ଅନୁଧ୍ୟାନ କରିବା ସହ ଆଗାମୀ ନିର୍ବାଚନରେ ଯାଦବମାନେ କିପ୍ରକାର ନିର୍ଣ୍ଣାୟକ ଭୂମିକା ନେବେ ସେ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ମହାକାଳପଡା ଓ ମାର୍ଶାଘାଇ ବ୍ଲକର ଯାଦବ ମାନେ ସଂଗଠିତ ହୋଇ ବ୍ଲକ କମିଟି ବସି ଯାଦବ ମାନଙ୍କ ଭୋଟ ଅଧିକାର କେଉଁ ସ୍ତରକୁ ଯିବ ତାହା ଜିଲ୍ଲା କମିଟିର ନିର୍ଣ୍ଣାୟକ ନିଷ୍ପତ୍ତିକୁ ଅପେକ୍ଷା ରଖିଛନ୍ତି । ଖୁବ୍‌ଶିଘ୍ର ଜିଲ୍ଲାର ଆଉ ୭ଟି ବ୍ଲକ ଓ ୨ଟି ପୌରାଞ୍ଚଳର ଯାଦବ ମହାସଭା ବୈଠକ ତୁରନ୍ତ ଡକାଯାଇ ଏ ସମ୍ବନ୍ଧରେ ଚରମ ନିଷ୍ପତି ନେବା ସହ ଜିଲ୍ଲା କମିଟିର ନିଷ୍ପତିକୁ ସ୍ୱାଗତ କରିବେ ବୋଲି ଆହ୍ୱାନ ଦିଆଯାଇଛି । ଉକ୍ତ ବୈଠକରେ କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପୃଷ୍ଟି ମନୋଜ କୁମାର ପରିଡା, ସାଧାରଣ ସଂପାଦକ ଚିନ୍ମୟ ଦାସ, କୋଷାଧ୍ୟକ୍ଷ ନନ୍ଦ କିଶୋର ଦାସ, ଜିଲ୍ଲା କାର୍ଯ୍ୟାଳୟ ସଂପାଦକ ବିଶ୍ୱ ରଞ୍ଜନ ଦାସ, ମ୍ୟୁନିସିପାଲିଟିର ସଂପାଦକ ଲୋକନାଥ ଦାସ, ମହାକାଳପଡା ବ୍ଲକ ସଭାପତି ପ୍ରଦିପ ମହାପାତ୍ର, ମାର୍ଶାଘାଇର ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଗ୍ରୀଷ୍ମ ପ୍ରବାହ ଜାରି:ବଢୁଛି ଲସିର ଚାହିଦା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଗରମ ଓ ଗୁଳୁଗୁଳିରେ ଶୋଷ ମେଣ୍ଟାଇବା ପାଇଁ ଲୋକେ ବିଭିନ୍ନ ମୃଦୁ ପାନୀୟ, ପଣା, ଲସି ଆଦି ପିଉଛନ୍ତି । ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କେଉଁଠି ପଇଡ଼ ପାଣି, ବରଫ ସୋଡ଼ା, ଲେମ୍ବୁ ସରବତ, ତରଭୂଜ ଜୁସ୍ ଓ ଲସି ଆଦି ସହିତ ବିଭିନ୍ନ ନାମୀଦାମୀ କମ୍ପାନୀ ପକ୍ଷରୁ ମୃଦୁପାନୀୟ ବିକ୍ରି କରାଯାଉଛି । ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ଲୋକେ ବିଶେଷ ଭାବେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଥଣ୍ଡା ପାନୀୟକୁ ଅଧିକ ପସନ୍ଦ କରୁଛନ୍ତି । ଯେମିତି କି ପଇଡ଼ ପାଣି ବା ଦହି ଲସି । ହେଲେ ସେମାନେ ଯେତେ ସଚେତନ ଓ ସତର୍କ ହେଲେ ମଧ୍ୟ କେତେକାଂଶରେ ସେମାନେ ବି ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି । ସହରରେ ଏବେ ଛତୁ ଫୁଟିଲା ପରି ଦହି ଲସି ଦୋକାନମାନ ଖୋଲିଛି । ଅଧିକାଂଶ ଦହି ଲସି ଦୋକାନରେ ପ୍ରସ୍ତୁତ ହେଉଥିବା ଦହି ଲସିର ଶୁଦ୍ଧତା ପରିଖିବାକୁ କାହା ପାଖରେ ସମୟ ନାହିଁ । ଅନ୍ୟପଟେ ଡ଼ହଡ଼ହ ଖରା ଓ ଅସହ୍ୟ ଗୁଳିଗୁଳି ଲୋକଙ୍କୁ ଆପେ ଆପେ ଏହି ସବୁ ଲସି ଦୋକାନ ପାଖକୁ ଗ୍ରାହକଙ୍କୁ ଟାଣି ନେଇଯାଉଛି । ଆଉ ସେଠାରେ ଗ୍ରାହକମାନେ ଏହାକୁ ପିଇ ତୃଷ୍ଣା ମେଣ୍ଟାଉଛନ୍ତି । ସେମାନେ ଯାହାକୁ ଅସଲି ଦହିଲସି ଭାବି ପିଉଛନ୍ତି ପ୍ରକୃତରେ ତାହା ଅସଲି ନା ନକଲି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବଜାରରେ ଏବେ ଅନେକ ଶସ୍ତା କମ୍ପାନୀ ପ୍ରସ୍ତୁତ ପାଉଡ଼ର ମିଳୁଛି ଯେଉଁଥିରୁ ଦୋକାନୀ ହାଣ୍ଡି ହାଣ୍ଡି ଦହି ପ୍ରସ୍ତୁତ କରି ଗ୍ରାହକଙ୍କୁ ଦେଉଛନ୍ତି । ଏଥିରେ ମିଶ୍ରିତ ଆଉ ଏକ ସାମଗ୍ରୀ ହେଉଛି ଲାଲ୍ ଚେରି । ଏହା ମଧ୍ୟ ଅଧିକାଂଶ କ୍ଷେତ୍ରରେ ନକଲି ରହୁଛି । ଚେରୀର ଗୁଣବତ୍ତା ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଗ୍ରାହକ ତାକୁ ଖୁସି ଖୁସିରେ ଖାଇଯାଉଛନ୍ତି । ଏଥି ସହ ଲସି ଗ୍ଲାସକୁ ଅଧିକ ଆକର୍ଷଣୀୟ କରିବାକୁ ଦହି ଉପରେ ରଙ୍ଗୀନ ସର୍ବତ, ବର୍ଣ୍ଣଭିଟା, କାଜୁ ଓ ବିସ୍କୁଟ ପାଉଡ଼ର ଆଦି ବ୍ୟବହାର କରାଯାଉଛି । ହେଲେ ଅତ୍ୟନ୍ତ ଶସ୍ତା ଓ ନିମ୍ନମାନର ଏହି ଅପମିଶ୍ରିତ ନକଲି ଖାଦ୍ୟ ଉପରେ ଗ୍ରାହକ ନା ସ୍ୱାସ୍ଥ୍ୟ ବିଭାଗ କେହି ହେଲେ ଦୃଷ୍ଟି ଦେଉନାହାନ୍ତି । ଯେଉଁମାନେ ନିୟମିତ ଏହିଭଳି ଦହି ଲସି ପିଉଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଯେ, ନକରାତ୍ମକ ପ୍ରଭାବ ନପଡ଼ିବ ସେକଥା କିଏ କହିପାରିବ । କମ୍ ଅର୍ଥ ବିନିଯୋଗ କରି ଅଧିକ ଲାଭ ଉଠାଇବା ଲକ୍ଷ୍ୟରେ ଯେଉଁ ଲସି ବ୍ୟବସାୟୀ ଏପରି କରୁଛନ୍ତି ସେମାନଙ୍କ ଉପରେ କାହାରି ଦୃଷ୍ଟି ଥିବା ପରି ମନେ ହେଉନାହିଁ । ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ମତପ୍ରକାଶ ପାଇଛି ।

# ବିଜେଡ଼ିର ପଞ୍ଚାୟତ ସ୍ତରୀୟ ବୈଠକ ଓ ମିଶ୍ରଣ ପର୍ବ



**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ଅଳାଇଲୋ ପଞ୍ଚାୟତର କୁମାରୁଣି ସ୍ଥିତ ମା' କାଳିଆରଣା ପୀଠରେ ଅଳାଇଲୋ ପଞ୍ଚାୟତର ବିଜୁ ଜନତା ଦଳର ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିସହ ଅନ୍ୟଦଳର ବହୁ କର୍ମୀ ଆନୁଷ୍ଠାନିକ ଭାବେ ବିଜେଡ଼ିରେ ସାମିଲ ହୋଇଛନ୍ତି । ଏଥିରେ ମୁଖ୍ୟଅତିଥିବା ଭାବେ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଲେ ଜୁଲାଇରୁ ଆପଣମାନଙ୍କ ଘରକୁ ଆସିବନି ବିଜୁଳି ବିଲ୍ । ଓଡ଼ିଶାର ୯୦ ଭାଗ ଲୋକଙ୍କର ବିଜୁଳି ବିଲ୍ ନବୀନ ପଟ୍ଟନାୟକ ଦେବେ । ମହିଳାମାନଙ୍କର ଉନ୍ନତି କାମ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ରଖି କାମ କରନ୍ତି । ମିଶନଶକ୍ତି ମା' ମାନେ ପେନ୍‌ସନ୍ ପାଇବେ । ସମସ୍ତଙ୍କୁ ମିଳିବ ବିଏସ୍‌କେୱାଇ କାର୍ଡ଼ । ଓରତ ପୋଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ପୂର୍ଣ୍ଣ ହୋଇଛି । ଏ ଅଞ୍ଚଳର ଗମନାଗମନରେ ଓରତ ସେତୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଜୁନ୍ ୯ ତାରିଖରେ ନବୀନ ପଟ୍ଟନାୟକ ପୁଣି ମୁଖ୍ୟମନ୍ତ୍ରୀ ହେବେ । ଅଳାଇଲୋ ପଞ୍ଚାୟତର ଆଶିର୍ବାଦ ମୋ ଉପରେ ରହିବା ସହିତ ଏ ଅଞ୍ଚଳର ପୂର୍ବତନ ବିଧାୟକ ତଥା ଦରଦୀ ମଣିଷ ନଳିନୀକାନ୍ତ ମହାନ୍ତିଙ୍କ ସୁପୁତ୍ର ଅଂଶୁମାନ ମହାନ୍ତି ବିଜେଡ଼ିର ଲୋକସଭା ପ୍ରାର୍ଥୀ ଅଛନ୍ତି । ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ମନ୍ତ୍ରୀ ମହୋଦୟ ଲୋକଙ୍କୁ ନିବେଦନ କରିଛନ୍ତି । ମା' ମାନଙ୍କ ଆଶିର୍ବାଦ ମୋ ପାଇଁ ବଡ଼ ଆଶିର୍ବାଦ ବୋଲି ମନ୍ତ୍ରୀ ମହୋଦୟ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡ଼ିର ବରିଷ୍ଠ ନେତା ଭକ୍ତ ଚରଣ ପଣ୍ଡା, ସରପଞ୍ଚ ଗୀତାଞ୍ଜଳି ଦାସ, ସଭ୍ୟା ମଧୁସ୍ମିତା ଦାସ, ପଞ୍ଚାୟତ ବିଜେଡ଼ିର ଯୁବନେତା ସନ୍ତୋଷ କର, ଅମୀୟ ନାୟକ, ଦେବଦତ ପରିଡ଼ା, ପ୍ରଫୁଲ୍ଲ ଦାସଙ୍କ ସମେତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ ।

## ଦିଗପହଣ୍ଡି କଂଗ୍ରେସ ବିଧାୟକ ପ୍ରାର୍ଥୀ ଓ ତାଙ୍କ ସମର୍ଥକଙ୍କ ନାମରେ ଥାନାରେ ଏତଲା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗୋଳନ୍ଥରା ଥାନା ଅଧିନ ଶିହଳାର ସୁଧାଂଶୁ ସଂଗ୍ରାମ ପାଢୀ ଓ ତାଙ୍କ ପାର୍ଟନର କୁକୁଡାଖଣ୍ଡି ଅଞ୍ଚଳରେ ପ୍ଲଟ ବ୍ୟବସାୟୀ କରୁଛନ୍ତି । ସୁଧାଂଶୁଙ୍କ ନିକଟରେ କାମ କରୁଥିବା କିଛି କର୍ମଚାରୀଙ୍କୁ ସେହି ପ୍ଲଟ ଉପରେ କେତେକ ବ୍ୟକ୍ତି ଲୁହାରଡରେ ଆକ୍ରମଣ କରିଥିଲେ । ଏହା ଶୁଣିବା ପରେ ସୁଧାଂଶୁ ଓ ତାଙ୍କ ବାପା, ୨ ଭାଇ ଓ ପାର୍ଟନରଙ୍କ ସହ ଆକ୍ରମଣର ଶିକାର ହୋଇଥିବା କର୍ମଚାରୀଙ୍କୁ ନେଇ ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ । ଥାନା ଅଧିକାରୀ ସମସ୍ତଙ୍କୁ କିଛି ସମୟ ବାହାରେ ଅପେକ୍ଷା କରିବାକୁ କହିବାରୁ ବାହାରକୁ ଆସି ସେମାନେ ଅପେକ୍ଷା କରିଥିଲେ । ଏହି ସମୟରେ ଦିଗପହଣ୍ଡି କଂଗ୍ରେସର ବିଧାୟକ ପ୍ରାର୍ଥୀ ସାକା ସୁଜିତ ଓ ତାଙ୍କର ୬ ରୁ ଅଧିକ ସମର୍ଥକ ସେଠାରେ ପହଞ୍ଚି ସୁଧାଂଶୁ ଓ ତାଙ୍କ ବାପା ଭାଇଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ସୁଧାଂଶୁଙ୍କ ବାପା ଓ ଭାଇ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ବିଧାୟକ ପ୍ରାର୍ଥୀ ସାକା ସୁଜିତ୍ କୁମାରଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରିବାକୁ ବିରୋଧ କରି ସଦର ଥାନାରେ ପହଞ୍ଚିଲେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଦୀପକ ପଟ୍ଟନାୟକ ଓ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ରଶ୍ମି ରଞ୍ଜନ ପଟ୍ଟନାୟକ ।

## ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ କରିବାକୁ ଦାବି

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା କାର୍ଯ୍ୟାଳୟ ନିକଟରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ସହରର ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅସମର୍ଥ ହୋଇଥିବା ଅଭିଯୋଗ କରି ଏହି କେନ୍ଦ୍ରକୁ ସରକାର ହାତକୁ ନେଇ ଏକ ସ୍ୱୟଂସମ୍ପୂର୍ଣ୍ଣ ହସପିଟାଲରେ ପରିଣତ କରିବା ପାଇଁ ଚୌଦ୍ୱାରବାସୀଙ୍କ ତରଫରୁ ଦାବି ହୋଇଛି । ସୂଚନାଯୋଗ୍ୟଯେ ସୋସିଆଲ ଆୱାରନେସ୍ ଇନ୍‌ଷ୍ଟିଚ୍ୟୁସନ୍ (ସାଇ) ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଏହି ପ୍ରାଇମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଡାକ୍ତର ଓ କିଛି ସ୍ୱାସ୍ଥ୍ୟ କର୍ମଚାରୀ ରହିଥିବାବେଳେ ଆଶୁ ଚିକିତ୍ସା ପାଇଁ ଏଠାରେ କୌଣସି ବ୍ୟବସ୍ଥା ନାହିଁ । ଜରୁରୀ କାଳୀନ ପରିସ୍ଥିତିରେ ସ୍ଥିତିରେ ରୋଗୀ ମାନଙ୍କୁ କଟକ ବଡ଼ ଡାକ୍ତରଖାନା କିମ୍ବା ସିଟି ହସପିଟାଲକୁ ଯିବାକୁ ଯିବାପାଇଁ ପଡ଼ିଥାଏ । ଚୌଦ୍ୱାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ଦିନବେଳା ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆ ଯାଉଥିବାବେଳେ ଅନ୍ୟ ସମୟରେ ତାହା ବନ୍ଦ ରହୁଛି । ଏଥି ସହିତ ରୋଗୀ ମାନଙ୍କ ପାଇଁ ପର୍ଯ୍ୟପ୍ତ ଔଷଧ ମଧ୍ୟ ଏଠାରେ ରଖାଯାଉନାହିଁ । ଫଳରେ ୫୧ ହଜାରରୁ ଉର୍ଦ୍ଧ ଜନସଂଖ୍ୟା ବିଶିଷ୍ଟ ଏହି ସହରର ଲୋକମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେବା ସହ ନାନା ହଇରାଣ ହରକତ ହେଉଛନ୍ତି । ତେଣୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ହାତକୁ ନେବା, ଏଠାରେ ୨୪ ଘଣ୍ଟିଆ ସେବା ପ୍ରଦାନ ସହିତ ୨ ଜଣ ମେଡ଼ିସିନ୍ ବିଶେଷଜ୍ଞଙ୍କୁ ନିଯୁକ୍ତି ପ୍ରଦାନ, ଅଧିକ ୨ ଜଣ ଫାର୍ମାସିଷ୍ଟ ଓ ୫ ଜଣ ପାରା ମେଡ଼ିକାଲ ଷ୍ଟାଫ ନିଯୁକ୍ତି, ମେଡ଼ିକାଲ କ୍ୟାମ୍ପସରେ ଏକ ସରକାରୀ ମେଡ଼ିସିନ କାଉଣ୍ଟରର ପ୍ରତିଷ୍ଠା, ଶିଶୁଙ୍କ ପାଇଁ ଟିକା କରଣ କେନ୍ଦ୍ର ଖୋଲିବା, ମେଡ଼ିକାଲ ପରିସରରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ଆଦି ପାଇଁ ଦାବି କରାଯାଇଛି । ଏସମ୍ପର୍କିତ ୯ ଦଫା ସମ୍ବଳିତ ଏକ ଦାବିପତ୍ର କଟକ ଜିଲ୍ଲାପାଳ, ସିଡ଼ିଏମ୍‌ଓ, ଡିସିପି, ଚୌଦ୍ୱାର ପୌର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।



## ବିଜେପିର ମିଶ୍ରଣ ପର୍ବ, ଶତାଧିକ କର୍ମୀ ସାମିଲ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ଜିଲ୍ଲା ଉପ ସଭାପତି ସଂଜୟ ରଥ, ଅଭିମନ୍ୟୁ ଗୋଛାୟତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ଲଳିତ ରାୟ, ଯୁବ ନେତା ହିମାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କଂସାର ବଡ ଦାଣ୍ଡୁଆ ଗ୍ରାମ ପଞ୍ଚାୟତର ରାମଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ବିଜେଡି ଦଳର ବ୍ଲକ ସ୍ତରର ନେତା ଅଭିମନ୍ୟୁ ରାଉତ, ହିମାଂଶୁ ମାନା, ୱାର୍ଡ ସଭ୍ୟ ପରମାନନ୍ଦ ସ୍ୱାଇଁ, ଅଶ୍ୱିନୀ ମଣ୍ଡଳ, ସବିତାରାଣୀ ମଣ୍ଡଳ, କାବେରୀ ନାଥ ପ୍ରମୁଖଙ୍କ ସହ ବିଜେଡି ଓ କଂଗ୍ରେସ ଦଳର ଶତାଧିକ କର୍ମୀ ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । କାର୍ଯ୍ୟକ୍ରମରେ ସତ୍ୟ ପ୍ରକାଶ ସାମଲ, ଅଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



## ପୂର୍ବତନ ସୈନିକ ପରିବାର ପକ୍ଷରୁ ଜଳଛତ୍ର

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ପୂର୍ବତନ ସୈନିକ ପରିବାର ତିର୍ତ୍ତୋଲ ଉପଖଣ୍ଡ ପକ୍ଷରୁ ଜଳଛତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋପାଳପୁର ଶଙ୍ଖେଶ୍ୱର ପଞ୍ଚାୟତ ବଡଜିଙ୍ଗଲ ଗ୍ରାମୀଣ ପାର୍କ ଛକ ନିକଟରେ ପୂର୍ବତନ ସୈନିକ ପରିବାର ପକ୍ଷରୁ ଗ୍ରୀଷ୍ମ ପ୍ରବାହ ପାଇଁ ଜଳଛତ୍ର ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିରେ ପୂର୍ବତନ ସୈନିକ ରବି ନାରାୟଣ ପଣ୍ଡା, ସୁଶାନ୍ତ କୁମାର ସାହୁ, ମାଧବ ସ୍ୱାଇଁ, ବିରାଜ ମୋହନ ମହାପାତ୍ର, ଅଭୟ ଚରଣ ମଲ୍ଲିକ, ନିରଞ୍ଜନ ବିଶ୍ୱାଳ, ଅଭୟ କୁମାର ସାହୁ, ଅସୁସ ମହାପାତ୍ର, ନିରଞ୍ଜନ ମଲ୍ଲ, ସୀତାକାନ୍ତ କରଙ୍କ ସମେତ ପୂର୍ବତନ ସୈନିକ ପରିବାରର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ମହତ କାର୍ଯ୍ୟପାଇଁ ସ୍ଥାନୀୟ ଅଞ୍ଚଳରେ ଶୁଭେଚ୍ଛାର ବାର୍ତ୍ତା ଛୁଟିଥିଲା ।

## ଏରସମା-ବାଲିକୁଦା ସ୍ୱାଧୀନ ପ୍ରାର୍ଥୀ ସଂଜୀବ ବିଶ୍ୱାଳଙ୍କ ନାମାଙ୍କନ ପତ୍ର ଦାଖଲ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଏରସମା-ବାଲିକୁଦା ବିଧାନସଭା କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଯୁବନେତା ସଂଜୀବ ବିଶ୍ୱାଳ ଓ ତାଙ୍କ ଧର୍ମପତ୍ନୀ ଶ୍ରୀୟା ବିଶ୍ୱାଳ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ନିଙ୍ଗ ଅଧିକାରୀ ସମ୍ବିତ ରାଉତଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସଂଜୀବ ଦୀର୍ଘଦିନ ହେବ ବିଜୁ ଜନତା ଦଳରେ ରହି ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ କରିଥିବାବେଳେ ବିଜୁ ଜନତା ଦଳକୁ ମଜବୁତ କରାଇଥିଲେ । ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିବାବେଳେ ଦଳ ସାରଦା ଜେନାଙ୍କୁ ପ୍ରାର୍ଥୀ ହୋଇଛନ୍ତି । ପରେ ସଂଜୀବ ଅସନ୍ତୁଷ୍ଟ ହୋଇ ତାଙ୍କ ସମର୍ଥକ ଓ ନେତୃବୃନ୍ଦ ମାନଙ୍କ ସହିତ ଆଲୋଚନା କରି ପରାମର୍ଶ କ୍ରମେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ । ପ୍ରସଙ୍ଗ ଭିତ୍ତିକ ରାଜନୀତି ଓ ସାଲିସବିହୀନ ସଂଗ୍ରାମ ପାଇଁ ଜିଲ୍ଲାରେ ଚର୍ଚ୍ଚାରେ ଥିବା ସଂଜୀବ ତାଙ୍କ ପ୍ରାର୍ଥୀ ପତ୍ର ଦାଖଲ ପରେ ଗଣମାଧ୍ୟମକୁ କହିଛନ୍ତି ଯେ ଏରସମା - ବାଲିକୁଦା ଭୋଟରଙ୍କ ମୁଡ୍ ବଦଳିଯାଇଛି । ବଂଶବାଦ ଭ୍ରଷ୍ଟାଚାର ବିରୋଧରେ ବାଲିକୁଦା ଏରସମା ଲୋକେ ଏଥର ଭଲ ପ୍ରାର୍ଥୀକୁ ଭୋଟ ଦେବେ ବୋଲି ସ୍ଥିର କରିଛନ୍ତି । ସଂଜୀବ ବାଲିକୁଦା ବ୍ଲକ ମା' କରକେଇ ପୀଠ ନିଜ ଗ୍ରାମ ଗ୍ରାମଦେବୀଙ୍କ ଦର୍ଶନ ପରେ କଣିହାଁ ଛକ ଠାରୁ ସହସ୍ରାଧିକ ସମର୍ଥନ ମାନଙ୍କ ସହ ଶୋଭାଯାତ୍ରା ଆରମ୍ଭ କରିଥିଲେ । ସମିଲ ଛକ, ଇଚ୍ଛାପୁର, ସଦେଇପୁର, ବାଲିଭଉଁରୀ, ଦିହସାହି, ବଙ୍ଗଳାଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସଂଜୀବଙ୍କ ସହ ତାଙ୍କ ଧର୍ମପତ୍ନୀ ଶ୍ରୀୟା ମଧ୍ୟ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ନିଙ୍ଗ ଅଧିକାରୀ ସମ୍ବିତ ରାଉତଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ଏହାପରେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଭ୍ରଷ୍ଟାଚାର ଶାସନ ଚଳାଇଥିବା କ୍ଷମତାସୀନ ନେତାଙ୍କ କାର୍ଯ୍ୟଧାରା ଯଦି କାହାକୁ ଭଲ ଲାଗୁଛି ତେବେ ତାଙ୍କୁ ସେମାନେ ଭୋଟ ଦିଅନ୍ତୁ । ରାଜନୀତି କଦାପି ବେପାର ନୁହେଁ ଯେ ଜନମତକୁ କିଣାଯିବ ଏବଂ ଏହା ବଳରେ ବେପାର କରାଯିବ ବୋଲି କହିଥିଲେ ।

## ଅଂଶୁଘାତରେ ଦିନମଜୁରିଆଙ୍କ ମୃତ୍ୟୁ ଅଭିଯୋଗ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମର ଜଣେ ଦିନ ମଜୁରୀଆର ଅଂଶୁଘାନ ଜନିତ ମୃତ୍ୟୁ ହୋଇଥିବାର ତାଙ୍କ ପରିବାର ତରଫରୁ ଅଭିଯୋଗ ହୋଇଛି । ତାଙ୍କର ମୃତ ଦେହକୁ ବ୍ୟବଛେଦ ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମର ଅଲେଖ ବେହେରାଙ୍କ ପୁତ୍ର ବିକାଶ ବେହେରା (୨୮) ଜଣେ ଦିନ ମଜୁରିଆ ଅଟନ୍ତି । ବୁଧବାର ଦିନ ବିକାଶ କାଠ କାମ କରିବା ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ଅଞ୍ଚଳରକୁ ଯାଇଥିଲେ । ତେବେ ଅସହ୍ୟ ରୌଦ୍ରତାପ ଯୋଗୁ କାଠକାମ କରୁଥିଲା ବେଳେ ହଠାତ୍ ସେଠାରେ ଟଳି ପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବାର ପରିବାର ତରଫରୁ କୁହାଯାଉଛି । ତେବେ ତାଙ୍କର ମୃତ୍ୟୁ ଅଂଶୁଘାତ ଜନିତ ନା ହୃଦ୍‌ଘାତ ଜନିତ ବ୍ୟବଛେଦ ରିପୋର୍ଟ ହସ୍ତଗତ ହେଲେ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ଜଣାଯାଇଛି । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ପୂର୍ବତନ ସରପଞ୍ଚ ମହେଶ୍ୱର ବାରିକ, ଯୁବନେତା ରାଜକିଶୋର ସିଂ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସମାଜସେବୀ ନିତ୍ୟାନନ୍ଦ ସେଠୀ ପ୍ରମୁଖ ଦୃଢ ଦାବି କରିଛନ୍ତି ।

## ଉଠା ଦୋକାନୀଙ୍କ କବ୍‌ଜାରେ ବେଳାଭୂମି

**ବ୍ରହ୍ମପୁର/ଗୋପାଳପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳମାନଙ୍କ ମଧ୍ୟରେ ଗୋପାଳପୁର ବେଳାଭୂମିର ସ୍ଥାନ ରହିଛି । ଏବେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି । ବିଶେଷ କରି ବେଳାଭୂମି ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ମୁଖ୍ୟ ବେଳାଭୂମି ରହିଥିବା ବେଳେ ଏବେ ଏହା ଉଠା ଦୋକାନୀଙ୍କ କବ୍‌ଜାରେ ରହିଛି । ଫଳରେ ପର୍ଯ୍ୟଟକମାନେ ମୁଖ୍ୟ ବେଳାଭୂମି ବୁଲାବୁଲି କରିବାରେ ଅସୁବିଧା ପରିଲକ୍ଷିତ ହୋଇଛି । ମୁଖ୍ୟ ବେଳାଭୂମିରେ ଦୋକାନ କରିଥିବା ଉଠା ଦୋକାନୀମାନେ ଗ୍ରାହକଙ୍କ ନିମନ୍ତେ ଦୋକାନ ସମ୍ମୁଖରେ ଚେୟାର ପକାଇଥିବା ବେଳେ ଭୁଲ୍ ବଶତଃ ଯଦି କୌଣସି ପର୍ଯ୍ୟଟକ ଚେୟାରରେ ବସିପଡ଼ନ୍ତି, ଦୋକାନୀ ତାଙ୍କ ଠାରୁ ଚେୟାର ପିଛା ଜୋର୍‌ଜବରଦସ୍ତ ୨୦ ଟଙ୍କା ଲେଖାଏଁ ଆଦାୟ କରୁଥିବା ଅଭିଯୋଗ ହେଉଛି । ଯାହା ପର୍ଯ୍ୟଟକଙ୍କୁ ବ୍ୟଥିତ କରୁଛି । ଗୋପାଳପୁର ଏକ ପର୍ଯ୍ୟଟନ ସ୍ଥଳ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ବେଳାଭୂମି ପରିସରରେ ଚେୟାର ବ୍ୟବସ୍ଥା କରାଯାଉନଥିବାରୁ ଉଠା ଦୋକାନୀଙ୍କ ଦୌରାତ୍ମ୍ୟ ବଢ଼ି ଯାଉଥିବା ଅଭିଯୋଗ ହୋଇଛି । ମୁଖ୍ୟ ବେଳାଭୂମି ପରିସରରୁ ଉଠା ଦୋକାନୀଙ୍କୁ ହଟାଇ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଦୋକାନୀଙ୍କ ଦ୍ୱାରା ପର୍ଯ୍ୟଟକଙ୍କ ଠାରୁ ଚେୟାରରେ ବସିଲେ ୨୦ ଟଙ୍କା ଲେଖାଏଁ ଆଦାୟ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି । ଅନ୍ୟ ପଟେ ଗତ କିଛି ବର୍ଷ ତଳେ ଏହିପରି ଅଭିଯୋଗ ହେବାରୁ ମୁଖ୍ୟ ବେଳାଭୂମିରୁ ଉଠା ଦୋକାନୀମାନଙ୍କୁ ହଟାଯିବା ସହ ଚେୟାରରେ ପର୍ଯ୍ୟଟକ ବସିଲେ ଟଙ୍କା ଆଦାୟ ନକରିବାକୁ ତାଗିଦ୍ କରାଯାଇଥିଲା । କିନ୍ତୁ ଏବେ ପୁଣିଥରେ ଏପରି ବ୍ୟବସ୍ଥା ଆରମ୍ଭ କରାଯାଉଥିବାରୁ ଏହାକୁ ଅନେକ ନାପସନ୍ଦ କରିଛନ୍ତି ।

## ଶନିଶ୍ଚରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବଜାର ସ୍ଥିତ ପ୍ରସିଦ୍ଧ ଶ୍ୱେତବଟ ଗ୍ରହରାଜ ଶନିଶ୍ଚରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ସୋମବାର ରାତ୍ରର ବିଳମ୍ବିତ ପ୍ରହରରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସଭାରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ବୈଦିକ ବ୍ରାହ୍ମଣ ପଣ୍ଡିତମାନେ ସତ୍ୟ ସନାତନ ଧର୍ମ ରକ୍ଷା ପାଇଁ ସମାଜକୁ ଦିଗ୍‌ଦର୍ଶନ ଦେଇଥିଲେ । ଗତ ଶୁକ୍ରବାର ପୀଠର ମହନ୍ତ ନିତ୍ୟାନନ୍ଦ ଦାସ ମହାରାଜ ଓ ସନ୍ଥ ନିର୍ମଳ ଚନ୍ଦ୍ର ମିଶ୍ର ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଙ୍କୁରାରୋପଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯଜ୍ଞକାର୍ଯ୍ୟରେ ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ସଞ୍ଜୟ କୁମାର ଷଡଙ୍ଗୀ, ଆଚାର୍ଯ୍ୟ ସୁବୋଧ କୁମାର ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁମଣ୍ଡଳ ପୂଜା, ପଞ୍ଚଦେବ ପୂଜା କରାଯାଇ ଯଜ୍ଞ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାରମ୍ପରିକ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା । ନାଳିପଡିଆ ଜଗନ୍ନାଥ ବାବା ମଠରୁ ଚକ୍ରରାଜଙ୍କୁ ଅଣାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯିବା ପରେ ପୀଠେଶ୍ୱରୀ ମା' ଦକ୍ଷିଣକାଳୀଙ୍କ ଷୋଡଶ ଉପଚାର ପୂଜା ସହ ଗ୍ରହରାଜ ଶନିଶ୍ଚରଙ୍କ ଜଳାଭିଷେକ ଓ ତୈଳାଭିଷେକ କରାଯାଇ ଯଥାରୀତି ଉପଚାର ପୂଜା କରାଯାଇଥିଲା । ପରେ ସୁଦର୍ଶନ, ଦକ୍ଷିଣକାଳୀ, ଶନିଶ୍ଚରଙ୍କ ସହସ୍ରାହୁତୀ କରାଯିବା ସହ ଗୀତାପାଠ ସହ ଚଣ୍ଡିପାଠ କରାଯାଇଥିଲା । ଏହି ଯଜ୍ଞ କାର୍ଯ୍ୟରେ ପଣ୍ଡିତ ଭବାନୀ ଶଙ୍କର ଦାସ, ସାରଦା ପ୍ରସାଦ ଷଡଙ୍ଗୀ, ଧର୍ମନାରାୟଣ ଶତପଥି, ବିଶ୍ୱଭୂଷଣ ପଣ୍ଡା, ଚନ୍ଦନ କୁମାର ଆଚାର୍ଯ୍ୟ, ରୁଦ୍ରନାରାୟଣ ପଣ୍ଡା, ନୀଳକଣ୍ଠ ଦାଶ, ବାସୁଦେବ ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ବୈଦିକ ମତେ ଯଜ୍ଞ ମଣ୍ଡପରେ ବିଭିନ୍ନ ଦାୟୀତ୍ୱ ନିର୍ବାହ କରିଥିଲେ । କର୍ତ୍ତାଭାବେ ଅଶୋକ କୁମାର ମହାପାତ୍ର ଓ କର୍ତ୍ତୀଭାବେ ମୋନାଲିନ ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଯଜ୍ଞ କାର୍ଯ୍ୟକୁ ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ପୂର୍ବକର୍ତ୍ତା ନିତ୍ୟାନନ୍ଦ ମହପାତ୍ର, ଗୋଲଖ ଚନ୍ଦ୍ର ପରିଡା, ଦୁର୍ଗାଚରଣ ସେନାପତି, ଶ୍ରୀଧର ଶେଖର ମହାପାତ୍ର, ସରୋଜକାନ୍ତ ସାହୁ, ସୁବ୍ରତ ସ୍ୱାଇଁ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମୁରବୀ, ବୁଦ୍ଧିଜୀବୀ ଓ ଆଧ୍ୟାତ୍ମିକ ବାଦୀ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ବିଜେପି ପ୍ରାର୍ଥୀଙ୍କ ପୌରାଞ୍ଚଳରେ ନିର୍ବାଚନୀ ପ୍ରଚାର

**କେନ୍ଦ୍ରାପନା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର କରିଥିବା ଗୀତାଞ୍ଜଳୀ ସେଠୀ ତାଙ୍କର ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି । ବୁଧବାର ଶ୍ରୀମତୀ ସେଠୀ ପୌରାଞ୍ଚଳ ୨୧ନଂ ୱାର୍ଡ ଗ୍ରାମରେ ଘରକୁ ଘର ବୁଲି ଲୋକ ମାନଙ୍କୁ ପଦ୍ମ ଫୁଲରେ ଭୋଟ ଦେଇ ସଂସଦ ଏବଂ ବିଧାୟିକା ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବା ପାଇଁ ନିବେଦନ କରିବା ସହିତ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ସପକ୍ଷରେ ଭାଷଣ ପ୍ରଦାନ କରିଥିଲେ । ବିଶ୍ୱରେ ଭାରତକୁ ନରେନ୍ଦ୍ର ମୋଦୀ ସରକାର ୧ ନମ୍ବରରେ ପରିଣତ କରିଥିବା ଓ ରାଜ୍ୟରେ ବିଜେଡି ସରକାରଙ୍କ ଅପାରଗତା ସଂପର୍କରେ ପ୍ରକାଶ କରିଥିଲେ । ତାଙ୍କର ଏହି ପ୍ରଚାର ସମୟରେ ନଗର ସଭାପତି ପ୍ରଭାତ କୁମାର ମହାନ୍ତି, ଉପ ସଭାପତି ଅଶୋକ କୁମାର ମଲିକ, ବିନୋଦ ବେହେରା, ଅନନ୍ତ ଗୋପାଳ ସାହୁ, ଜିତେନ୍ଦ୍ର ପଣ୍ଡା, ବାପି ଟୁଡୁ, ନାରାୟଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପି ପ୍ରାର୍ଥୀ ସ୍ମୃତିରେଖା ପହି ନାମାଙ୍କନପତ୍ର ଦାଖଲ କଲେ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବିଜେପି ପ୍ରାର୍ଥୀ ଭାବେ ସ୍ମୃତିରେଖା ପହି ମଙ୍ଗଳବାର ଦିନ ବିରାଟ ଶୋଭାଯାତ୍ରାରେ ଯାଇ ନିଜ ପ୍ରାର୍ଥୀପତ୍ର ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ନିକଟରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ତାଙ୍କ ଗହଣରେ ସାଂସଦ ପ୍ରାର୍ଥୀ ଡକ୍ଟର ରବିନ୍ଦ୍ର କୁମାର ବେହେରା ମଧ୍ୟ ଥିଲେ । ଶ୍ରୀମତୀ ପହି ନିଜ ଗ୍ରାମଦେବତୀ ମା' ଜାଗୁଳାଇ ଠାକୁରାଣୀଙ୍କ ପାଖରେ ପୂଜାର୍ଚ୍ଚନା କରିବା ପରେ ଆଶୀର୍ବାଦ ନେଇ ଶାନ୍ତିବଜାର ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ପରେ ଜାରକା ମହୋତ୍ସବ ପଡିଆରୁ ଖୋଲା ଗାଡ଼ିରେ କର୍ମୀମାନଙ୍କ ଗହଣରେ ଶୋଭାଯାତ୍ରାରେ ବାହାରିଥିଲେ । ଧର୍ମଶାଳା ନିର୍ବାଚନ ଣ୍ଡଳୀର ୫୪ଟି ପଞ୍ଚାୟତର ସମସ୍ତ ଦଳୀୟକର୍ମୀ ମାନେ ବାଇକ ରାଲିରେ ବିଭିନ୍ନ ସ୍ଲୋଗାନ ଦେଇ ଯାଇଥିଲେ । ଶୋଭାଯାତ୍ରାରେ ମାନସ କୁମାର ମହାନ୍ତି, ହିମାଂଶୁ ମହାପାତ୍ର, ସଂଯୋଜକ ଅରୁଣ କୁମାର ସାହୁ, ଜିଲ୍ଲା ଓବିସି ମୋର୍ଚ୍ଚା ସଂଯୋଜକ ବିବେକ ଗନ୍ତାୟତ, ରାକେଶ କୁମାର ନାୟକ, ସଞ୍ଜୟ କୁମାର ଲେଙ୍କା, ନୀଳମଣି ଦାସ, କୁଳମଣି ମଲ୍ଲିକ, ହେମନ୍ତ କୁମାର ଆର୍ଯ୍ୟ ଓ ରାଜେଶ ଦାସ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରୁଥିଲେ ।

## ଜଗତସିଂହପୁର ସ୍ୱାଧୀନ ସାଂସଦ ପ୍ରାର୍ଥୀ ଶଙ୍କର ଦାସଙ୍କ ନାମାଙ୍କନ ପତ୍ର ଦାଖଲ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ୧୬ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲାପାଳ ତଥା ରିର୍ଟନିଙ୍ଗ ଅଧିକାରୀ ଅନୁପମ ସାହାଙ୍କ ନିକଟରେ ଉତ୍କଳ ସମାଜ ପାର୍ଟିର ଭାନୁମତି ଦାସ, କମ୍ୟୁନିଷ୍ଟ ପାର୍ଟିର ମହେଶ୍ୱର ଦାସ, ସ୍ୱାଧୀନ ପ୍ରାର୍ଥୀ ଭାବେ ଶଙ୍କର ଦାସ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଶଙ୍କର ଦାସ ଜଣେ ସମାଜସେବୀ, ଦଳିତ ନେତା ଓ ଅଲ ଓଡ଼ିଶା ଭୋଇ ସମାଜ ଜିଲ୍ଲା ସଭାପତି ଭାବେ ପରିଚିତ । ସେ ଦଳିତ ଓ ନିଷ୍ପେସିତ ବର୍ଗର ଲୋକ ମାନଙ୍କ ପାଇଁ ଅହରହ ସେବାରେ ନିୟୋଜିତ ଥାନ୍ତି । ପ୍ରାର୍ଥୀ ହୋଇ ବିଜୟ ଲାଭ କଲେ ସମାଜ ସେବାକୁ ଆହୁରି ତ୍ୱରାନ୍ୱିତ କରିହେବ ବୋଲି ଥରୁଟିଏ ସୁଯୋଗ ଦେବାପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ । ଶଙ୍କର ଦାସ ସମର୍ଥକ ମାନଙ୍କ ସହିତ ସ୍ଥାନୀୟ ଟାଉନ ହଲ ନିକଟରୁ ଶୋଭାଯାତ୍ରାରେ ଆସି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଅନୁପ ସାହାଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ସେହିପରି ଜଗତସିଂହପୁର ନିର୍ବାଚନ ମଣ୍ଡଳୀ





ବିଧାନସଭା କ୍ଷେତ୍ରପାଇଁ କମ୍ୟୁନିଷ୍ଟର ବସନ୍ତ କୁମାର ମଲ୍ଲିକ, ସମୃଦ୍ଧ ଓଡ଼ିଶା ପ୍ରାର୍ଥୀ ଯୁଧିଷ୍ଠିର ମଲ୍ଲିକ, ସ୍ୱାଧୀନ ପ୍ରାର୍ଥୀ ବ୍ରହ୍ମାନନ୍ଦ ରାଉତ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପାରାଦ୍ୱୀପ ବିଧାନସଭା କ୍ଷେତ୍ର ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ମନୋଜ କୁମାର ରାଉତ ଓ କୃପାସିନ୍ଧୁ ଦାସ ଅଧିକାରୀ ଲଳିତ ମୋହନ ବେହେରାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ନିମନ୍ତେ ସଂଜିବ ବିଶ୍ୱାଳ, ଶ୍ରୀୟା ବିଶ୍ୱାଳ, ସସ୍ମିତା ଦାସ ଅତିରିକ୍ତ ଜିଲ୍ଲାପାଳ ତଥା ରିର୍ଟନିଙ୍ଗ ଅଧିକାରୀ ସମ୍ବିତ ରାଉତଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

# ଅସହାୟ ମନୋଜଙ୍କୁ ଚିକିତ୍ସା ସହାୟତା ପାଇଁ ନିବେଦନ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରଣପୁର ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରପାଳସା ଗ୍ରାମର ଆକୁଳି ନାଏକଙ୍କ ପୁଅ ମନୋଜ କୁମାର ନାଏକ, ୨୦୨୨ ମସିହାରେ ସେ ମୂଲ ଲାଗି କାମରୁ ଘରକୁ ଫେରୁଥିବା ବେଳେ ତାଙ୍କ ଆଖିରେ ଗୋଟିଏ ପୋକ ବାଜି ଆଖି ପରଳରେ ଫାଟ ସୃଷ୍ଟି ହୋଇଥିଲା । ମୂଲ ମଜୁରୀ ଲାଗି ସେ ପରିବାର ପ୍ରତିପୋଷଣ କରୁଥିଲେ । ତିନି ପୁଅ ଝିଅଙ୍କୁ ପାଠ ପଢାଇବା ସହ ପରିବାରର ସମସ୍ତ ଖର୍ଚ୍ଚ ତୁଲାଇବା ତାଙ୍କ ପାଇଁ ଏବେ ଅସମ୍ଭବ ମନେ ହେଉଛି । ଅଭାବ ଅନାଟନ ଭିତରେ ମୂଲ ଲାଗି ତାଙ୍କ ଘରକୁ ଦାନା ଯୋଗାଉଛନ୍ତି ତାଙ୍କ ସ୍ତ୍ରୀ ମିନା ନାଏକ । ମନୋଜ କାମ ସାରି ନିଜ ଘରକୁ ଫେରିବା ବାଟରେ ଆଖିରେ



ପୋକ ବାଜେଇ ହେଇଥିଲା । ପରିବାର ଲୋକଙ୍କ ସହାୟତାରେ ସେ ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯାଇ ଦେଖାଇଥିଲେ । ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନା ଯିବା ପାଇଁ ପରାମର୍ଶ ଦେଇଥିଲେ । କଟକ ଯାଇ ସେଠାରେ ଦେଖାଇବା ପାଇଁ ଅଧିକ ଅର୍ଥ ଲାଗିବା ଡରରେ ସେ କେନ୍ଦୁଝରର ମା' ତାରିଣୀ ନେତ୍ରଧାମ ଓ ପରେ ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟରେ ଅପରେସନ କରାଇଥିଲେ, କିଛି ଦିନ ପରେ ତାଙ୍କ ଆଖିରୁ ପୂଜ ବାହାରିବା ଆରମ୍ଭ ହୋଇଥିଲା । ଅଧିକ ଚିକିତ୍ସା ପାଇଁ ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝରରେ ଡାକ୍ତର ତାଙ୍କୁ ଭୁବନେଶ୍ୱର ଯାଇ ଦେଖାଇବାକୁ ପରାମର୍ଶ ଦେଇଥିଲେ । ଅର୍ଥ ଅଭାବରୁ ସେ ଆଉ ଭୁବନେଶ୍ୱର ଯାଇପରିଲେନାହିଁ । ଧୀରେ ଧୀରେ ତାଙ୍କ ଡାହାଣ ପଟ ଆଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଏବେ ଡାକ୍ତର ତାଙ୍କୁ ସମ୍ପୂର୍ଣ୍ଣ ଆଖିକୁ ଅପ୍ରେସନ କରି ବାହାର କରିବା ପାଇଁ ପରାମର୍ଶ ଦେଉଛନ୍ତି ହେଲେ ତାଙ୍କ ପାଖରେ ସମ୍ବଳ ଅଭାବ କାରଣରୁ ସେ ଡରି ଡରି ଆଉ ଦେଖାଉ ନାହାନ୍ତି । ଏବେ ସେ ଗୋଟିଏ ଆଖିରେ ଅନ୍ଧ ପାଲଟି ଯାଇଛନ୍ତି । ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଧାର କରଜ କରି ସ୍କୁଲ କଲେଜକୁ ପଠାଉଛନ୍ତି । ମିନା ମୂଲ ଲାଗି ଯାହା ଆଣୁଛନ୍ତି ଘର ଚଳାଇବା କଷ୍ଟ ହେଉଛି, ଆଉ ବାହାରକୁ ଯାଇ ଆଖି ଅପରେସନ ପାଇଁ ଟଙ୍କା ପାଇବେ କେଉଁଠୁ । ଭତ୍ତା ପାଇଁ ଦୁଇ ଦୁଇଥର ଆବେଦନ କରିଥିଲେ ମଧ୍ୟ ନରଣପୁର ପଞ୍ଚାୟତ ଅଧିକାରୀ ତାଙ୍କୁ ଫେରାଇ ଦେଉଛନ୍ତି । ପରବର୍ତ୍ତୀ ସହାୟତା ପାଇଁ ଅନେଇ ଅନେଇ ସେ ଠିକ୍ ଭାବରେ ପରିବାର ପ୍ରତିପୋଷଣ ମଧ୍ୟ କରିବା ପାଇଁ ଅସମର୍ଥ ପାଲଟି ଯାଇଛନ୍ତି । ସେପଟେ ଅଧିକ ସଂକ୍ରମଣ ଭୟରେ ସେ ଆଉ ମୂଲ ମଜୁରୀ ଖଟିବା ପାଇଁ ଯାଉନାହାଁନ୍ତି । ବିକଳାଙ୍ଗ ଭତ୍ତା ପାଇଁ ସେ ପଞ୍ଚାୟତ ଅଧିକାରୀଙ୍କୁ ଭେଟିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ ଭତ୍ତା ମିଳି ପରିନାହିଁ । ମନୋଜଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଇ ପାରିଲେ ସେ ନିଜ ପରିବାରର ପ୍ରତିପୋଷଣରେ ସାମାନ୍ୟ ସହଯୋଗ କରି ପାରନ୍ତେ ।





# ଭିଜିଲାନ୍ସ ଟ୍ରାପରେ ପଡ଼ିଲେ ତହସିଲ କାର୍ଯ୍ୟାଳୟ ଅମିନ:ଜମି ଡିମାର୍କେସନ୍ ରିପୋର୍ଟ ପାଇଁ ନେଉଥିଲେ ଲାଞ୍ଚ



**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା। ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ସରକାରୀ ଅମିନ ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି । ୨୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସି ଗିରଫ କରିଛି । ଘଟଣାରୁ ପ୍ରକାଶ କିଆରବାଙ୍କ ଗ୍ରାମର ସୁଶାନ୍ତ ବିଶ୍ୱାଳଙ୍କ ଜମିଜମା ଡିମାର୍କେସନ୍ ରିପୋର୍ଟ ଦେବା ପାଇଁ ଅମିନ ଉମାକାନ୍ତ ବେହେରା ଶ୍ରୀ ବିଶ୍ୱାଳଙ୍କ ନିକଟରେ ଲାଞ୍ଚ ଦାବି କରିଥିଲେ । ବିଚରା ଗରିବ ସୁଶାନ୍ତ ବିଶ୍ୱାଳ ଏକମାନସ ହେବ ଉମାକାନ୍ତ ବେହେରାଙ୍କ ନିକଟକୁ ଦଉଡ଼ି ଦଉଡ଼ି କୌଣସି ଫଳ ପାଇନଥିଲେ । ଟଙ୍କା ଦେଲେ ରିପୋର୍ଟ ଦେବେ ବୋଲି ଅମିନ ଶ୍ରୀ ବେହେରା କହିଥିଲେ । ଆରପି କେଶ୍ – ୧୧୮୦/୨୦୧୬ ବୋର୍ଡ଼ ଅଫ୍ ରେଭିନ୍ୟୁର ଏକ ମାମଲା ସମ୍ପର୍କରେ ରିପୋର୍ଟ ଦେବା ପାଇଁ ଶ୍ରୀ ବେହେରା ଅର୍ଥ ଦାବି କରିବା ପରେ ସୁଶାନ୍ତ ବିଶ୍ୱାଳ ଏନେଇ କଟକ ଭିଜିଲାନ୍ସ ଟିମ୍ ସହିତ ଟେଲିଫୋନ୍‌ରେ ଯୋଗାଯୋଗ କରିଥିଲେ । ପୂର୍ବାହ୍ନରେ ସୁଶାନ୍ତଙ୍କ ପାଖରୁ ୨୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଅମିନ ଉମାକାନ୍ତ ବେହେରାଙ୍କୁ ଗିରଫ କରିଛି । ତେବେ ଏହି ଘଟଣା ବିଦ୍ୟୁତ୍ ବେଗରେ ମହାକାଳପଡ଼ା ଅଞ୍ଚଳରେ ଖେଳିଯାଇଥିଲା । ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହାପରେ ଉମାକାନ୍ତ ବେହେରାଙ୍କ ଭଡ଼ାଘର ଯାଞ୍ଚ କରାଯାଇଛି । ଅପରପକ୍ଷେ ଏହି ଘଟଣାରେ ମହାକାଳପଡ଼ା ଆରଆଇ ମହୋଦୟଙ୍କୁ ମଧ୍ୟ ଭିଜିଲାନ୍ସ ଟିମ୍ ପଚରାଉଚୁରା ଚଳାଇଛି ।

# ଦଶମ ଓ ଦ୍ୱାଦଶ ସିବିଏସ୍‌ଇ ପରୀକ୍ଷାରେ କେଭି ଛାତ୍ରଛାତ୍ରୀଙ୍କ ଶତ ପ୍ରତିଶତ ସଫଳତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି । ଏଥିରେ ସୁବର୍ଣ୍ଣପୁର କେନ୍ଦ୍ରିୟ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ କରିଶ୍ମା ଦେଖାଇଥିବା ବେଳେ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବେଶ ସଫଳତାର ସହିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସ୍କୁଲରେ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ଅଣଶିକ୍ଷକ କର୍ମଚାରୀ ମାନଙ୍କ ଭିତରେ ଖୁସିର ମାହୋଲ ଦେଖାଦେଇଛି । ଦଶମ ପରୀକ୍ଷାରେ ଅନ୍ୱୟ ଅନୁରାଗ ତିୱାରୀ ୪୮୭ ମାର୍କ ସହ ୯୭.୪ ପ୍ରତିଶତର ଜିଲ୍ଲା ଟପର ହୋଇଥିବା ବେଳେ ସ୍କୁଲରେ ଏକାଂଶି ସାହୁ ୯୪.୪ ପ୍ରତିଶତ ପାଇ ଦ୍ୱିତିୟ ଓ ସ୍ୱୟଂ ସମ୍ପୂର୍ଣ୍ଣା ପାଣିଗ୍ରାହୀ ୯୩.୮ ପ୍ରତିଶତ ମାର୍କ ପାଇ ତୃତୀୟ ସ୍ଥାନରେ ରହିଛନ୍ତି । ସେହିପରି ସ୍କୁଲ ର ଦ୍ୱାଦଶ ଶ୍ରେଣୀରେ ସ୍ୱନ୍ଦନ ବିକାଶ ଘଡେଇ ୯୫.୨ ପ୍ରତିଶତ ମାର୍କ ର ପ୍ରଥମ, ଓଁକାର ପଣ୍ଡା ୯୨.୪ ପ୍ରତିଶତ ମାର୍କର ଦ୍ୱିତୀୟ ଓ ସାନିଆ ବାଗ ୮୭.୦ ପ୍ରତିଶତ ମାର୍କର ତୃତୀୟ ହୋଇଛନ୍ତି ଏବଂ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରଛାତ୍ରୀ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଅଭିଭାବକ ମଣ୍ଡଳୀ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ତଥା ସମସ୍ତ ଅଣଶିକ୍ଷକ କର୍ମଚାରୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ସିବିଏସଇ ଦଶମ କ୍ଲାସ୍ ଜିଲ୍ଲା ଟପର ହୋଇଥିବା ଅନ୍ୱୟଙ୍କ ମା' ସୁମତି ତ୍ରିପାଠୀ ପୂର୍ବରୁ ସୋନପୁର ଅବକାରୀ ଅଧୀକ୍ଷକ ଥିବା ବେଳେ ଏବେ ଖୋର୍ଦ୍ଧା ଅବକାରୀ ଅଧିକ୍ଷକ ଓ ବାପା କରୁଣା ଶଙ୍କର ତିୱାରୀ ନୟାଗଡ଼ ଅବକାରୀ ଅଧୀକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି । ଭବିଷ୍ୟତରେ ଜଣେ ଆଇଏଏସ ଅଫିସର ହେବାକୁ ସେ ଲକ୍ଷ୍ୟ ରଖିଥିବା ଓ କଠିନ ପରିଶ୍ରମ ଓ ନିଷ୍ଠା ହିଁ ସଫଳତାର ଋବିକାଠି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏବଂ ସେ ତାଙ୍କର ସଫଳତାର ଶ୍ରେୟ ମା, ବାପା ଓ ଶିକ୍ଷକଙ୍କୁ ଦେଇଛନ୍ତି ।

## *ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ନିଯୁକ୍ତ ପର୍ଯ୍ୟବେକ୍ଷକମାନଙ୍କ ସମ୍ବନ୍ଧିତ ସୂଚନା*

# ନିର୍ବାଚନ ପରିଚାଳନା ଅନିୟମିତତା ସମ୍ପର୍କରେ ଜନସାଧାରଣ ସିଧାସଳଖ କରିପାରିବେ ଅଭିଯୋଗ

**କଟକ, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ –୨୦୨୪ ପରିପ୍ରେକ୍ଷୀରେ କଟକ ଜିଲ୍ଲା ଅନ୍ତର୍ଗତ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ପର୍ଯ୍ୟବେକ୍ଷକ ମାନଙ୍କୁ ନିଯୁକ୍ତ କରାଯାଇଛି । ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଡକ୍ଟର ଏଚ୍.ପି. ଟୁମ୍ମୋଡ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ । ଡକ୍ଟର ଟୁମ୍ମୋଡଙ୍କ ମୋବାଇଲ ନମ୍ବର ହେଉଛି ୯୭୭୭୨୭୭୯୪୦ । ସେ ଜଗତସିଂହପୁର ସର୍କିଟ ହାଉସରେ ଅବସ୍ଥାନ କରୁଛନ୍ତି । ସେହିପରି ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଆଶିଷ ଚନ୍ଦ୍ର ଓ ନେତ୍ରପାଲ ଏମ୍. ଏସ୍‌ଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଶ୍ରୀ ଚନ୍ଦ୍ରଙ୍କ ମୋବାଇଲ ନମ୍ବର ହେଉଛି ୯୫୫୬୪୫୦୮୧୯ ଏବଂ ନେତ୍ରପାଲ ଏମ୍. ଏସ୍‌ଙ୍କ ମୋବାଇଲ୍ ନମ୍ବର ହେଉଛି ୯୫୫୬୪୪୯୪୧୮ । ଅନ୍ୟପକ୍ଷରେ ବରିଷ୍ଠ ଆଇପିଏସ ଅଧିକାରୀ ପିୟୁଷ ପାଣ୍ଡେଙ୍କୁ ପୁଲିସ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ପିୟୁଷ ପାଣ୍ଡେଙ୍କ ମୋବାଇଲ୍ ନମ୍ବର ହେଉଛି ୯୫୫୬୪୨୦୭୩୬ । ଜନସାଧାରଣ ୨୪ ଘଣ୍ଟିଆ ଯେ କୌଣସି ସମୟରେ ପର୍ଯ୍ୟବେକ୍ଷକ ମାନଙ୍କୁ ଫୋନ୍ କରି ଅଭିଯୋଗ କରିପାରିବେ । ସେହିପରି ସକାଳ ୧୦ଟା ସମୟରେ ଜନସାଧାରଣ ପର୍ଯ୍ୟବେକ୍ଷକ ମାନଙ୍କୁ ସର୍କିଟ ହାଉସରେ ସିଧାସଳଖ ସାକ୍ଷାତ କରି ନିର୍ବାଚନ ଅନିୟମତିତା ସମ୍ପର୍କରେ ଅଭିଯୋଗ କରିପାରିବେ । ଡକ୍ଟର ଏଚ୍. ପି. ଟୁମ୍ମୋଡ (ସାଧାରଣ ପର୍ଯ୍ୟବେକ୍ଷକ) ୯୭୭୭୨୭୭୯୪୦, ପିୟୁଷ ପାଣ୍ଡେ (ପୁଲିସ୍ ପର୍ଯ୍ୟବେକ୍ଷକ) ୯୫୫୬୪୨୦୭୩୬, ଆଶିଷ ଚନ୍ଦ୍ର (ଖର୍ଚ୍ଚ ପର୍ଯ୍ୟବେକ୍ଷକ) ୯୫୫୬୪୫୦୮୧୯, ନେତ୍ରପାଲ ଏମ୍. ଏସ୍ (ଖର୍ଚ୍ଚ ପର୍ଯ୍ୟବେକ୍ଷକ) ୯୫୫୬୪୪୯୪୧୮ ।




# ଚାରିଗାଁରେ ବିଜେଡ଼ିର କର୍ମୀ ସମ୍ମିଳନୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ପଞ୍ଚାୟତରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଅଧ୍ୟାପକ ଗିରିଶ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତା ରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଧାନସଭା ପ୍ରାର୍ଥୀ ଗଣେଶ ଚନ୍ଦ୍ର ବେହେରାଙ୍କ ସହ ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦିପ୍ତ କୁମାର ମହାନ୍ତି, ଦୁର୍ଗାଶିଷ ମହାନ୍ତି, ଶିବ ପ୍ରସାଦ ଭୋଳ, ଜିଲ୍ଲା ପରିଷଦ ସଦସ୍ୟା ଲିଳିତା ଦାସ, ଚାରିଗାଁ ସରପଞ୍ଚ ଭାରତୀ ମଲିକ, ବ୍ଲକ ସଭାପତି ଆଲୋକ ସାହୁ, ଅନନ୍ତ ମଲିକଙ୍କ ସହ ପଞ୍ଚାୟତର ସମିତି ସଭ୍ୟ/ସଭ୍ୟା, ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ରହି ଆଗାମୀ ୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ଯୋଡି ଶଙ୍ଖରେ ଭୋଟ ଦେଇ ନବୀନ ବାବୁଙ୍କ ବିକାଶ ମୂଳକ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ଦେଶର ୧ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟକୁ ଦେଶରେ ଅଗ୍ରଣୀ ରାଜ୍ୟ ଭାବେ ପରିଣତ କରିବା ପାଇଁ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ସହିତ ତାଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ସହିତ ସାରା ବିଶ୍ୱରେ ୧ ନମ୍ବର କରିବା ପାଇଁ ଉପସ୍ଥିତ ନେତାମାନେ ଉପସ୍ଥିତ ଥିବା କର୍ମୀ ଓ ଜନ ସାଧାରଣଙ୍କୁ ନିବେଦନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫ନଂ ଜୋନ ସହିତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ପଞ୍ଚାୟତ ବାସୀ ଓ ମହିଳାମାନେ ଯୋଗ ଦେଇଥିଲେ ।

# ବାଇକ୍ ଦୁର୍ଘଟଣା:ବୃଦ୍ଧାଙ୍କ ସମେତ ୩ଜଣ ଗୁରୁତର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ସ୍ଥିତ କଫି ବଗିଚା ସାମ୍ନାରେ ବୁଧବାର ରାତ୍ରରେ ଏକ ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ଦୁଇଜଣ ବାଇକ ଆରୋହୀଙ୍କ ସମେତ ଏକ ବୃଦ୍ଧା ମହିଳା ଗୁରୁତର ଆହତ ହୋଇଛନ୍ତି କ୍ଷ ସମସ୍ତଙ୍କୁ ପ୍ରଥମେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଗୁରୁତର ହେବାରୁ ବ୍ରହ୍ମପୁର ଏମେକେସିଜି ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ବୃଦ୍ଧା ମହିଳା ଜଣକ ହେଲେ ପରମପାଙ୍ଗା ଗ୍ରାମର ମାରିଆ ପ୍ରଧାନ ଅନ୍ୟ ଦୁଇ ଜଣ ଯୁବକ ହେଲେ ହାତିମୁଣ୍ଡା ପଞ୍ଚାୟତର କୁମ୍ଭରପଲ୍ଲୀ ଗ୍ରାମର ପୀତବାସ ବଳିଆରସିଂ ଓ ସାଗର ବଳିଆରସିଂ । ମାରିଆ ପ୍ରଧାନଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାରୁ ତାଙ୍କୁ ଏବଂ ବାଇକ ଚାଳକ ସାଗର ବଳିଆରସିଂ ଏହି ଦୁଇ ଜଣଙ୍କୁ ବ୍ରହ୍ମପୁର ଏମେକେସିଜି ସ୍ଥାନାନ୍ତର କରାଯାଇଥିବା ବିଷୟ ଡାକ୍ତର ଅମ୍ବିକା ପ୍ରସାଦ ଶତପଥୀ ସୂଚନା ଦେଇଛନ୍ତି ।

# ସିବିଏସ୍‌ଇ ପରୀକ୍ଷାରେ ଦ୍ୱାଦଶରେ ହର୍ଷିତା ଓ ମାଟ୍ରିକ୍‌ରେ ସ୍ୱାଭିମାନ ବିଦ୍ୟାଳୟ ଟପ୍ପର

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ସିବିଏସସି ପରୀକ୍ଷା ଫଳ ପ୍ରକାଶ ପାଇଛି । ନବରଙ୍ଗପୁର ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଦ୍ୱାଦଶରେ ୨୩ ଜଣ ଛାତ୍ରୀଛାତ୍ର ମଧ୍ୟରୁ ୨୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଜଣେ ଛାତ୍ର ଦୁର୍ଘଟଣା କାରଣରୁ ସମ୍ପୂର୍ଣ୍ଣ ପରୀକ୍ଷା ଦେଇନପାରି ଫେଲ ହୋଇଛନ୍ତି । ଦ୍ୱାଦଶ ଶ୍ରେଣୀରେ ହର୍ଷିତା ପଟ୍ଟନାୟକ ୭୯ ପ୍ରତିଶତ ମାର୍କ ରହି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ସେହିଭଳି ୧୦ମ ଶ୍ରେଣୀରେ ୭୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୭୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଜଣେ ଛାତ୍ର କମ୍ପାର୍ଟମେଣ୍ଟ ପାଇଛନ୍ତି । ସ୍ୱାଭିମାନ ମିଶ୍ର ୯୬ ପ୍ରତିଶତ ମାର୍କ ଆଣି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**




ବାରଙ୍ଗ ନରାଜ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ଆଜୀବନ ଅଧ୍ୟକ୍ଷ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର ଜୀଙ୍କ ଜନ୍ମଦିବସ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସାରଗର୍ଭକ ଇଣ୍ଟରଫେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂଆଦିଲ୍ଲୀ ସ୍ଥିତ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗର ପ୍ରମୁଖ ସଦସ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧ୍ୟାପନା ବିଭାଗର ଅଧିକାଂଶ ସଦସ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ବିଭିନ୍ନ ଯୋଜନା, ପରିଯୋଜନା ଓ ଶୈକ୍ଷଣିକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରଫେସର ମହାନ୍ତି ଶିକ୍ଷ ଏବଂ ଶୈକ୍ଷିକ ସଂଗଠନଗୁଡ଼ିକ ମଧ୍ୟରେ ସମ୍ବାଦ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଅବସରରେ ସେ ଗବେଷଣା ଓ ବିକାଶ, ପରାମର୍ଶ, ନୈତିକତା ଆଧାରରେ ବିଭିନ୍ନ ବିଷୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି, ଶିକ୍ଷାରେ ଧର୍ମର ବିଭିନ୍ନ ତତ୍ତ୍ୱର ସମାବେଶ ଓ ଏହାଦ୍ୱାରା ଶିକ୍ଷାର ଗୁଣବତ୍ତାରେ ଆସୁଥିବା ସୁଧାର ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ । ଦୀର୍ଘ ବର୍ଷର ଅଭିଜ୍ଞ ଶିକ୍ଷାବିତ ପ୍ରଫେସର ମହାନ୍ତି ଭାରତରେ ଶିକ୍ଷାର ଉନ୍ନତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି । ସେ ବ୍ରିଟିଶ କାଉନସିଲ, ଚାର୍ଲସ ୱାଲେସ୍, ସାଲ୍ଜବର୍ଗ, କଥା ଓ ଫୁଲ ବ୍ରାଇଟ ସମେତ ବହୁ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଖାଲି ସେତିକି ନୁହେଁ, ଇଂରାଜୀ ଏବଂ ଓଡ଼ିଆରେ ୨୭ଟି ପୁସ୍ତକର ରଚନା କରିଛନ୍ତି । ତାଙ୍କର ଅଭିଭାଷଣ ଉପସ୍ଥିତ ଶ୍ରୋତାମାନଙ୍କୁ ଆଇସିଏସଏସଆର, ଆଇସିପିଆର ସମେତ ଅନ୍ୟାନ୍ୟ ମାଧ୍ୟମରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ନିମନ୍ତେ ଆବେଦନ କରିବାକୁ ଉତ୍ସାହିତ କରିଥିଲା । ଏଥିସହ ଶିଳ୍ପୋଦ୍ୟୋଗରେ ଇର୍ଣ୍ଟର୍ନସିପ ସାଙ୍ଗକୁ ବିଭିନ୍ନ ଶିଳ୍ପ ସହଭାଗୀମାନଙ୍କ ସହ ଯୋଗାଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି.ଆର୍. ଶର୍ମା ଏଥିରେ ଯୋଗଦେଇ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଏପରି କାର୍ଯ୍ୟକ୍ରମ ବିଭିନ୍ନ ବିଭାଗୀୟ ପ୍ରାଧ୍ୟାପକଙ୍କ ସମେତ ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ମାନ ଅଭିବୃଦ୍ଧି କରିବାରେ ମଧ୍ୟ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ । ସେ କହିଥିଲେ, ଆୟୋଗର ସଦସ୍ୟ ତଥା ଉଚ୍ଚତର ଶିକ୍ଷା ସହ ଜଡ଼ିତ ବହୁ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ଏହିପରି ଇଣ୍ଟରଫେସ ଆୟୋଜନ ଦ୍ୱାରା ଫାକଲ୍ଟି ସଦସ୍ୟମାନଙ୍କର ଆଭ୍ୟନ୍ତରୀଣ ଦୃଷ୍ଟିଭଙ୍ଗୀରେ ଉନ୍ନତି ପରିଲକ୍ଷିତ ହେବ । କଳା, ସଂସ୍କୃତି ଓ ଭାରତୀୟ ଶିକ୍ଷା (ଏଫଏସିଆଇଏସ) ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର କମଳା ପ୍ରସାଦ ମହାପାତ୍ର ମୁଖ୍ୟଅତିଥି, ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅତିଥିମାନଙ୍କର ମଧ୍ୟ ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ ବିଶ୍ୱବିଦ୍ୟାଳୟର ଛାତ୍ରୀ ଏଲିସା ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସହ ସମ୍ପର୍କ ବଳବତ୍ତର ରହିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଗବେଷଣା ଏବଂ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ପ୍ରଫେସର ସୁନିଲ କୁମାର ଧଳ ଧନ୍ୟବାଦ ଅର୍ପଣ କରିବା ସହ ପ୍ରଫେସର ଶ୍ରୀ ମହାନ୍ତିଙ୍କ ସହ ବିଶ୍ୱବିଦ୍ୟାଳୟର ସହଭାଗିତା ଛାତ୍ରଛାତ୍ରୀଙ୍କ ପାଇଁ ଲାଭପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ସମସ୍ତ ବିଭାଗର ଡିନ ଓ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ ।

# ଟ୍ରକ୍ ଧକ୍କାରେ ଲିଭିଗଲା ୬ ଜୀବନ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରରୁ ଏକ ବାହାଘର ଭୋଜିରେ ଯୋଗଦେବା ପାଇଁ ଆସି ବଡ଼ବିଲ ଫେରୁଥିବା ବେଳେ କେନ୍ଦୁଝର ରିମୁଳି ବାଇପାସ୍ ନିକଟରେ ଜାତୀୟ ରାଜପଥ ୫୨୦ରେ ଏକ କାରକୁ ଆଗରୁ ଓ ପଛରୁ ଦୁଇ ଟ୍ରକ୍ ଧକ୍କା ଦେବାରୁ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ କାରରେ ଥିବା ସମସ୍ତ ୫ ଯାତ୍ରୀଙ୍କ ଦୁଃଖଦ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । କେନ୍ଦୁଝର ତରମାକାନ୍ତକୁ ବିବାହ କାର୍ଯ୍ୟ ପାଇଁ ଆସିଥିବା ଭଦ୍ରାସାହି ଅଞ୍ଚଳର ହିରାଲାଲ ପଲେଇଙ୍କ ପରିବାର ଘରକୁ ବିବାହ କାର୍ଯ୍ୟ ସାରି ଏକ ବ୍ରିଜା କାର ଯୋଗେ ଫେରୁଥିବା ବେଳେ ରିମୁଳି ବାଇପାସ୍ ଠାରେ ଦୁଇ ଟ୍ରକ ମଧ୍ୟରେ ଚାପି ହୋଇଗଲା କାର, ପରିବାରର ସମସ୍ତ ୬ ଯାତ୍ରୀ ତଥା ଦୁଇ ବଡ଼ିଲା ପୁଅ ଝିଅ ସହିତ ବାପା ମା ଏବଂ ଡ୍ରାଇଭର ସହିତ ସମସ୍ତେ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଜାତୀୟ ରାଜପଥ ୫୨୦ ରେ ମୃତକଙ୍କ କାର ଆଗରେ ଏକ ଟ୍ରକ୍ ଦ୍ରୁତ ଗତିରେ ଯାଉଥିବା ବେଳେ ଆଗ ଟ୍ରକ୍ ବ୍ରେକ ମାରିବାରୁ କାରଟି ପିଚି ହୋଇଥିଲା ଏବଂ ପଛରେ ଆସୁଥିବା ହାଇୱାଟି କାରଟିକୁ ପଛରୁ ଆସି ଖୁବ ଜୋରରେ ଧକା ଦେଇଥିଲା । କାରଟି ସଂପୂର୍ଣ୍ଣ ଚୁରମାର ହୋଇ ସେଥିରେ ଚାପି ହୋଇ ରହିଛି ମୃତକ ମାନଙ୍କ ମୃତଦେହ । ମୃତକ ମାନେ ହେଲେ ଭଦ୍ରାସାହିର ହୀରାଲାଲ ପଲେଇ,ସ୍ତ୍ରୀ ପ୍ରଣତି ପଲେଇ, ଜ୍ୱାଇଁ ସିପୁନ ପଲେଇ,ଝିଅ ଲୁସି ପଲେଇ,ସାନ ଝିଅ ଲିସା ପଲେଇ ଙ୍କ ପରିଚୟ ମିଳିଥିବା ବେଳେ ଆଉ ଜଣେ ଝିଅର ପରିଚୟ ମିଳିନାହିଁ । ସୂଚନାଯୋଗ୍ୟ ଯେ, କାରରେ ବଡ଼ବିଲ ଭଦ୍ରାସାହି ଅଞ୍ଚଳରୁ ହିରାଲାଲ ପଲେଇ ନିଜ ପରିବାର ସହ ବାଂଶପାଳ ବ୍ଲକ୍ ତରମାକାନ୍ତକୁ ଯାଉଥିଲେ । ଖବର ପାଇ ରୀମୂଳି ଫାଣ୍ଡି ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି । ଏହା ସହିତ ସମସ୍ତ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଡାକ୍ତରଖାନା କୁ ପଠାଯାଇଛି ।

# ବଜ୍ରପାତ ଠାରୁ ସୁରକ୍ଷା ସମ୍ପର୍କିତ ଜନସଚେତନା କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ଓ ଏହାର ଆଖପାଖ ଅଞ୍ଚଳବାସୀ ଅନେକ ସମୟରେ ବଜ୍ରପାତ ଜନିତ ମୃତ୍ୟୁ ଓ ଧନଜୀବନ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି ଏହାକୁ ଚିନ୍ତାର ପ୍ରସଙ୍ଗ ଭାବେ ବିବେଚନା କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ଦ୍ୱାରା ଅନେକ ଗବେଷଣା ହୋଇଆସୁଛି । ଏଥିସହିତ ଆସନ୍ତା ବର୍ଷାଋତୁରେ ଓ ପ୍ରାକ-ମୌସୁମୀରେ ଘଟିବାକୁ ଥିବା ବଜ୍ରପାତ ଜନିତ ଦୁର୍ଘଟଣା ଠାରୁ ଜୀବନ ରକ୍ଷାକୁ ପ୍ରାଧାନ୍ୟ ଦେଇ ବିଶ୍ୱବିଦ୍ୟାଳୟର ସମାଜ ସେବା ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ ଓ ବିଭାଗର ଛାତ୍ରଛାତ୍ରୀମାନେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ରଙ୍କ ପ୍ରେରଣା ଗ୍ରହଣ କରି ଏହି ସଚେତନତା ଅଭିଯାନ ସଫଳ ଭାବେ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବ୍ୟାପି କାର୍ଯ୍ୟକାରଣ ହୋଇଆସୁଛି । ବଜ୍ରପାତ ଠାରୁ ସତର୍କ ରହିବାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଣାଳୀ ଛାତ୍ରଛାତ୍ରୀମାନେ ପଥପ୍ରାନ୍ତ ନାଟକ ପରିବେଷଣ ମାଧ୍ୟମରେ ବୁଝାଉଛନ୍ତି । ଏଥିସହ ମୋବାଇଲ ଫୋନରେ ଦାମିନୀ ଆପ ଡାଉନଲୋଡ କରି ଏହାର ବ୍ୟବହାର ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି । ଲୋକମାନଙ୍କ ପାଖରେ ସମସ୍ତ ସତର୍କ ସୂଚନା ପହଞ୍ଚାଇବାର ପ୍ରୟାସରେ ମୁଦ୍ରିତ ଲିଫଲେଟ ବଣ୍ଟନ କରୁଛନ୍ତି ବର୍ତ୍ତମାନ ସୁଦ୍ଧା ଛାତ୍ରଛାତ୍ରୀମାନେ ନୀଳଗିରି, ମିତ୍ରପୁର, ରସାଲପୁର, ନଖରା, ଜଳେଶ୍ୱର, ନାମ୍ପୋ, ବାଲିଆପାଳ, ପଶ୍ଚିମବାଡ, କ୍ଷୀରଚୋରା ଗୋପୀନାଥ ମନ୍ଦିର ଅଞ୍ଚଳ, ଡଗରା ବେଳାଭୂମି ପାଖ ଜନବସତି ଆଦି ଅନେକ ଗାଁ ଗୁଡିକୁ ଯାଇ, ସେଠାର ଲୋକଙ୍କୁ ଏକତ୍ରିତ କରି, ଏହି ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି । ଏଥିସହିତ ଲୋକମାନଙ୍କ ଠାରୁ ମତାମତ ସଂଗ୍ରହ କରି ଏହି ସଚେତନଶୀଳ କାର୍ଯ୍ୟକ୍ରମକୁ ଆହୁରି ଅଧିକ ପ୍ରଭାବଯୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଏହି ଅଭିନବ ଅଭିଯାନରେ ବିଭାଗର ଛାତ୍ରଛାତ୍ରୀ ଯଥା ସନ୍ତୋଷ, ନବୀନ, ଅଲିଭା, ଶ୍ରଦ୍ଧା, ବର୍ଷା, ଜୟା, ସୁନିତା ଓ ଅନ୍ୟମାନେ ଅତି ସୁନ୍ଦର ଭାବେ ନାଟକ ପରିବେଷଣ କରି ବଜ୍ରପାତ ସମୟରେ କିଭଳି ସତର୍କତା ଅବଲମ୍ବନ କଲେ ସୁରକ୍ଷିତ ରହିବ, ତାହା ବୁଝାଉଛନ୍ତି । ଏହି ନାଟକକୁ ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ ରଚନା ଓ ନିର୍ଦ୍ଦେଶନା ଦେଇ ପ୍ରତିଟି ଜୀବନ ଅମୂଲ୍ୟ ଓ ସଚେତନଶୀଳ ହୋଇ ବଜ୍ରପାତ ଠାରୁ ସୁରକ୍ଷିତ ରହିବାର ବାର୍ତ୍ତା ପ୍ରସାରର ଦାୟିତ୍ୱ ନିର୍ବାହ କରୁଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଅଭିଯାନର ସଫଳକାମ କରି ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ଉତ୍ସାହିତ କରିଛନ୍ତି ।

# ଲଇକେରା ଓ କୋଲାବିରା ଠାରେ ବିଜୁ ଜନତା ଦଳ ପକ୍ଷରୁ ଆଶୀର୍ବାଦ ସମାବେଶ ଅନୁଷ୍ଠିତ

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ଲଇକେରା ବ୍ଲକ ଏବଂ କୁଲିଓ୍ୱାରା ବ୍ଲକ ଅନ୍ତର୍ଗତ ପୋଖରାସାଲେ ଠାରେ ବିଜୁ ଜନତା ଦଳ ପକ୍ଷରୁ ଆଶିର୍ବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ବିଜେଡି ଦଳ ବିଧାୟିକା ପ୍ରାର୍ଥୀନୀ ସୁଶ୍ରୀ ଦୀପାଲି ଦାସ ଓ ବାରଗଡ ଲୋକସଭା ପ୍ରାର୍ଥୀନୀ ପରିନିତା ମିଶ୍ରଙ୍କ ପ୍ରଚାର ପ୍ରସାର କରିବା ପାଇଁ ସିନେମା ଜଗତର ଜଣାଶୁଣା ଷ୍ଟାର ପ୍ରଚାରକ ଅଭିନେତ୍ରୀ ଭାଗ୍ୟଶ୍ରୀ ଓ ନିଲ ନୀତିନ ମୁକେଶ ସଭା ସ୍ଥଳ ପହଞ୍ଚି ମେଗା ପ୍ରଚାର କରିଛନ୍ତି । ଏହି ସମାବେଶରେ ଗାୟିକା ଅର୍ଚ୍ଚନା ପାଢୀ, ଦୀପାଳିଙ୍କ ମା, ଭାଉଜ, ଝାରସୁଗୁଡ଼ା ଜିଲ୍ଲା ପରିଷଦ ସଭାପତି ତୁଳା ବତୀ ମିଞ୍ଜ, ଜୋନ ୨ ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜୁକ୍ତା ବେହେରା, ଲଇକେରା ସରପଞ୍ଚ ପ୍ରିୟମ୍ବଦା ବେହେରା ଙ୍କ ସହ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଲଇକେରାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୫ ହଜାର ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିବା ବେଳେ ପୋଖରାସାଲେ ଠାରେ ମଧ୍ୟ ହଜାର ହଜାର ଲୋକ ପହଞ୍ଚି ତାରକା ପ୍ରଚାରକ ଙ୍କୁ ଦେଖିବା ଶୁଣିବା ସଙ୍ଗେ ସଙ୍ଗେ ସୁଶ୍ରୀ ଦୀପାଳି ଦାସ ଏବଂ ଲୋକସଭା ପ୍ରାର୍ଥୀନୀ ପରିନିତା ମିଶ୍ରଙ୍କୁ ଭୋଟ ଦେଇ ବିଜୟୀ କରିବା ଧ୍ୱନି ସଭା ସ୍ଥଳରେ ଗୁଞ୍ଜି ଉଠିଥିବା ଦେଖିବାକୁ ମିଳିଥିଲା । ମୋର ବାପା ସ୍ୱର୍ଗୀୟ ନବ କିଶୋର ଦାସ ଯିଏ ଆଜି ଏହି ରଙ୍ଗ ମଞ୍ଚ ଦୁନିଆକୁ ଛାଡି ଆରପାରିକୁ ଚାଲିଯାଇଛନ୍ତି ତାଙ୍କ ବିଷୟରେ ଅପପ୍ରଚାର କରିବା ଆଦୌ ଠିକ ନୁହେଁ ବୋଲି ସୁଶ୍ରୀ ଦୀପାଳି ଦାସ ଏହି ମଞ୍ଚରେ କହିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୧୭।୫।୨୦୨୪, ଜ୍ୟେଷ୍ଠ ଦି୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୧୦।୫୧** **ଚନ୍ଦ୍ରୋଦୟ- ଦିଘ ୧୦।୯।୦୯**

ନବମୀ- ଦିଘ ୮।୪୯ ପର୍ଯ୍ୟନ୍ତ । ପୂର୍ବା ଫାଲ୍ଗୁନି ନକ୍ଷତ୍ର- ରାଘ ୯।୧୮ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର- ରାଘ ୪।୦୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି** - ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୪।୦୪ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର**- କର୍କଟ ଓ ମକର ରାଶିର । ରାଘ ୪।୦୪ ଗତେ ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**- ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ଲାଉ ଦିଘ ୮।୪୯ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୬।୦୬ ଗତେ ଘ ୬।୫୮ ମଧ୍ୟେ । ଦିଘ ୧୨।୧୦ ଗତେ ଘ ୨।୪୫ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ବିରୋଧ ଦେଖାଦେବ । ଶତ୍ରୁ ବୃଦ୍ଧି ପାଇବେ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ରହିବେ । ଆୟ ଓ ବ୍ୟୟ ସମାନ ରହିବ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବେ । ମନ ଭଲ ରହିବ ।



**ବୃଷ:** ପାରିବାରିକ କଳହ ଯୋଗ ଦେଖାଦେବ । ଧନ ଲାଭର ସୂଚନା । ସାମାଜିକ ସ୍ତରରେ ସମ୍ମାନିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ସମସ୍ୟା ଦେଖାଦେଇପାରେ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ ।



**ମିଥୁନ:** ଉଚ୍ଚ ଆଶା ଆପଣଙ୍କର ସଫଳ ହେବ । ରୋଗରୁ ଉପଶମ ହୋଇପାରେ । ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ମହିଳାମାନେ ସୁଖୀ ହେବେ । ଗୃହେ ଅଶାନ୍ତି ଦେଖାଦେଇପାରେ । ମନ ଭଲ ରହିବ ।



**କର୍କଟ:** ପାରିବାରିକ ଅସନ୍ତୋଷ ଦେଖାଦେବ । ଧନ ଲାଭର ସୂଚନା । ସାମାଜିକ ସ୍ତରରେ ସମ୍ମାନିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ସମସ୍ୟା ଦେଖାଦେଇପାରେ । ଦୁଶ୍ଚିନ୍ତା ବଢ଼ିବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସୁଖ ସମ୍ମାନ ଲାଭ ହେବ । ଆଜି ଦିନଟା ଆପଣଙ୍କ ପାଇଁ ଭଲ । ଧନ ଲାଭର ସୌଭାଗ୍ୟ ଜୁଟିବ । ମହିଳାମାନେ ସୁଖୀ ହେବେ । ଶତ୍ରୁ ନାଶ ହେବାର ସୂଚନା । ଗୃହେ ଶାନ୍ତି ଲାଭ । ଦେହ ଭଲ ରହିବ ।



**କନ୍ୟା:** ଆଜି ଆପଣଙ୍କର ବ୍ୟୟ ଯୋଗ ରହୁଛି । ଦିନ ଶୁଭଦାୟକ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଦିନଟି ଆପଣଙ୍କ ପାଇଁ ଶୁଭଦାୟକ ।



**ତୁଳା:** ଚାକିରୀ କ୍ଷେତ୍ରରେ ଅସହଯୋଗ ଦେଖାଦେବ । ଏଣୁ ଚଡ଼ଚିଡ଼ା ହୋଇପାରନ୍ତି । ଆୟରେ ସ୍ଥିରତା ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପ୍ରତୀକ୍ଷିତ ଖବରଟି ଆପଣଙ୍କୁ ପ୍ରାପ୍ତ ହେବ । ମହିଳାମାନେ ସୁଖୀ ହେବେ ।



**ବିଛା:** ଉତ୍ସାହ ସହକାରେ ସମସ୍ତ କାର୍ଯ୍ୟ କରିଚାଲିବେ । ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ । ଆର୍ଥିକ ପରିସ୍ଥିତି ଦୃଢ଼ ରହିବ । ସାମାଜିକ ସ୍ତରରେ ସମ୍ମାନୀତ ହେବେ । ପିଲାମାନେ ପାଠ ପଢ଼ାରେ ମନ ଦେବେ । ଗୃହେ ଆନନ୍ଦ ।



**ଧନୁ:** ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ । ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ରୋଗାର ଭଲ ହେବ । ମାଲିମୋକଦ୍ଦମାରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।



**ମକର:** ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ବ୍ୟବସାୟରେ କ୍ଷତି ଘଟିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।



**କୁମ୍ଭ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ପାରିବାରିକ ଜୀବନରେ ବ୍ୟସ୍ତ ରହିବେ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଦେହ ଓ ମନ ଭଲ ରହିବ । ବନ୍ଧୁଙ୍କ ସହ ଭେଟ ହୋଇପାରେ । ଭ୍ରମଣ ଯୋଗ ।



**ମୀନ:** ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି ଉପକୃତ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ । ଆର୍ଥିକ ଅବସ୍ଥା ସ୍ଥିର ରହିବ । ଲୋକପ୍ରିୟତା ବଢ଼ିବ ।




## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୧୮।୫।୨୦୨୪, ଜ୍ୟେଷ୍ଠ ଦି୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୧୦।୩୦** **ଚନ୍ଦ୍ରୋଦୟ- ଦିଘ ୧୫।୭।୧୭**

ଦଶମୀ- ଦିଘ ୧୧।୨୩ ପର୍ଯ୍ୟନ୍ତ । ଉତ୍ତରା ଫାଲ୍ଗୁନି ନକ୍ଷତ୍ର- ରାଘ ୧୧।୨୨ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି** - ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର**- କବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**- ଏକାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- କଳମ ଶାଗ ଦିଘ ୧୧।୨୩ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୧୦।୦୬ ଗତେ ଘ ୧୨।୦୯ ମଧ୍ୟେ ଦିଘ ୨।୫୯ ଗତେ ଘ ୩।୩୬ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ମାଡ଼ିଆସୁଛି ଏଆଇ ସୁନାମି

ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସୁନାମି ନିଯୁକ୍ତି ବଜାରକୁ ସୁନାମି ଭଳି ପ୍ରଭାବିତ କରୁଛି। ନିଯୁକ୍ତି ବଜାରକୁ ଏହା ନାଟକୀୟ ଭାବେ ବଦଳାଇଦେବ। ଆସନ୍ତା ୨ ବର୍ଷ ମଧ୍ୟରେ ବିକଶିତ ଦେଶଗୁଡ଼ିକରେ ଏଆଇ ୬୦ ପ୍ରତିଶତ ଚାକିରିକୁ ଏବଂ ସାରା ବିଶ୍ୱରେ ୪୦ ପ୍ରତିଶତ ଚାକିରିକୁ ପ୍ରଭାବିତ କରିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଏମ୍‌ଡି କ୍ରିଷ୍ଟାଲିନା ଜର୍ଜିଏଭା ସତର୍କ କରାଇ ଦେଇଛନ୍ତି। ଏହି ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରହିବା ଲାଗି ସେ ଗୁରୁତ୍ୱ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଲୋକଙ୍କୁ ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଏଥିପାଇଁ ପ୍ରସ୍ତୁତ ରଖିବା ଲାଗି ଆମ ପାଖରେ ଖୁବ୍ କମ୍ ସମୟ ରହିଛି। ଆମ ଉତ୍ପାଦନକୁ ଏଆଇ ବଢ଼ାଇ ଦେଇପାରେ ଏବଂ ଅଧିକ ଦକ୍ଷ କରି ଦେଇପାରେ। କିନ୍ତୁ ଏହା ମିଛା ସୂଚନା ଏବଂ ଆୟ ପାର୍ଥକ୍ୟକୁ ବହୁମାତ୍ରାରେ ବଢ଼ାଇ ଦେଇପାରେ। ତେଣୁ ଏଆଇରୁ କିଭଳି ସର୍ବାଧିକ ସୁବିଧା ପାଇହେବ ସେଥିପାଇଁ ଏହାକୁ ଯତ୍ନର ସହିତ ପରିଚାଳନା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। କରୋନା ମହାମାରୀ ଏବଂ ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ ବିଶ୍ୱ ଅର୍ଥନୀତିର ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରୁଛି। ବର୍ତ୍ତମାନ ବିଶ୍ୱରେ ମାନ୍ଦାବସ୍ଥା ନାହିଁ। ଗତବର୍ଷ ଏ ନେଇ ଦେଖାଦେଇଥିବା ଆଶଙ୍କା କମି କମି ଯାଉଛି। ମୁଦ୍ରାସ୍ଫୀତି ମଧ୍ୟ ଅନେକ ସ୍ଥାନରେ ହ୍ରାସ ପାଉଛି। ତେବେ ବିଶ୍ୱ ଅର୍ଥନୀତି ଜଳବାୟୁ ପରିବର୍ତ୍ତନ ଜନିତ ବିପଦର ସମ୍ମୁଖୀନ ହେଉଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଉତ୍ତମ ରଣନୀତି ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତ ଦେଉଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମୁତେ ।'


ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦରେ ବେଢୁ
ଉଡା କଥା ମାନ ମୋର
କର୍ଣ୍ଣପରେ ନବେଢୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେତୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିଚୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଷ୍ଣମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୩୬



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ମଣିଷ ଉପରକୁ ଦେଖାଉଥିବା ଭଦ୍ର, ସୌଜନ୍ୟତା, ଆଚାର, ବ୍ୟବହାର, ପରି ଅନେକ ଦିବ୍ୟ ସଙ୍କେତକୁ ପ୍ରଦର୍ଶନ କରି ଅନ୍ୟମାନଙ୍କର ଆଦରଣୀୟ ହୋଇଥାଏ କିନ୍ତୁ ତା'ର ପଶ୍ଚାତ୍ ଭାଗରେ ଏପରି କଳଙ୍କିତ ଅସ୍ତିତ୍ୱ ରହିଥାଏ ଯାହାକୁ ସେ ସମସ୍ତଙ୍କ ଅଲକ୍ଷ୍ୟରେ ପ୍ରୟୋଗ କରି ଅନ୍ୟର ଜୀବନକୁ ପୋଡିଜାଳି ପାଉଁଶ କରିଦିଏ। ଅବଶ୍ୟ ସମସ୍ତ ମନୁଷ୍ୟ ଏହି ଚିନ୍ତାଧାରାରେ ଅଭ୍ୟସ୍ତ ନୁହଁନ୍ତି। ମୁଁ ଦେଖୁଛି ମୋ ବଡ ଭାଇଙ୍କ ଭିତରେ ଅତ୍ୟନ୍ତ ବିନମ୍ରତା ଭାବ, ସର୍ବାଙ୍ଗ ଶରୀର ସୁନ୍ଦର, ସୁଠାମ, ବିଶ୍ୱର ସମସ୍ତ ଆକର୍ଷଣୀୟ ସୌନ୍ଦର୍ଯ୍ୟର ଗୋଟିଏ ପୁଷ୍ପିତ ଶରୀର, ତତ୍‌ପରେ ମୋର ଜନନୀ ସ୍ୱରୂପ ମାଆ ଜାନକୀଙ୍କର ଅତୁଳନୀୟ ସୌନ୍ଦର୍ଯ୍ୟକୁ ଦେଖି ନିର୍ଜନ ଅରଣ୍ୟମଧ୍ୟରେ ବସବାସ କରୁଥିବା କବନ୍ଧ, ରାକ୍ଷସ, ରାକ୍ଷସୀ ମାନଙ୍କର ନିର୍ମମ ଆଚରଣ, ମାୟାର ଐନ୍ଦ୍ରଜାଲିକ ଚରିତ୍ରରେ ଆବଦ୍ଧ ହୋଇ ସର୍ବନାଶର ଆଶଙ୍କାକୁ ମୋ ଦୃଷ୍ଟିରେ ଭାସି ଉଠୁଥାଏ ତାହା ପୁଣି ଜୀବନ୍ତ ହୋଇଯାଉଥାଏ। ଏହି ବଳିଷ୍ଠ କାରଣରୁ ମୋର ବଡଭାଇ, ଭାଉଜଙ୍କୁ ସୁରକ୍ଷାଦେବା ଉଦ୍ଦେଶ୍ୟରେ ତାଙ୍କ ସାଥିରେ ବନ ଗମନ କଲି। ମୁଁ ଭାବିଲି ମୋର ବଡଭାଇ ଯେଉଁ କୋମଳ ଚରିତ୍ରରେ ଅଭ୍ୟସ୍ତ ଯେଉଁ ଭଳି ସ୍ୱଭାବ, ପ୍ରତିଟି ମଣିଷ, ପଶୁ, ପକ୍ଷୀ, ଯକ୍ଷ, ରାକ୍ଷସ, ପ୍ରଭୃତିଙ୍କୁ ଆତ୍ମୀୟତାର ସୂତ୍ରରେ ବାନ୍ଧିବାର ଦକ୍ଷତା ଅର୍ଜନ କରିଛନ୍ତି। ଆଉ ସମଗ୍ର ବ୍ରହ୍ମାଣ୍ଡକୁ ଦୟା, କ୍ଷମା ଓ ଅହିଂସାର ମନ୍ତ୍ରରେ ଦିକ୍ଷୀତ କରାଇବା ନିମନ୍ତେ ଯେଉଁ ପ୍ରତିବଦ୍ଧତା ରଖିଛନ୍ତି, ସେପରି ବିରଳତମ ମଣିଷ ସାଥିରେ ଯେ କୌଣସି ପରିସ୍ଥିତିରେ ଯେକେହି ମଧ୍ୟ ବିଶ୍ୱାସ ଘାତକତା ସୃଷ୍ଟିକରି ସର୍ବନାଶ କରିଦେବ। ଏଥିରେ ସାମାନ୍ୟତମ ସନ୍ଦେହ ନାହିଁ। ଏହିପରି ଅବସ୍ଥାରେ ମୋ ଭାଇ, ଭାଉଜ ଦୁର୍ଗମ ଅରଣ୍ୟ ମଧ୍ୟରେ ଯାତ୍ରା କରିବେ। ଏହି ଦୁଇ ଜଣଙ୍କର ଜୀବନ ଅରଣ୍ୟରେ ଅଧିକ ଦିନ ତିଷ୍ଠି ରହିପାରିବିନି। ଅବଶ୍ୟ ଏକଥା ଠିକ୍ ଯେ ଏପରି କୌଣସି ମହାଶକ୍ତି ଜନ୍ମନେଇ ନାହିଁ, ଯିଏ କି ମୋର ବଡଭାଇକୁ ପରାସ୍ତ କରି ତିଷ୍ଠି ରହିପାରିବ। ଏପରି ମହାଶକ୍ତିକୁ ପରାସ୍ତ କରି ଧୂଳି ଚଟାଇବା ଭଳି ଦକ୍ଷତା ଅର୍ଜନ କରିଥିଲେ ବି ତାଙ୍କର ସରଳତା ବିନମ୍ର ଭାବ, ଭକ୍ତି, କୋମଳ ସ୍ୱଭାବ, ଶାନ୍ତ ମନସ୍କ ମାନସିକତା ତାଙ୍କୁ ନିଶ୍ଚିତ ଭାବେ ସର୍ବନାଶ କରିନେବ। ଏହି ସମସ୍ତ ବିଷୟକୁ ଜାଣି ଯଦି ମୋ ବଡଭାଇ ଭାଉଜଙ୍କ ସାଥିରେ ଅରଣ୍ୟ ନଯାଇ ଅଯୋଧ୍ୟାର ରାଜଭବନରେ ଆନନ୍ଦରେ ଶୟନ କରିବି, ମୋ ବଡଭାଇ ଭାଉଜଙ୍କୁ ଚଉଦବର୍ଷ ପରେ ଜୀବନ୍ତ ଭାବେ ଆଉ ପାଇପାରିବିକି ? ଏହି କଥା ମୋ ମନକୁ ଆନ୍ଦୋଳିତ କରି ଅସ୍ଥିର କରିଦେଲା ଓ ମୁଁ ବନଗମନ ପାଇଁ ସିଦ୍ଧାନ୍ତ କରିଦେଲି। ତେଣୁ ମୁଁ ସେଦିନ ଶପଥ ନେଲି ଯେ ମୋ ଦେହରେ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ମୋ ଭାଇ, ଭାଉଜଙ୍କୁ ବିପନ୍ନ ମୁଖରୁ ରକ୍ଷା କରିବି। ପ୍ରଥମେ ମୁଁ ଅରଣ୍ୟ ପଥରେ ଯାତ୍ରାକଲି। ସେଦିନ ଅତି ସନ୍ତର୍ପଣରେ ମୋ ବଡଭାଇ ଓ ଭାଉଜଙ୍କ ଆଗରେ ଚାଲିଥାଏ। ଗଭୀର ରାତ୍ରୀ। ରାତ୍ରୀଚର ପକ୍ଷୀ ଗୁଡିକ ସବୁ ଚିକିରି ମିକିରି ଶବ୍ଦ କରି ଆରଣ୍ୟ ମଧ୍ୟରେ ଥିବା ବୃକ୍ଷ ଗୁଡିକର ଏ ଡାଳକୁ ସେ ଡାଳକୁ ଉଡିଯାଇଥାନ୍ତି। ଦୂର ଦିଗ୍‌ବଳୟରୁ ଭାସି ଆସୁଥାଏ ବ୍ୟାଘ୍ର, ଭଲ୍ଲୁକ, ହସ୍ତୀମାନଙ୍କର ବିକଟାଳ ଶବ୍ଦ। ଚନ୍ଦ୍ରମାର ଶୀତଳ ଆଲୋକ ରଶ୍ମି ମୋ ଭାଇଙ୍କ ମୁଖରେ ପଡି ମୁଖର କମନୀୟତାକୁ ଅଜସ୍ର ଗୁଣରେ ବଢାଇ ଦେଉଥାଏ। ମୁଁ ଆଗରେ ଧନୁବାଣ ଧରି ବଡଭାଇ ଓ ଭାଉଜଙ୍କୁ ବାଟ କଢାଇ ନେଉଥାଏ। ସେହି ଚାଲିବା ଭିତରେ କେତୋଟି ଗୁରୁତ୍ୱପୂର୍ଣ୍ଣ କଥା ମୋ ମାନସ ପଟ୍ଟରେ ଉଦ୍‌ଭାସିତ ହେଉଥିଲା ପ୍ରଥମଟି ହେଲା, ଚଉଦ ବର୍ଷ ବନବାସ କାଳରେ ମୁଁ ଶୟନ କରିବି ନାହିଁ, କାରଣ ଯେଉଁ ଅଯୋଧ୍ୟା ବାସୀ ମୋର ବଡଭାଇ ଶ୍ରୀରାମଙ୍କୁ ନିଜର ଜୀବନଠୁ ଅଧିକ ଭଲ ପାଆନ୍ତି, କୌଣସି ବି ପରିସ୍ଥିତିରେ ଶ୍ରୀରାମଙ୍କୁ ଅରଣ୍ୟମଧ୍ୟକୁ ପଠାବେ ନାହିଁ ବୋଲି ଶପଥ କରି ଆମ ପଛେ ପଛେ ଆସିଥିଲେ, ଠିକ୍ ସମୟରେ ନିଦ୍ରାରେ ଏପରି ବିମୋହିତ ହୋଇ ପଡିଲେ ଯେ, ଯାହାଫଳରେ ମୋର ବଡଭାଇ କୌଶଳକ୍ରମେ ପ୍ରଜାମାନେ ନିଦରୁ ଉଠିବା ପୂର୍ବରୁ ସେହିସ୍ଥାନ ପରିତ୍ୟାଗ କରି ଗଭୀର ଅରଣ୍ୟ ମଧ୍ୟକୁ ପ୍ରବେଶ କରି ବହୁ ଦୂରକୁ ଚାଲି ଆସିଲେ। ଦ୍ୱିତୀୟଟି ହେଲା ଯେଉଁ ଅଶ୍ୱ, ହସ୍ତୀମାନେ ମୋ ବଡଭାଇଙ୍କୁ ଭଲପାଇ ତାଙ୍କୁ ଅରଣ୍ୟମଧ୍ୟକୁ ନଯିବା ପାଇଁ ଜିଦ୍‌ରେ ଆମ ପଛେ ପଛେ ଆସିଥିଲେ, ସମୟାନୁକ୍ରମେ ସେମାନେ ଏପରି ଭୋକିଲା ଅବସ୍ଥାରେ ପହଞ୍ଚିଗଲେ ଯେ, ସେମାନଙ୍କ ସମ୍ମୁଖରେ ପ୍ରଚୁର ଖାଦ୍ୟ ଦିଆଯିବାରୁ ସେମାନେ ଖାଇବାରେ ନିମଗ୍ନ ରହିଗଲେ ଯାହା ଫଳରେ ସେମାନଙ୍କ ଦୃଷ୍ଟିରେ ଅନ୍ତରାଳରେ ଆମେ ଅତ୍ୟନ୍ତ ଚତୁରତାର ସହ ଅରଣ୍ୟମଧ୍ୟକୁ ଚାଲି ଆସିଲୁ, ସେ ଦେଖି ପାରିଲେ ନାହିଁ। ଏହା ଥିଲା ମୋର ମହାଶିକ୍ଷା, ଯାହାଫଳରେ, ମୁଁ ଶପଥ କଲି ଚଉଦ ବର୍ଷ ପର୍ଯ୍ୟନ୍ତ ମୁଁ ଖାଦ୍ୟ ଗ୍ରହଣ କରିବି ନାହିଁ କି ଶୟନ କରିବି ନାହିଁ । ତୃତୀୟଟି ହେଲା ମୋର ପିତା ଦଶରଥଙ୍କର ପ୍ରେମ ପ୍ରଣୟ। ମୋର ପିତା ଦଶରଥ ବୃଦ୍ଧ ବୟସରେ ମୋର ସର୍ବ କନିଷ୍ଠ ମାତା ତରୁଣୀ କୈକେୟୀଙ୍କୁ ପ୍ରେମ ବିବାହ କରିବା ଥିଲା ସବୁଠାରୁ ବିଡମ୍ବନା ଏ ରଘୁ ବଂଶ ପାଇଁ। ଅତିକ୍ରାନ୍ତ ବୟସର ଅନ୍ତିମ ସୋପାନରେ ଯଦି ଜଣେ ମଣିଷ ଜଣେ ତରୁଣୀର ରୂପଲାବଣ୍ୟରେ ପ୍ରଲୁବ୍ଧ ହୋଇ ବିବାହ କରିବା ଲାଳସାରେ ନିଜର ବିବେକ, ବୁଦ୍ଧି ଗାରୀମାମୟ ବଂଶର ମର୍ଯ୍ୟାଦା, ରାଜ୍ୟ, ଧନ, ସମ୍ପତ୍ତି ଏପରିକି ତମାମ ଜୀବନର ଅସ୍ତିତ୍ୱକୁ ଏକତ୍ରୀତ କରି ସେହି ତରୁଣୀର ପାଦତଳେ ସମର୍ପଣ କରି ଦିନରାତି ନାରୀ ସମ୍ଭୋଗରେ ମଜ୍ଜିଯାଏ। ତେବେ ଏପରି ଚରିତ୍ରହୀନ, ନିର୍ବୋଧ ମଣିଷ ଠାରୁ ସୁବିଚାର ଆଶା କରାଯାଇପାରେନା। ଏହି ସ୍ଥିତିରେ ମୋର ବୃଦ୍ଧ ପିତାଙ୍କର ଜୀବନଟା ଗତି କରୁଥିଲା, ଯାହାକୁ ଆଉ ଅଧିକ ପ୍ରକାଶ କରିବା ପାଇଁ ଅସମର୍ଥ, ଯେହେତୁ ସେ ହେଉଛନ୍ତି ମୋର ପିତୃଦେବ। ଏହିକଥା ଚିନ୍ତା କରି ମୁଁ ଚଉଦ ବର୍ଷ କାଳ ମୈଥୁନ ପରିତ୍ୟାଗ କରିଦେଲି। ଏହି ତିନୋଟି କାରଣକୁ ଆଧାର କରି ମୁଁ ଶପଥ କରିନେଲି ଯେ ଆହାର, ନିଦ୍ରା, ମୈଥୁନ ପରିତ୍ୟାଗ କରି ମୋ ବଡଭାଇ, ଭାଉଜଙ୍କ ଜୀନକୁ ସୁରକ୍ଷିତ କରିବି ଦୀର୍ଘ ଚଉଦ ବର୍ଷ ପର୍ଯ୍ୟନ୍ତ। ଛଅମାସ, ବର୍ଷେ କିମ୍ବା ଦୁଇବର୍ଷ ନୁହେଁ, ଦୀର୍ଘ ଚଉଦ ବର୍ଷକାଳ ପର୍ଯ୍ୟନ୍ତ ଏହି କଠୋର ଶପଥକୁ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରିଛି। ଏକଥା ମୋର ବଡଭାଇ, ଭାଉଜ ଆଜି ପର୍ଯ୍ୟନ୍ତ ବି ଜାଣି ନାହାନ୍ତି। ମୋ ବଡଭାଇ ଓ ଭାଉଜ ଯେଉଁ ଫଳ ଖାଇବାକୁ ଭଲ ପାଆନ୍ତି, ସେହି ସବୁ ଫଳକୁ ଅରଣ୍ୟରୁ ସଂଗ୍ରହ କରି ତାଙ୍କ ନିକଟରେ ଦେଇଥାଏ, ଯେତେବେଳେ ମୋ ଭାଉଜ ମୋତେ ସେଥିରୁ ଫଳ ଆଣି ମୋତେ ଖାଇବାକୁ ଦିଅନ୍ତି, ସେ ସବୁ ଫଳକୁ ମୁଁ ଭୋଜନ କରେ ନାହିଁ, ତାହାକୁ ଏକ ବିଶାଳ ବଟବୃକ୍ଷ, କିମ୍ବା ଶାଳଗଛ ମାନଙ୍କ ଉହାଡରେ ରଖିଦିଏ। ଏହି ଖାଦ୍ୟ ଗୁଡିକ ଧୀରେ ଧୀରେ ନଷ୍ଟ ହୋଇ ଯାଇଥାଏ ସେଥିରୁ ଅସଂଖ୍ୟ ଖାଦ୍ୟ ଏବେବି ଅନେକ ବୃକ୍ଷ ଗୁଡିକର ଆଡୁଆଳରେ ରହିଛି। ଯାହାକୁ ଆପଣମାନେ ଦେଖି ପାରିବେ। ଆଜକୁ ଦୀର୍ଘ ଚଉଦ ବର୍ଷ ଧରି ଆହାର ଆଉ ନିଦ୍ରାକୁ ପରିତ୍ୟକ୍ତ କରି ଜୀବନ ଧାରଣ କରୁଛି ବୋଲି ଯଦି ମୋର ବଡଭାଇ ଜାଣିପାରିବେ, ତେବେ ସେ ଆଉ ବଞ୍ଚି ପାରିବେ ନାହିଁ। ଏହି ଡରରେ ଆଜି ପର୍ଯ୍ୟନ୍ତ ମୋର ବଡଭାଇ, ଭାଉଜଙ୍କ ସମ୍ମୁଖରେ ଲୁଚାଇ ରଖିଛି। ଇଏ ହେଉଛି ମୋ ଜୀବନ କାହାଣୀ ଦୀର୍ଘ ଚଉଦବର୍ଷର। ଏହିପରି ଅଜସ୍ର ହୃଦୟ ବିଦାରକ ଘଟଣା ରହିଛି ଯାହାକୁ ବର୍ଣ୍ଣନା କରିପାରିବନି। ଯେଉଁ ଘଟଣା ବି ଘଟିଯାଇଛି ତାକୁ ବଖାଣି ବସିଲେ ମଣିଷର ଛାତି ଫାଟିଯିବ, ଏହି କଥା ଚିନ୍ତା କରି ଚାଲିଛନ୍ତି ହନୁମାନ ଲକ୍ଷ୍ମଣଙ୍କର ମୁହଁକୁ ଚାହିଁ। ନିଦଭାଙ୍ଗିଗଲା ଭଳି ହନୁମାନ ପ୍ରକୃତିସ୍ଥ ହୋଇ ଶ୍ରୀରାମଙ୍କ ରାଜସଭାକୁ ଚାହିଁଲା ବେଳକୁ ବଶିଷ୍ଠ ପରାମର୍ଶ ଦେଉଛନ୍ତି ଲକ୍ଷ୍ମଣଙ୍କ ପ୍ରାଣଦଣ୍ଡାଦେଶ ସମ୍ପର୍କରେ। ସମସ୍ତେ ପ୍ରାୟ ପ୍ରତ୍ୟେକ ଚିନ୍ତା କରିବାକୁ ଲାଗିଛନ୍ତି ଯେ ସତରେ କ'ଣ ଲକ୍ଷ୍ମଣଙ୍କୁ ହତ୍ୟା କରିବେ ଶ୍ରୀରାମ ? ଅସୁମାରୀ ପ୍ରଶ୍ନ ସମସ୍ତଙ୍କ ହୃଦୟରୁ ଉଠିଆସୁଛି, ଯେଉଁ ଲକ୍ଷ୍ମଣଙ୍କୁ ଶ୍ରୀରାମ କହିଥାନ୍ତି ଲକ୍ଷ୍ମଣ ମୋର ଭାଇନୁହେଁ। ସେ ହେଉଛି ମୋର ଆତ୍ମା, ଯାହାର କ୍ଷଣେ ମାତ୍ର ଅନୁପସ୍ଥିତି ମୋତେ କୋଟିଏ ଯୁଗ ସମଲାଗେ, ସେ ଲକ୍ଷ୍ମଣଙ୍କୁ ନିଜ ହାତରେ ବଧ କରିବେ କେମିତି ? ସଂପୂର୍ଣ୍ଣ ଅସମ୍ଭବ। ହନୁମାନ ନିର୍ବାକ ହୋଇ ଗଲେଣି, ଆଖିରୁ ନିରବଚ୍ଛିନ୍ନ ଭାବେ ଲୁହଧାର ଗଡି ଚାଲିଛି। ଶେଷରେ ବଶିଷ୍ଠ ତାଙ୍କର ମତାମତ ନିଷ୍ପତ୍ତି ଯାହା ରଖିବେ ତାହାକୁ ରାଜ ଦରବାରରେ ଉପସ୍ଥିତ ହୋଇଥିବା ସମସ୍ତ ଋଷି, ମହାଋଷି ଓ ଅଯୋଧ୍ୟାର ସମସ୍ତ ପ୍ରଜା ସ୍ୱୀକାର ପ୍ରଦାନ କରିବେ ବୋଲି ସ୍ୱୀକୃତି ପ୍ରଦାନ କଲେ। (କ୍ରମଶଃ)

# ଯୁଦ୍ଧନୀତିର ଯୂପକାଠ : ପାଂଶୁଳ ପୃଥିବୀର ଫର୍ଦ୍ଦପାଠ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ଯୁଦ୍ଧ - ଏଇ ଶବ୍ଦଟି ଆଦିମକାଳରୁ ଆଜିପର୍ଯ୍ୟନ୍ତ ସବୁଯୁଗରେ ଜୀବଜଗତର ଅସ୍ଥିମଜ୍ଜାଗତ । ଯୁଦ୍ଧର ମୂଳକାରଣ - ସାମାଜିକ ମୂଲ୍ୟବୋଧ, ସମାଜର ମଣିଷର ମଙ୍ଗଳପାଇଁ ଯୁଦ୍ଧ ଏବଂ ବ୍ୟକ୍ତିଗତ ସ୍ୱାର୍ଥ, ଧନ, ଦୌଲତ, କ୍ଷମତାବଳରେ ପରନାରୀ ଅପହରଣ, ପରଦେଶ ଅଧିକାର ପାଇଁ ଯୁଦ୍ଧ ଚାଲିଛି । ମନୁଷ୍ୟକୃତ ଯୁଦ୍ଧରେ ମଣିଷ ମରୁଛି – ସେମାନଙ୍କର ଚିତ୍‌କାର ଶୁଣୁଛେ – ଦେଖୁଛେ । ନିର୍ଜିବ ସଂପତ୍ତି ନଷ୍ଟକୁ କିଏ ପଚାରେ !

ଯେତେବେଳେ ବିଶ୍ୱରେ ଅଶାନ୍ତି ଅସନ୍ତୋଷ ସୃଷ୍ଟି ହୁଏ – ସେଇଥିରୁ ଆରମ୍ଭ ହୁଏ ଆତଙ୍କବାଦ । ବର୍ତ୍ତମାନ ସ୍ଥିତିରେ କୌଣସି ଦେଶ କାହା ପକ୍ଷ ନେବା ଉଚିତ୍ ନୁହେଁ । ଯଦି ଏହା ହୋଇପାରେ – ତା'ହେଲେ ଯୁଦ୍ଧ ଦିନକ ମଧ୍ୟରେ ଶେଷ ହୋଇଯିବ । ହେ ବିଶ୍ୱବାସୀ – ଜାଣିରଖନ୍ତୁ - ଯୁଦ୍ଧଯୋଗୁ ଏ ଜଗତ ଦିନେ ହୋଇଯାଇପାରେ 'ଗତ' ।

ଯୁଦ୍ଧର ଚରିତ୍ର ହେଉଛି - ଆତ୍ମଘାତୀ ଚିରକାଳ । ଯେଉଁ ଦେଶ ଭାବେ ସେ ଯୁଦ୍ଧ ଜିଣିଛି - ଦିନେ ଅନୁଭବ କରେ ଯେ - ସେ ଜିଣିଥିବା ଯୁଦ୍ଧ ତା' ଅନ୍ତରାତ୍ମାକୁ ଝୁଣି ଖାଉଛି । ତା'ର ଅସଂଖ୍ୟ ବୀର ସନ୍ତାନଙ୍କ ଚିର ବିଦାୟରେ ଆକାଶ ଅଥୟ ଆଉ ବତାସ ବେଦନାହତ । ଏହା ହିଁ ହେଉଛି ଜୟପରାଜୟ ନିର୍ବିଶେଷରେ ଯେକୌଣସି ଯୁଦ୍ଧର ଅସଲ ଆତ୍ମଘାତୀ ଅବଧାରିତ ଚରିତ୍ରଲିପି । ସୁତରାଂ ଆମର ଏ ସଂସାର ଯେକୌଣସି ଯୁଦ୍ଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସର୍ବାଦୌ ବାଂଛନୀୟ ।

ଯୁଦ୍ଧଯନ୍ତ୍ରଣାରେ ଜର୍ଜରିତ ଜୀବନ । ଏ ଖେଳ ଲମ୍ବା ସମୟ ଚାଲିବ । ଯେତେ ଲମ୍ବାସମୟ ଯୁଦ୍ଧ ଚାଲିବ - ଯୁଦ୍ଧାସ୍ତ୍ରରେ ବଳିୟାନ ଶକ୍ତିଶାଳୀ ଦେଶ ସେତେ କ୍ଷତିଗ୍ରସ୍ତ ହେବ । ଯୁଦ୍ଧାସ୍ତ୍ର ଭଣ୍ଡାର ସରିସରି ଆସିବ । ଦୁଇ ଦଶନ୍ଧି ତଳେ ଆମେରିକା ଆଫଗାନୀସ୍ଥାନରେ ଯୁଦ୍ଧକରି ଶେଷରେ ତାଲିବାନ୍ ହାତକୁ ଚାଲିଗଲା । ଏବେ ଇସ୍ରାଏଲ କେଉଁଠୁ, କେବେ ଯୁଦ୍ଧ ବନ୍ଦ କରିବ – ସେ କଥା ମୁଣ୍ଡକୁ ଆଣିବା ଦରକାର । କୌରବ ଯୁବରାଜ ଦୁର୍ଯ୍ୟୋଧନଙ୍କ ଭଳି ଅହଂକାର ଗର୍ବରେ ଫାଟିପଡି "ବିନାଯୁଦ୍ଧେ ନଦେବି ମୁଁ ସୂଚଗ୍ରେ ମେଦିନୀ" ବାହାସ୍ଫୋଟ କୁଆଡେ ପାଣିଭଳି ମିଳେଇଗଲା । ଏବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ହମାସ୍‌କୁ ଶେଷକରି ପରେ ମୁଜବଓ୍ୱାଲାଙ୍କୁ ଶେଷ କରିବେ ବୋଲି ବାହାସ୍ଫୋଟ ମାରୁଛନ୍ତି । ଏ ଅହଂକାର ରହିଲେ ହେଲା । ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଆମେରିକା ଆମ ଓଡିଶା ଭଳି ଭିଏତନାମ୍ ଦେଶକୁ ୨୦ବର୍ଷ ଯୁଦ୍ଧକରି ସାଧାରଣ ଚାଷୀଙ୍କୁ, ଝିଅବୋହୂଙ୍କୁ ହତ୍ୟାକରି ଯୁଦ୍ଧ ଜିତିପାରିଲା ନାହିଁ ।

ହମାସ୍ ଇସ୍ରାଏଲ ଉପରେ ଆକ୍ରମଣ କଲାପରେ ପାଲଟା ଆକ୍ରମଣରେ ସାଧାରଣ ନାଗରିକ, କଅଁଳା ଶିଶୁଙ୍କୁ ମାରି ଗାଜାର ସବୁ ଧନସଂପତ୍ତି ମାଟିରେ ମିଶାଇଦେଲାଣି । ହମାସ୍ ୫୦ବର୍ଷ ଧରି ତା'ର ଯୋଜନାକରି ମାଟିତଳେ ୫୦୦ କିଲୋମିଟର ସୁଡଙ୍ଗ କରି ସବୁ କାର୍ଯ୍ୟ ଚଳାଇଛି । ସୁଡଙ୍ଗ ଭିତରେ 'ମାୟାଜାଲ' ସୃଷ୍ଟି କରିଛି । ଇସ୍ରାଏଲ ସୈନ୍ୟ ଜଳସ୍ଥଳଆକାଶରେ ଯୁଦ୍ଧଚଳାଇ ଏବେ ସୁଡଙ୍ଗ ଭିତରକୁ ପ୍ରବେଶ କରିବାକୁ ପାରୁପର୍ଯ୍ୟନ୍ତ ଚେଷ୍ଟା ଚଳାଇଛି । ଭ୍ରମରେ ପଡି ଇସ୍ରାଏଲ ସୈନ୍ୟମାନେ ମୃତ୍ୟୁବରଣ କରୁଛନ୍ତି । ରାଗରେ ପୁଣି ମାଟି ଉପରେ ଥିବା ଡାକ୍ତରଖାନା, ରିଫ୍ୟୁଜି କ୍ୟାମ୍ପରେ ବୋମାପକାଇ ଛାରଖାର କରିବାରେ ଲାଗିଛି । ଫଳରେ ସାଧାରଣ ନାଗରିକଙ୍କ ଜୀବନ କ୍ଷଣିକେ ଚାଲିଯାଉଛି । ଏବେ ଆନ୍ତର୍ଜାତୀୟ କ୍ଷମାସଂସ୍ଥା (ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍) ଅଭିଯୋଗାନୁଯାୟୀ ଇସ୍ରାଏଲ ଅବୈଧ ଧଳା ଫସ୍‌ଫରସ୍ ବମ୍ ପକାଇବା ଯୋଜନା କରୁଛି । ଯାହା ମଣିଷକୁ ଜାଳିଦେବ । ପବନ ଯୁଆଡେ ଯୁଆଡେ ବହିବ – ସିଆଡେ ସିଆଡେ ଜୀବଜଗତ, ଧନସଂପତ୍ତି ଜଳିଯିବ । ଯଦିଓ ଯୁଦ୍ଧରେ ମାତିଥିବା ଉଭୟପକ୍ଷଙ୍କୁ ଭାଗଭାଗ ହୋଇ ବିଭିନ୍ନ ଦେଶ ସମର୍ଥନ କରୁଛନ୍ତି - ପ୍ରାୟ ସମସ୍ତଙ୍କ ପାଖରେ ୧୩ହଜାର ପରମାଣୁ ବୋମା ଅଛି । ଶେଷରେ ଏ ପରମାଣୁ ବୋମା ଯୁଦ୍ଧରେ ପ୍ରୟୋଗ କଲେ ପୃଥିବୀ ଏକପ୍ରକାର ଧ୍ୱଂସ ହୋଇଯିବ ।

ମଧ୍ୟପ୍ରାଚ୍ୟରେ ଆମେରିକାର କୌଶଳ ବିଫଳ ହୋଇଛି । ଆମେରିକାର ପୂର୍ବବାହାଦୂରୀ ଆଉ ନାହିଁ । ଇସ୍ରାଏଲ ଆମେରିକା ବୁଦ୍ଧିରେ ପଡି ଭୁଲ କରିବାକୁ ଯାଉଛି । ଇସ୍ରାଏଲ-ପାଲେଷ୍ଟାଇନ୍-ଗାଜା-ଜେରୁଜୁଲମ୍ ମଧ୍ୟରେ ବୁଝାମଣାରେ ଶାନ୍ତିପ୍ରତିଷ୍ଠା କରି ନିଜନିଜର ଦେଶରେ ନିଜ ସାର୍ବଭୌମତ୍ୱ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିପାରିବେ ।

ଯୁଦ୍ଧ ଆରମ୍ଭବେଳେ ଯେଉଁମାନେ କୁହୁଳା ନିଆଁରେ ଘିଅ ଢାଳୁଥିଲେ – ଏବେ ସେ ହୁତୁହୁତୁ ନିଆଁର ଝୁଲ ସେମାନଙ୍କ ଉପରେ ପଡୁଛି । ଯୁଦ୍ଧ ବନ୍ଦ କରିବାକୁ ଯେତେ ରଡ଼ି ଛାଡିଲେ ବି କେହି ଶୁଣିବାକୁ ନାହିଁ । ଯେଉଁ ଆମେରିକା ଇସ୍ରାଏଲକୁ ଖତରନାକ୍ ଯୁଦ୍ଧାସ୍ତ୍ର ବିକ୍ରି କରିଥିଲା – ସେଇ ଅସ୍ତ୍ରରେ ଇସ୍ରାଏଲ ରକ୍ତମୁଖା ହୋଇ ଗାଜା ଉପରେ ନିକ୍ଷେପକରି ଶହଶହ ନିରୀହ ମଣିଷକୁ ଜିଅନ୍ତା ଶବରେ ପରିଣତ କରିଦେଲାଣି । ଏବେ ଇସ୍ରାଏଲକୁ ଚାରିପଟୁ ଆକ୍ରମଣ ଆରମ୍ଭ ହୋଇଗଲାଣି । ପାଲେଷ୍ଟାଇନ୍-ଗାଜା-ହମାସ୍‌କୁ ସହଯୋଗ କରିବାପାଇଁ ଇସ୍ରାଏଲକୁ ଜିହାଦ୍, ଲେବାନନ୍‌ର ହିଜବୁଲ୍ଲା, ଇରାନ୍, ୟେମନ୍‌ର ହାଇଥି ବିଦ୍ରୋହୀ ଡ୍ରୋନ୍ ମିଜାଇଲ୍ ମାଧ୍ୟମରେ ଆକ୍ରମଣ କରୁଛନ୍ତି । ଏଭଳି ଏକ ସମୟରେ ଆମେ ପହଞ୍ଚିଲେଣି – ଖୁବ୍ ଶୀଘ୍ର ଦେଶେଦେଶେ ଭୟଙ୍କର ଯୁଦ୍ଧ ଲାଗି ବିଶ୍ୱର ଅଧାଲୋକ ଶବ ପାଲଟିଯିବେ । ସେତେବେଳକୁ ଯୁଦ୍ଧାସ୍ତ୍ର, ଅର୍ଥ, ଖାଦ୍ୟ ନଥିବ । ଲୋକ ଭୋକ ଓ ରୋଗରେ ପଡି ଛଟପଟ ହେବେ । "ଶେଷରେ ଠେଙ୍ଗାବାଡ଼ି, ପଥର, ଖଣ୍ଡା ଧରି ଯୁଦ୍ଧପାଗଳ ମାନଙ୍କୁ ଗୋଡେଇଗୋଡେଇ ବାଡେଇବେ ।"

ଜଗତୀକରଣ ଯୋଗୁଁ ବିଶ୍ୱ ଅର୍ଥନୀତି ଦେବାଳିଆ ଅବସ୍ଥାକୁ ଆସିଯାଇଛି। ସବୁଦେଶରେ ଜନ ଅସନ୍ତୋଷ ଆନ୍ଦୋଳନର ଆଭାସ ପାଇ ନେତାମାନେ ଯେତେ ଛାନିଆ ହୋଇଗଲେଣି; ସେମାନଙ୍କ ପ୍ରଭୁମାନେ ତା'ଠାରୁ ଆହୁରି ଅଧିକ ଛାନିଆ । ସମଗ୍ର ବିଶ୍ୱ ପାଇଁ ଗୋଟିଏ ସରକାର ନାହିଁ। ଜାତିସଂଘ କେବଳ କେତୋଟି ଧନୀଦେଶଙ୍କ ଅକ୍ତିଆରରେ। ସମଗ୍ର ବିଶ୍ୱ କେଉଁ ପଦ୍ଧତି, ନୀତିରେ ଚାଲିବ - ତାହା ମାର୍କିନ୍ ମାତବରିରେ କେବଳ ପୁଂଜିବାଦୀ ଦେଶମାନଙ୍କର ଏକଚାଟିଆ ବ୍ୟାପାର। ଆଜି ଯେତେବେଳେ ସେଇ ଏକଚାଟିଆ ବାହାଦୁରିଆ ଦେଶମାନଙ୍କ ଉପରେ ବିପଦ, ତା'ର ବୋଝ କାହିଁକି ଅନ୍ୟଦେଶମାନେ ମୁଣ୍ଡାଇବେ ? ସମଗ୍ର ବିଶ୍ୱବାସୀଙ୍କ ପାଇଁ ଜି.୭ ଗ୍ରୁପ ଅର୍ଥାତ ୭ଟି ଦେଶଙ୍କ ପାଣ୍ଠି ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠିରେ ରହି ଅଳ୍ପ ସୁଧରେ ଅନୁନ୍ନତ ବିକାଶଶୀଳ ଦେଶକୁ ଋଣ ଦେଉଛନ୍ତି। ଋଣ ସୁଧ ଶୁଝି ନପାରିଲେ ସେ ଦେଶର ପ୍ରାକୃତିକ ସଂପଦକୁ ଲୁଣ୍ଠନ କରୁଛନ୍ତି। କେହି ପ୍ରତିବାଦ କଲେ କମ୍ବା ବାଧାଦେଲେ ଯୁଦ୍ଧ ଲଗାଇ ସେ ଦେଶକୁ ଧ୍ୱଂସ କରିଦେଉଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଧ୍ୱଂସର ତାଣ୍ଡବଲୀଳା ପରେ ବହୁ ପୁଞ୍ଜିବାଦୀଦେଶ ଅନ୍ୟ ଦେଶରେ ଯୁଦ୍ଧର ବିଭୀଷିକା ସୃଷ୍ଟି କରି ତୃତୀୟ ବିଶ୍ୱଯୁଦ୍ଧର ଗୁପ୍ତଦ୍ୱାର ଖୋଲି ଦେଇଛନ୍ତି। ଏ ମହାବିପଦରେ ଦୁର୍ବୁଦ୍ଧି ଦେଖାଦେଇଥିବା ପଣ୍ଡିତମାନେ ୩ୟ ବିଶ୍ୱଯୁଦ୍ଧ ଲଗାଇ ଦେଇ ସମଗ୍ର ବିଶ୍ୱମାନବ ସମାଜକୁ ଧ୍ୱଂସ କରିଦେବା କିଛି ଅସମ୍ଭବ ନୁହେଁ। ନିପୀଡ଼ିତ ନିଃସ୍ୱର ନିଃଶ୍ୱାସରେ ବିଶ୍ୱ ଜଳିବାକୁ ଯାଉଛି - ବ୍ୟବସ୍ଥାପିତ ବର୍ଗ ବଂଶୀ ବଜାଇବାରେ ବ୍ୟସ୍ତ !

କେତେଶୀଘ୍ର ଆଖିପିଛୁଳାକେ ଘଟଣାସବୁ ଘଟିଯାଉଛି । ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ବିଶ୍ୱର ବହୁଦେଶ ଡେଇଁଲେଣି । ଏସବୁ ଦେଶମାନେ ନିଆଁରେ ପାଣିପକାଇ ନିଭାଇବା ପରିବର୍ତ୍ତେ କୁହୁଳାନିଆଁରେ ଘିଅ ଢାଳୁଛନ୍ତି । ଏଣେ ନିଜ ଦେଶରେ ଲକ୍ଷ ଲକ୍ଷ ବୁଦ୍ଧିଜୀବୀ, ଯୁବସମାଜ ଗାଜା ସପକ୍ଷରେ ବିକ୍ଷୋଭ କରୁଛନ୍ତି । କେତେକ ଦେଶ ଦୁଇ ବିଲେଇ କଳିରେ ମାଙ୍କଡ ଭୂମିକାରେ ଅଭିନୟ କରୁଛନ୍ତି । ପିଠା ସରିଗଲାପରେ ବିଲେଇ କାନ୍ଦୁଛି – ମାଙ୍କଡ ଗଛଡାଳରେ ବସି ହସୁଛି । ହସକାନ୍ଦ ଛାଡି ଶୀଘ୍ର ଯୁଦ୍ଧ ବନ୍ଦକର । ବିଶ୍ୱବାସୀ ଏହା ହିଁ ଚାହାଁନ୍ତି ।

ଯୁଦ୍ଧ । ଏ ଯୁଦ୍ଧ ଯୋଜନାବଦ୍ଧ । ଜୀବ-ଯୁଦ୍ଧରୁ ଜୀବାଣୁ-ଯୁଦ୍ଧ ଯାଏଁ ଏ ଜଗତ ଓ ଜୀବନ ଜର୍ଜରିତ । ରାଜନୀତିକରୁ ଆସୁରିକ ଆର୍ଥନୀତିକତାର ଅନ୍ଧଗଳି ଦେଇ, ରାଶିରାଶି ରୋଗସୃଷ୍ଟିକାରୀ ରାସାୟନିକ ସମରାଭ୍ୟାସର ସଂକଟପର୍ବ ସଂପ୍ରତି ସାବ୍ୟସ୍ତ କରୁଛି ମଣିଷ ଉପରେ ଅମଣିଷର ଭୂତ ସବାର୍ ହେବାର ସଂଗୀନ୍ ସତ୍ୟ । ବଡ ସାଂଘାତିକ ଏ ଶୋଚନୀୟ ସାମରିକତା – ଯାହା ଆମର ଏ ଜୀବନ୍ତ ଗ୍ରହର ଭବିଷ୍ୟତକୁ ଗୋଟାଏ ପାଉଁଶ ପିଣ୍ଡୁଳାର ପରିଣତି ପ୍ରଦାନ ନିମନ୍ତେ ନିତ୍ୟନିୟତ ଷଡଯନ୍ତ୍ରରତ ! ତଥାପି ଚେତୁନି ଆମର ବୁଦ୍ଧି-ବିଚାର-ବିବେକ । ପ୍ରତିବାଦର ପ୍ରଖରତା କାମ୍ୟ ଏକାନ୍ତ । ଏ ସୁନ୍ଦର ସଂସାରକୁ ନିଜ ଶାଗୁଣା ଡେଣାର ଛାଇତଳେ ଛାରଖାର୍ କରିଦେବାର ଯୋଜନାଜାଲ ବିଛାଇ ବସୁଛନ୍ତି କେଉଁ କୁଳପାଂଶୁଳ କୁଚକ୍ରୀଏ ? ହଁ, ମଣିଷହାଡର ହିଡ ଉପରେ ବସି, ନିଜ ମାରଣାସ୍ତ୍ରବଜାରର ମୁନାଫା ମାହୋଲ୍‌କୁ ମତୁଆଲା କରିବାର ଅଭିସନ୍ଧି କରିଚାଲିଥିବା ସେଇ ଜନତନ୍ତ୍ରର ଜଘନ୍ୟ ଜହ୍ଲାଦଗଣ ସେମାନେ... ମାନବିକତାର ମୃଗୟାମତ୍ତ ମୃତ୍ୟୁଦୂତ – ସାମରିକ ଅସ୍ତ୍ରବିକ୍ରେତା ବୀଭତ୍ସ ବଣିକତନ୍ତ୍ରର କୁତ୍ସିତ କରାଳ କୀଟବର୍ଗ ! ପୃଥିବୀରେ ଆଜି ଅଶାନ୍ତ ଅଶୁଭ ଝଡ ସବୁଠି । ଯୁଦ୍ଧର ଜଳନ୍ତା ନିଆଁ ଲାଗିଯାଇଛି ଏ ଦେଶ, ସେ ଦେଶ – ବିଭିନ୍ନ ବିଦେଶ । ବିକଳ ବିବ୍ରତ ଆଜିର ମଣିଷ ମହାବିପ୍ଳାତର ବିଷାକ୍ତ ବ୍ୟୁହବଳୟରେ !

# କ୍ୟାନ୍‌ସରର ଭୟାବହତା



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

କ୍ୟାନସରର ନା ଶୁଣିଲେ ହିଁ ଲୋକମାନେ ଡରି ଯାଆନ୍ତି।ପ୍ରତି ବର୍ଷ ବିଶ୍ୱ ରେ ୯.୬ ମିଲିୟନ ଲୋକ ଏହି ଭୟାବହ ରୋଗ ରେ ମୃତ୍ୟୁ ବରଣ କରିଥାନ୍ତି। ସାଧାରଣ ଲୋକଙ୍କୁ କ୍ୟାନସର ବିଷୟରେ ସତର୍କ କରିବା ପାଇଁ ୱାର୍ଲ୍ଡ କ୍ୟାନସରଡେ'କୁ ପାଳନ କରାଯାଏ। କ୍ୟାନସର ସାଧାରଣ ପେଣ୍ଡେମିକ ପରି ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ବ୍ୟାପୀ ନ ଥାଏ।ତେଣୁ କ୍ୟାନସର ଦ୍ୱାରା ଆକ୍ରମିତ ଲୋକଙ୍କ ପାଖକୁ ଯିବା ପାଇଁ ଡରିବା କଥାନୁହେ। କ୍ୟାନସର ହେଲା ଏମିତି ଏକ ରୋଗ ଯେଉଁଥିରେ ଦେହରେ ଥିବା ସେଲ ଗୁଡିକ ଅନିୟନ୍ତ୍ରିତ ଭାବରେ ଭାଙ୍ଗି ଚାଲନ୍ତି ଏବଂ ଦେହର ଅନ୍ୟ ଟିସୁମାନଙ୍କୁ ନଷ୍ଟ କରିଚାଲନ୍ତି। କ୍ୟାନସର ରେ ଶିକାର ମଣିଷର ଶରୀର ଭିତରେ କ୍ୟାନସରର ସେଲ ଗୁଡିକ ବଢିବା ସହିତ ଶରୀର ବିଭିର୍ନ୍ନ ସ୍ଥାନକୁ ମଧ୍ୟ ବ୍ୟାପୀ ଥାନ୍ତି। କ୍ୟାନସରର ଅନେକ କାରଣ ଭିତରୁ ଗୋଟିଏ କାରଣ ହେଲା ଟବାକୋ, ପାନ, ପୁଡିଆ ପରି ନିଶା ଦ୍ରବ୍ୟର ସେବନ।ଏହି ନିଶା ଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ମାନେ ପ୍ରାୟତଃ କ୍ୟାନସରର ଶିକାର ହୁଅନ୍ତି।ସେଥିପାଇଁ ଟବାକୋ ଓ ଟବାକୋ ଥିବା ନିଶା ଦ୍ରବ୍ୟ ବିକ୍ରିୟ ପଦାର୍ଥ ଗୁଡିକରେ ସତର୍କତା ଘୋଷଣା କରାଯାଇଥାଏ ଏବଂ ଟବାକୋ ସେବନ ଦ୍ୱାରା ହୋଇଥିବା କ୍ୟାନସର ଛବିମଧ୍ୟ ସେଥିରେ ଛପା ହୋଇଥାଏ କିନ୍ତୁ ସାଧାରଣ ଲୋକ ଯେଉଁ ମାନେ ପାନ, ପୁଡିଆ ପାନ ବା ସିଗେରେଟ ଖାଇଥାନ୍ତି ସେମାନେ ଏ ସମସ୍ତ ସତର୍କବାଣୀକୁ ଭୃକ୍ଷେପ କରନ୍ତି ନାହିଁ।

ଲୋକମାନଙ୍କର ବିଶ୍ୱାସ ଏହି ଯେ ନିଶା ଦ୍ରବ୍ୟ ଖାଇବା ଦ୍ୱାରା ମୁଖରେ କ୍ୟାନସର ବା ଫୁସଫୁସ ରେ କ୍ୟାନସର ହୋଇଥାଏ କିନ୍ତୁ ଏହି ନିଶା ଦ୍ରବ୍ୟ ଗୁଡିକ ବ୍ଲଡରେ କ୍ୟାନସରର କାରଣ ମଧ୍ୟ ହୋଇଥାନ୍ତି । ଆଜିକାଲି ଛୋଟ ପିଲାମାନଙ୍କୁ ମଧ୍ୟ କ୍ୟାନସର ହେବା ଦେଖା ଯାଉଛି । ଛୁଆମାନଙ୍କ ଭିତରେ ଲ୍ୟୁକେମିଆ, ବ୍ରେନ ଟ୍ୟୁମର ଏବଂ ଲିମ୍ଫୋମିଆ କ୍ୟାନସର ଦେଖା ଯାଇଥାଏ।

ସେହିପରି ମହିଳା ମାନଙ୍କ ଭିତରେ ମୁଖ୍ୟତଃ ବ୍ରେଷ୍ଟ କ୍ୟାନସର, ଲଙ୍ଗସ କ୍ୟାନସର ଏବଂ କୋଲୋରେକଟାଲ କ୍ୟାନସର ଦେଖାଯାଇଥାଏ ।

ପୁରୁଷ ମାନଙ୍କ ଭିତରେ ପ୍ରୋଷ୍ଟେଟ କ୍ୟାନସର ଲଙ୍ଗସ କ୍ୟାନସରର ଏବଂ କଲୋରେକଟୋଲ କ୍ୟାନସର ଦେଖାଯାଏ । କ୍ୟାନସର ରୋଗ କେବଳ ରୋଗୀ କୁ କଷ୍ଟ ଦେଇନଥାଏ ବରଂ ସମଗ୍ର ପରିବାର କୁ କଷ୍ଟ ଦେଇଥାଏ। କ୍ୟାନସର ର ଚିକିତ୍ସା ବ୍ୟୟ ସପେକ୍ଷା ତା ସହିତ କ୍ୟାନସର ଥରେ ଭଲ ହେଲା ପରେ ପୁଣି ଫେରି ଆସିବାର ଭୟରହିଥାଏ ।କ୍ୟାନସର ରୋଗୀ କୁ ମାନସିକ ଦୁଶ୍ଚିନ୍ତା ଭିତର କୁ ଠେଲି ଦିଏ । କ୍ୟାନସରର ପଛରେ ଅନେକ କାରଣ ରହିଥାଏ ଯେମିତିକି ବୟସ, ଖାଦ୍ୟ, ଜେନେଟିକ, ବଦ ଆଭ୍ୟାସ ଇତ୍ୟାଦି ସେହିପରି କ୍ୟାନସର ମୁଖତଃ ବ୍ୟାପୀ ଥାଏ ହାଡ ରେ ଲିଭରରେ ଓ ଲଙ୍ଗସ ରୋ

ବିଶ୍ୱରେ ପ୍ରତିଦିନ କ୍ୟାନସର ରୋଗୀ ଏବଂ କ୍ୟାନସାର ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ଚାଲିଛି ତେଣୁ ଏକ ସୁସ୍ଥ ସମାଜ ଓ ସୁସ୍ଥ ବିଶ୍ୱର ପରିକଳ୍ପନା ଆମେ ସେତେବେଳେ କରି ପାରିବା ଯେତେବେଳେ ଆମେ କ୍ୟାନସର କୁ ନିଜର କବଳ ରେ ରଖିପାରିବା।

ବିଶ୍ୱ କ୍ୟାନସର ଦିବସ ପ୍ରତି ବର୍ଷ ୪ ଫେବୃଆରୀ ରେ ପାଳନ କରାଯାଇଥାଏ । ଏହି ଦିନ ସାଧାରଣ ଲୋକଙ୍କୁ କ୍ୟାନସର ରୋଗ ବିଷୟ ରେ ଅବଗତ କରାଯାଇଥାଏ ଏବଂ ଏଥିରୁ ରୁ ମୁକ୍ତି ପାଇବା ପାଇଁ ସଚେତନ କରାଯାଇଥାଏ । ଆଜି ପୁରା ବିଶ୍ୱ କ୍ୟାନସର କୁ ଡରୁଛି । କ୍ୟାନସର ରୋଗର ମୁଖ୍ୟ କାରଣ ହେଲା ଅନିୟମିତ ଖାଦ୍ୟ ର ସେବନ ତମାଖୁ,ଗୁଠଖା, ଗୁଡାଖୁ ର ସେବନ ତେଣୁ ଏହି ସବୁ ଅନିମିୟତା ବିଷୟ ରେ ଲୋକଙ୍କୁ ସଚେତନ କରିବା ଏହାର ମୂଳ ଉଦ୍ଦେଶ୍ୟ । ଅନେକ ଥର ଲୋକଙ୍କୁ ସଚେତନ କରିବା ପରେ ମଧ୍ୟ ଲୋକ ମାନେ ସଚେତନ ନହେବା ଯୋଗୁ ଲୋକମାନେ କ୍ୟାନସର ରୋଗ ରେ ପୀଡିତ ହେଉଛନ୍ତି ଏବଂ କୋଟି କୋଟି ଟଙ୍କା ଚିକିତ୍ସା ନିମନ୍ତେ ଖର୍ଚ୍ଚ ହେଉଛି । ନିକଟ ରେ ଭାରତର ଜଣେ ଅଭିନେତ୍ରୀ ଏବଂ ଭାରତ କ୍ରିକେଟ ଟିମ ର ଜଣେ କ୍ରିକେଟ ଖେଳାଳି ଏହି କ୍ୟାନସର ରୋଗରେ ପିଡିତ ହୋଇଥିଲେ ଏବଂ କ୍ୟାନସରରୁ ମୁକ୍ତି ମଧ୍ୟ ପାଇଛନ୍ତି ।

କ୍ୟାନସର ରୋଗକୁ ଲୁଚେଇବା ଏବଂ ଡରିବା ଯୋଗୁ ଅନେକ ସମୟ ରେ ରୋଗୀ କୁ ଚିକିତ୍ସା ରୁ ବଞ୍ଚିତ କରାଯାଏ। କ୍ୟାନସରର ସନ୍ଦେହ ହେଲେ ସାଙ୍ଗେ ସାଙ୍ଗେ ତାର ପରୀକ୍ଷା ଓ ତାର ଚିକିତ୍ସା କରାଗଲେ ଆମେ ଅନେକାଂଶ ରେ କ୍ୟାନସରରୁ ମୁକ୍ତି ପାଇପାରିବା ।

କଥା ରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ "Health is wealth" ପ୍ରତ୍ୟେକ ମଣିଷ ର ମୂଳ ଲକ୍ଷ୍ୟ ହେବା କଥା ଏକ ସୁସ୍ଥ ଜୀବନ ବିତାଇବା ପାଇଁ। ନିଜ ସ୍ୱାସ୍ଥ୍ୟ କେମିତି ଭଲ ରହିବ ତା ଉପରେ ଚିନ୍ତା କରିବା କଥା।

୧୯୩୩ ର ଆନ୍ତର୍ରାଷ୍ଟ୍ରୀୟ କ୍ୟାନସର ନିୟନ୍ତ୍ରଣ ସଂଘ ଦ୍ୱାରା ପ୍ରଥମ ଥର ପାଇଁ ସ୍ୱିଜରଲେଣ୍ଡ ର ଜେନିଭା ସହର ରେ ବିଶ୍ୱ କ୍ୟାନସର ଦିବସ ପାଳନ କରାଯାଇଥିଲା । ଏହି ଦିବସ ରେ କ୍ୟାନସର ବିଷୟ ରେ ଲୋକଙ୍କୁ ଜାଗୃତ, ,ଶିକ୍ଷିତ ଏବଂ ସଚେତନ କରାଯାଇଥିଲା । କ୍ୟାନସରରୁ ମୁକ୍ତି ପାଇବା ପାଇଁ ବିଭିନ୍ନ ସରକାରଙ୍କୁ ଏ ବିଷୟ ରେ ବୁଝେଇବା ପାଇଁ ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ କେମିତି କ୍ୟାନସର ରୁ ବଞ୍ଚାଇବା ସେହି ବିଷୟ ରେ ସଚେତନ କରିବା ପାଇଁ ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଆଜିର ଦିନରେ ମଧ୍ୟ ପ୍ରତି ବର୍ଷ ୬ ଲକ୍ଷ୍ୟ ଲୋକ କ୍ୟାନସର ଦ୍ୱାରା ମୃତ୍ୟୁବରଣ କରୁଛନ୍ତି। ୪୦ ଲକ୍ଷ ଲୋକ ୩୦ରୁ ୪୦ ବର୍ଷ ଆୟୁ ପୂର୍ବରୁ ମୃତ୍ୟୁବରଣ କରିସାରିଲେଣି। ଏଥିପାଇଁ ସମୟ ପୂର୍ବ ରୁ ଏହି ରୋଗ ବିଷୟ ରେ ସାଧାରଣ ଲୋକଙ୍କୁ ଜାଗୃତ କରିବା ଦରକାର ଏବଂ ଲୋକଙ୍କୁ ଶିକ୍ଷିତ କରିବା ଦରକାର ତା ସହିତ କ୍ୟାନସର ଠାରୁ ଲୋକଙ୍କ ଜୀବନ କେମିତି ବଞ୍ଚିପାରିବ ତା ପାଇଁ ସମସ୍ତେ ଜାଗ୍ରତ କେବା ଦରକାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଅନୁତାପ


ସତ୍ୟନାରାୟଣ ପ୍ରଧାନ




ବୁଢ଼ା ବାପର ପ୍ରାଣବାୟୁଟା ରାତି ଅଧରୁ କେତେବେଳେ ଉଡି ଆରପାରିକୁ ଚାଲି ଯାଇଥିଲା । ସକାଳ ହେବାରୁ ଘର ଅଗଣାରେ କାଉ କୁକୁରମାନେ ମେଳ ହୋଇ ପରିବେଶକୁ ପୁରା ପ୍ରକମ୍ପିତ କରି ମନରେ ଶଙ୍କା ଭରି ଦେଇଥିଲେ । ଧର୍ମପତ୍ନୀ ତାଙ୍କ ସ୍ୱାମୀଙ୍କର ଦେହ ଖରାପ ଥିବାରୁ ରାତିରେ ଲାଗିଥିବା ପରିସ୍ରା ନଳୀକୁ ସଫା କରି ଆଉ ଥରେ ରଖିଦେବାକୁ ଗଲାବେଳେ ଶରୀର ନିସ୍ତେଜ ହୋଇ ଦେହ ହାତ ଗୋଡ କଞ୍ଚା ପାଣି ପାଲଟି ଯାଇଥିଲା । ଯେତେଥର ଡାକି ଉଠେଇଲେ ମଧ୍ୟ କୌଣସି ଉତ୍ତର ମିଳି ପାରି ନ ଥିଲା । ବଡ଼ ପୁଅକୁ ମାଆ ତାର ବାପାଙ୍କ ପାଟି ନ ଶୁଭିବା କଥା କାନ୍ଦି ଜଣେଇଲେ। ସେ ଯାହା ମନରେ ଆଗରୁ ଭାବୁଥିଲା ତାହା ହୋଇ ସାରିଛି ବୋଲି ମୁଣ୍ଡ ତଳକୁ କରି କହୁଥିଲା ।

କଥାଟା ଚାରିଆଡ଼େ ବ୍ୟାପି ଗଲା। ଗାଁ ସାରା ଲୋକ ଆଉ ବନ୍ଧୁ ବାନ୍ଧବ ଆସି ପହଞ୍ଚି ଯାଇଥିଲେ । ରାତିରୁ ବାସି ମଡ଼ାକୁ ଆଉ ବେଶି ସମୟ ଘରେ ନ ରଖି ଶବ ସଂସ୍କାର ବ୍ୟବସ୍ଥା କରିବାକୁ ବଡ଼ ପୁଅକୁ ସମସ୍ତଙ୍କର ଖୋଜା ପଡିଥିଲା । ସେ କିନ୍ତୁ କାହାକୁ କିଛି ନକହି ବାପାଙ୍କ ପେନସନ ଟଙ୍କା ଯିଏ ଖାଉଥିଲା ସିଏ ସବୁ ଦାୟିତ୍ୱ ଗ୍ରହଣ କରିବ ମୋର କିଛି କରିବା ଦରକାର ନାହିଁ ବୋଲି ତା ସ୍ତ୍ରୀକୁ କହିଲା । ସ୍ତ୍ରୀ ତାର ସିଧା କଥା ଶାଶୁଙ୍କୁ ପାଖକୁ ଡାକି ଗୋଟି ଗୋଟି କରି କହି ଦେଇଥିଲା।

ମାଆ ସେହି ଲାଜର କଥା କାହାକୁ କହି ନ ପାରି ଭୋ ଭୋ କରି ମୁଣ୍ଡକୁ ମାଟିରେ ପିଟି ତାଙ୍କୁ କାହିଁକି ଏକା କରି ଚାଲିଗଲ କହି କାନ୍ଦୁଥିଲା। ବଡ଼ ପୁଅର ପୁଅ ପାଠ ପଢି ଚାକିରି ନ ଥିବାରୁ ସବୁବେଳେ ତା ବାପାଙ୍କ ଠାରୁ ନିନ୍ଦା ଥଟ୍ଟା ପରିହାସ ଶୁଣୁଥିଲା । ଦାଦା ଅକାଳରେ ଚାଲି ଯିବା ପରେ ବାପା ଠାକୁରଙ୍କ ଦୟାରୁ ଖଣ୍ଡେ ଭଲ ଦାମିକା ଚାକିରି କରି ଥିବାରୁ ଜେଜେ ବାପା ତାଙ୍କ ପେନସନ ଟଙ୍କା ସାନବୋଉ ଆଉ ଭାଇ ଭଉଣୀଙ୍କ ଭରଣ ପୋଷଣ ପାଇଁ ଖର୍ଚ୍ଚ କରିବାରେ କୌଣସି କ୍ଷତି ନାହିଁ ସେ ବୁଝି ପାରିଥିଲା। ସେ ତା ବାପାଙ୍କ କୁକାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଆମ ଦୁଇ ଭାଇଙ୍କ ଭିତରେ ତୁମେ ଆଗକୁ ପାଇବାକୁ ଯାଉଥିବା ପେନସନ ଟଙ୍କା କାହାକୁ ଦେବ ଆଜି ଠାରୁ ଭାଗ କରିଦିଅ ନଚେତ୍ ଜେଜେଙ୍କ ପରି ବାସି ମଡା ହୋଇ ଭାରି ଉହକ ବିକଳ ହେଲେ ସ୍ୱର୍ଗରେ ଥାଇ ମନଦୁଃଖ କରିବ ନାହିଁ କହି ଚାଲି ଯାଇଥିଲା। ବାପା ପୁଅର କଥା ଶୁଣି ଅବାକ୍ ହୋଇ ଯାଇଥିଲା। ତା ଆଖ ପାଖ ପରିବେଶ ଘୁରିଲା ପରି ଅନୁଭବ ହେଉଥିଲା । ଜୀବନରେ ଯିଏ ଯାହା ପାପ ପୁଣ୍ୟ କରେ ତାକୁ ଏଇଠି ଭୋଗି ଯିବାକୁ ପଡିଥାଏ ଏ କଥା ତାର ଭାବନା ରାଜ୍ୟକୁ ପୁରା ଦୋହଲାଇ ଦେଇଥିଲା। ତା ଜୀବନରେ ଏପରି ଦିନ ନ ଘଟୁ ବୋଲି ଠାକୁରଙ୍କୁ ମନରେ ବିକଳ ହୋଇ ଡାକୁଥିଲା। ସେ ନିଜେ ଏତେ ଟଙ୍କା ରୋଜଗାର କରି ଗୋଟେ ବଡ଼ ପୁଅର କର୍ତ୍ତବ୍ୟ ଅନୁସାରେ କାହା ପାଇଁ ଖର୍ଚ୍ଚ କରିବା ପରିବର୍ତ୍ତେ ପୁଣି ଶେଷରେ ସାନଭାଇର ସ୍ତ୍ରୀ ପୁଅଝିଅଙ୍କ ଉପରେ ରାଗ କରି ବିଭ୍ରାଟ ସୃଷ୍ଟି କରୁଛି ବୋଲି ହୃଦୟଙ୍ଗମ କରୁଥିଲା । ସେତେବେଳେ ତାର ବାପା ମରିବାର ଲୁହାଠାରୁ ଅନୁତାପର ଲୁହ ବେଶି ଝରି ପଡିଥିଲା ।।


ଜେନାପୁର , ଜିଲ୍ଲା - ଯାଜପୁର , ପିନ୍ - ୭୫୫୦୨୩, ମୋ -୯୧୭୮୩୧୩୬୪୪


# ଟଙ୍କିକିଆ ଲୋକ


ସନ୍ତୋଷ କୁମାର ମହାନ୍ତି




ରାତି ପାହିଲେ ନୂଆ ବର୍ଷ । କେତେ ଲୋକଙ୍କ କେତେ ଯୋଜନା । ନିତିନ ଓ ତା ସ୍ତ୍ରୀ ନୂଆବର୍ଷ ପୂର୍ବ ରାତି ପାଇଁ ହୋଟେଲ ବୁକ କରିଛନ୍ତି । ସେଠି ସେମାନେ ରାତ୍ରି ଭୋଜନ କରିବେ । ଡ୍ୟାନ୍ସ ଓ ମ୍ୟୁଜିକରେ ମତୁଆଲା ହେବେ। ନିତିନ ଯେତିକି ଉତ୍ସାହିତ ନଥିଲା ତା ଠାରୁ ପରୀ ଅଧିକ ଉତ୍ସାହିତ ଥିଲା । ଜଣକ ପିଛା ହୋଟେଲ ପନ୍ଦର ସହ ହିସାବରେ ନେଇଛି । ଆଠ ବର୍ଷର ଛୋଟ ପୁଅ ଗିତୁ ପାଇଁ ବି ପାଞ୍ଚ ଶହ ଟଙ୍କା ଦିଆହେଇଛି । ତିନି ଜଣକ ପାଇଁ ହୋଟେଲ ତିନି ହଜାର ପାଞ୍ଚ ଶହ ନେଇଛି ।

ରାତି ଆଠଟାରେ ପରୀ ଓ ନିତିନ ହୋଟେଲରେ ପହଂଚିଲେ । ଭାରି ଭିଡ। ଗୀତ ଓ ନାଚରେ ହୋଟେଲ ଫାଟୁଛି । ରଙ୍ଗୀନ ଆଲୁଅରେ ହୋଟେଲ ଚମକୁଛି। ନାଚ ଗୀତ ଚାଲିଥାଏ । ଲୋକଙ୍କ ହୋ ହଲା ଶୁଭିଲା । ବୁକିଂ ହିସାବରେ ଖାଇବା ଠିକ ଭାବେ କରାଯାଇନାହିଁ । ଅନେକ ପରିବାର ଖାଇ ନାହାନ୍ତି । ଡାଇନିଂରୁ ଅନେକ ଖାଦ୍ୟ ସରିଗଲାଣି । ବୋତଲ ପାଣି ଜାଗାରେ ପାଉଚ ପାଣି ଦିଆହେଉଛି ।

ପରୀର ମୁଣ୍ଡକୁ ପିତ୍ତ ଚଢିଗଲା । ସେ ତ ଷ୍ଟାର୍ଟରରେ ପାମ୍ପୁଡି ଚାଟ ଓ ଗୁପଚୁପ ଟିକେ ଖାଇଥିଲା । ଅନ୍ୟ ଧାଡିରେ ଚିକେନ ଓ ମଟନ ବି ସରିଗଲାଣି । ଆଇସକ୍ରିମ ବି ଆଉ ନାହିଁ।

କିଛି ଲୋକ ହୋଟେଲ ବାଲାଙ୍କୁ ଗାଳି ଗୁଲଜ କଲେଣି । ଆଉ କିଏ ରାଗିକି ଖାଇବା ଫୋଫାଡ଼ିଲାଣି । ପୁଣି ବିଦେଶୀ ପାଣି ପକେଇ ଆସିଥିବା ବାବୁମାନେ ହୋଟେଲ ବାଲାଙ୍କ କଲର ଧରିଲେଣି । ନୂଆ ବର୍ଷକୁ ସ୍ୱାଗତ ହେବ କଣ ? ହୋଟେଲ ରଣକ୍ଷେତ୍ର ପରୀ ତ ରାଗରେ ଜଳୁଥିଲା । ବୁମ ପାଖକୁ ମୁହଁ ଲଗେଇ କହିଲା ....ଆମେ କଣ ଟଙ୍କିକିଆ ଲୋକ । ନେଲା ବେଳକୁ ପଇସା ହୋଟେଲ ଟାଣି ନେଲା । ଛୁଆ ମୋର କଣ ଖାଇବ ଯେ ତା ପାଇଁ ବି ପାଞ୍ଚଶହ ନେଇଛନ୍ତି । ଖାଇବା ନାହିଁ । ତେଣେ ଟଙ୍କିକିଆ ପାଉଚ ପାଣି ପିଇବାକୁ ଦେଉଛନ୍ତି ।

ସାମ୍ବାଦିକ ଜଣକ ଆଉ କିଛି ପଚାରିବା ପୂର୍ବରୁ ପରୀ ପୁଅକୁ ଧରି ଗାଡିରେ ଭିତରେ ବସି ସାରିଲାଣି । ନିତିନ ଗାଡି



ପାଲଟି ଗଲାଣି ।

ହୋଟେଲ ଭିତରେ ହୋ ହଲା ଖବରଟି କିଛି ସାମ୍ବାଦିକଙ୍କ କାନରେ ପଡିଗଲା। ସେମାନେ ବୁମ ଧରି ପହଂଚିଗଲେ । ସାମ୍ବାଦିକମାନେ ହୋଟେଲ ଭିତରକୁ ପ୍ରବେଶ କଲା ବେଳକୁ ପରୀ ରାଗିକି ବାହାରକୁ ଆସୁଥାଏ ।

ମ୍ୟାମ, କଣ ହେଲା ବୋଲି ଜଣେ ସାମ୍ବାଦିକ ପଚାରିଦେଲେ ।

ଷ୍ଟାର୍ଟ କଲାବେଳକୁ ପରୀକୁ ଭାରି ଅଣନିଶ୍ୱାସି ଲାଗିଲା । ତଣ୍ଟି ଶୁଖିଗଲା ପରି ଲାଗିଲା । କାରରେ ଥିବା ପାଣି ବୋତଲ ଖୋଜିଲା । ସେଥିରେ ପାଣି ନ ଥିଲା। ପୁଅ ଧରିଥିବା ଟଙ୍କିକିଆ ପାଣି ପାଉଚଟା ପରୀ ହାତକୁ ବଢ଼େଇ ଦେଲା । ପାଉଚ ଚିରି ପାଣି ଟୋପା ପିଇବା ପରେ ପରୀ ଦେହରେ ଜୀବନ ପଶିଲା ଭଳି ଲାଗିଲା ।


ନବଜୀବନ ସମାଜ, କଟକ -୭୫୪୦୨୨, ମୋ-୯୭୭୭୭୬୩୪୬


# ମୁଁ ପରା ଜଣେ ମା'


କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ


ସେତେବେଳ ମହାରାଣୀ ଭିକ୍ଟୋରିଆ ଇଂଲଣ୍ଡର ମହାରାଣୀ ଆସନ ଅଳଙ୍କୃତ କରିଥାନ୍ତି। ସେହି ସମୟରେ ଏକ ଅବିସ୍ମରଣୀୟ ଘଟଣା ଘଟିଥିଲା। ମହାରାଣୀ ଭିକ୍ଟୋରିଆଙ୍କର ଏଲିସ୍ ନାମକ ଏକ କନ୍ୟା ଥିଲା। ସେହି ଏଲିସ୍‌ଙ୍କର ଏକ ପୁତ୍ର ସନ୍ତାନ ଦୁରାରୋଗ୍ୟ ଶ୍ୱାସନଳୀ ରୋଗରେ ପୀଡ଼ିତ ଥିଲା। ବହୁ ବଡ଼ ବଡ଼ ଡ଼ାକ୍ତର ତାହା ଚିକିତ୍ସାରେ ନିୟୋଜିତ ଥିଲେ। ସବୁ ଡ଼କ୍ତର ଏକାଭଳି ପରାମର୍ଶ ଦେଲେ ଯେ ପିଲାଟିର ରୋଗ ଭୟଙ୍କର ଭାବେ ସଂକ୍ରମିତ ହୋଇଛି। ତେଣୁ ରାଜା ପରିବାରର କୌଣସି ଲୋକ ପିଲାଟିକୁ ଭେଟିବା ଉଚିତ୍ ନୁହେଁ। ରୋଗର ପ୍ରାଦୁର୍ଭାବରୁ ଦଶ ବର୍ଷର ବାଳାକଟି କ୍ରମେ ଦୁର୍ବଳ ହୋଇପଡ଼ିଲା। ରାଜା ପରିବାରର ସମସ୍ତ ସଦସ୍ୟ ରୋଗ ସଂକ୍ରମଣ ଭୟରେ ବାଳକଟି ପାଖରୁ ଦୂରେଇ ଗଲେ କିନ୍ତୁ ଏକା ବାଳକଟିର ମା' ଏଲିସ୍ ସମସ୍ତଙ୍କ ବାରଣ ସତ୍ତ୍ୱେ ବାଳକଟିର ସେବା ଯତ୍ନରେ ଦିନରାତି ଅକ୍ଳାନ୍ତ ଲାଗିପଡ଼ିଥାନ୍ତି।

ଦିନକର ଘଟଣା, ବାଳକଟିର ମା' ଏଲିସ୍‌ଙ୍କ ପାଖରେ ଅଡ଼ିବସିଲା, ମା' ବହୁତ ଦିନ ହେଲା ତୁମେ ମୋତେ କୋଳରେ ବସେଇ ମୋ ଗାଲରେ ଚୁମ୍ବନ ଦେଇ ଗେହ୍ଲା କରିନାହଁ କାହିଁକି ? ମୋତେ ଏବେ ଟିକେ ତୁମ କୋଳରେ ବସେଇ ଚୁମ୍ବନ ଦିଅ। ରୁଗୁଣ ବାଳକଟିର ଏତିକି କଥାରେ ମମତାର ଉଚ୍ଛୁଳା ନଦୀ ପ୍ଳାବନ କଲା। ଆଖିରୁ ଗଡ଼ି ଯାଉଥିବା ଧାର ଧାର ଲୁହକୁ ଅକସ୍ମାତ ପୋଛି ପକାଇ କାଳବିଳମ୍ବ ନକରି ସମସ୍ତଙ୍କ ବାରଣ ସତ୍ତ୍ୱେ ଏମିତିକି ନିଜ ମା' ମହାରାଣୀ ଭିକ୍ଟୋରିଆଙ୍କ କଡା ଜାଗିଦ୍‌କୁ ଖାତିର୍ ନକରି ନିଜର ମୃତ୍ୟୁ ସୁନିଶ୍ଚିତ ଜାଣି ମଧ୍ୟ ଏଲିସ୍ ନିଜର ପ୍ରାଣର ପିତୁଳାକୁ କୋଳରେ ଜାବୁଡ଼ି ଧରିଲେ। ପ୍ରଗାଢ଼ ଆଲିଙ୍ଗନ ପୂର୍ବକ ରୋଗିଣା ପୁଅର ମୁହଁରେ ବାତ୍ସଲ୍ୟର ପ୍ରତୀକ ଚୁମ୍ବନ ପରେ ଚୁମ୍ବନ ଦେଇଚାଲିଥିଲେ। ଅଦୂରରେ ରାଜ ପରିବାରର ସମସ୍ତ ସଦସ୍ୟ, ସମସ୍ତ ଲବ୍ଧ ପ୍ରତିଷ୍ଠିତ ଡ଼ାକ୍ତର ଏମିତିକି ସ୍ୱୟଂ ମହାରାଣୀ ଭିକ୍ଟୋରିଆ ଏ ଅଭାବନୀୟ ଦୃଶ୍ୟରେ ସ୍ତବ୍ଧ ହୋଇଯାଇଥିଲେ ଓ ଭୟରେ ଶିହରି ଉଠିଥିଲେ। ଶେଷରେ ନିର୍ମଳ ସ୍ୱର୍ଗୀୟ ମାତୃତ୍ୱ ହିଁ ଜୟଲାଭ କଲା। ସମସ୍ତ ପରାମର୍ଶ ମାତୃତ୍ୱର ଅନାବିଳ ମମତା ପାଖରେ ବ୍ୟର୍ଥ ହୋଇଥିଲା। ପୁଅର ସଂକ୍ରମଣ ରୋଗ ଏତେ ଭୟଙ୍କର ଥିଲା ଯେ, ଖୁବ୍ ଅଳ୍ପ ଦିନ ମଧ୍ୟରେ ପୁଅ ସହିତ ମା ଏଲିସ୍ ମଧ୍ୟ ସେହି ସଂକ୍ରମଣ ରୋଗରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ପୂର୍ବରୁ ମହାରାଣୀ ଭିକ୍ଟୋରିଆ ସମସ୍ତ ରାଜ ପରିବାରର ସଦସ୍ୟ ଏଲିସ୍‌ଙ୍କୁ ବ୍ୟଥିତ ହୃଦୟ ନେଇ ପ୍ରଶ୍ନ କରିଥିଲେ ଯେ ଅବୋଧ ବାଳକଟି ସିନା ରୋଗ ସଂକ୍ରମଣ ଜନିତ ମୃତ୍ୟୁ ସଂପର୍କରେ ଅବଗତ ନଥିଲା ହେଲେ ତୁମେ ଅବଶ୍ୟମ୍ଭାବୀ ଜାଣି ସୁଧା କାହିଁକି ବାଳକଟିର କଥାରେ ରାଜି ହୋଇ ନିଶ୍ଚିତ ମୃତ୍ୟୁକୁ ବରଣ କଲ।

ଏ ପ୍ରଶ୍ନର ଉତ୍ତରରେ ଆସନ୍ନ ମୃତ୍ୟୁକୁ ଭେଟିଯଉଥିବା ମା'ଟି କେବଳ ଏତିକି କହିଥିଲା 'ମୁଁ ପରା ଜଣେ ମା' ଏତିକିରେ ସମସ୍ତେ ନିରବ ହୋଇଯାଇଥିଲେ। ବାସ୍ତବିକ ମା ସବୁକିଛି ତ୍ୟାଗ କରିପାରେ। ଏମିତିକି ଦରକାର ପଡ଼ିଲେ ସନ୍ତାନ ପାଇଁ ବି ପ୍ରାଣବଳି ଦେଇପାରେ। ମା'ଠାରୁ ମହାନ୍ ଏ ବିଶ୍ୱ ବ୍ରହ୍ମାଣ୍ଡରେ ଅନ୍ୟ କଛି ନାହିଁ। ଗର୍ଭଧାରୀଣୀ ଜନନୀର ଋଣ ଜନ୍ମ ଜନ୍ମାନ୍ତରରେ ମଧ୍ୟ ପରିଶୋଧ କରିହୁଏ ନାହିଁ। ସେ ସତରେ ସ୍ୱର୍ଗାଦପୀ ଗରିୟସୀ।


ରାଣୀଗୋଡ଼ା ଷଠିପୁର
ଯାଜପୁର
ମୋ. ନଂ.-
୭୮୪୯୦୧୫୧୨୭


# ଜୀଅନ୍ତା ଭଗବାନ


ଘନଶ୍ୟାମ ପଲେଇ




ବେଳେବେଳେ ମନରେ ବିରକ୍ତି ବି ଆସେ। ମା'ଯେତେବେଳେ ଗପିବ ପନ୍ଦର କୋଡିଏ ମିନିଟରୁ କମ ନୁହଁ ବରଂ ଅଧିକ ହେବ ପଛେ। ପୁଣି ସେଇ ସେଇ କଥା। ---- କେମିତି ଅଛୁ ବାବୁ। ----ଦିହ ପା ଭଲ ଅଛିତ। ---ବାହାର ଜାଗା ଦେଖି ଚାହିଁ ଚଳୁଥିବୁ। ଇମିତି ଇମିତି --- ଆହୁରି ଅନେକ କଥା। ମା' ଉପରେ ବେଳେ ବେଳେ ବିରକ୍ତ ବି ଲାଗେ। ମୁଁ କ'ଣ ଆଉ ଛୋଟ ପିଲାଟେ ହେଇଛି ଯେ ଜୀବନର ବର୍ଣ୍ଣବୋଧ ପଢିବି। ପାଠଶାଠ ପଢି କଲିଣି ଚାକିରି। ଏଣିକି ବାଙ୍ଗାଲୋର ଭଳି ଜାଗାରେ ଭଲ ପ୍ୟାକେଜରେ ଜଣେ ସଫ୍ଟୱେର ଇଞ୍ଜିନିୟର। ଆଉ କ'ଣ ସମୟ ଅଛି ଗପିବାକୁ। ଯୁଗ ଯାଇ କୋଉଠି ପହଞ୍ଚିଲାଣି। କମ୍ପିଟିସନ୍ ଯୁଗ। କାହା ପାଖରେ ନାଇଁ ଫୁରୁସତ୍।

ଇଛା ହୁଏ ଫୋନ ନ ଉଠେଇବାକୁ। ହେଲେ ମୁଁ ପାରେନି। ମା'ର ସେଇ ଉଦାସିଆ ମୁହଁଟା ମୋ ଆଖି ଆଗରେ ନାଚି ଉଠେ। ବର୍ତ୍ତମାନ ପରିବାର କହିଲେ ମୁଁ ଓ ମାଆ। ବାପା ଗଲା ପରେ ସେ ପୁରାପୁରି ଭାଙ୍ଗି ପଡିଛି ଜାଣ। ବେଶି ଟିକିଏ ଡରି ବି ଯାଇଛି କ'ଣ ? ଘରୁ ମୁଁ କୁଆଡେ ଗୋଡ କାଢିଲେ ଦାଣ୍ଡ କବାଟ ଯାଏଁ ଦୌଡିଡି ଆସେ ମୋ ମା'। ଆଉ ଉପରକୁ ହାତ ଦି'ଟା ଟେକି ମୁଣ୍ଡରେ ମାରୁଥିବ ବାରବାର। ଉପରବାଲା ଉଦେଶ୍ୟରେ।

ମୁଁ ବାଙ୍ଗାଲୋରକୁ ଚାକିରି ପାଇଁ ଆସିଲା ପରେ ମା' ଏବେ ଗାଁରେ ଏକୁଟିଆ। ବୁଢି ହେଲାଣି ହେଲେ ବି ଭାରି ଚଳ ଚଞ୍ଚଳ। ସବୁ କାମ ନିଜେ କରିପକାଏ। ମାଆ ସହ କଥା ହେବା ପାଇଁ ଯାହା ନାମକୁ ମାତ୍ର ଚାକାରାଣୀଟେ ଖଞ୍ଜି ଦେଇଛି ମୁଁ। ମାଆକୁ ଅନେକ ଥର କହିଲିଣି ମୋ ସହ ଆସି ରହିବାକୁ। ହେଲେ ସବୁବେଳେ ଗୋଟାଏ କଥା କହି ମୋତେ ଭୁଲାଇବାକୁ କରେ ଚେଷ୍ଟା --- ନାଇଁରେ ବାବୁ। ମୁଁ ତ ଏବେକୁ କରିପାରୁଛି ସବୁକାମ। ବଳବୟସ ଗଲେ ଦେଖିବା। ତା' ଛଡା ତୋ ବାପାର ସ୍ମୃତି ପରା ବାନ୍ଧି ରଖିଚି ମୋତେ ଏଇଠି। ପରେ ସମୟ ସୁବିଧା ଦେଖି ଯିବି। ମନ ଉଣା କରନା ଜମାରୁ ବି।

ମୁଁ ବି ବେଶି ବାଧ କରିପାରେ ନାହିଁ। ଗାଁରେ ଖୋଲା ମେଲା ଘର। ବାଡି ବଗିଚାଟିଏ ବି ଅଛି। ସବୁ ଆଡେ କିଛି ନା କିଛି ଜିନିଷ ପଡିଥିବ। କୋଉଠି ଗାଇପାଇଁ କୁଣ୍ଡଟାଏ, ତ ପୁଣି କେଉଁଠି ପେଜ ତୋରାଣି ଦିଆ ଯାଇଥିବା ବାଲଟିଟାଏ ଗଡୁଥିବ ଅନାଥ ପରି। ଚୋରି ଭୟ ନ ଥାଏ ଗାଁ ଭୁଇଁରେ। ଖୋଲାମେଲା ସାଧାସିଧା ମୁକ୍ତ ଜୀବନ। ତା'କୁ ଛାଡି ସେ ସହରର ଛୋଟିଆ କୋଠା ଭିତରେ ବନ୍ଦି ହେବାକୁ ଚାହେଁ ନାଇଁ କେବେବି।

ଆଜି ମୋ ମନଟା କାହିଁକି ଟିକିଏ ଭାରାକ୍ରାନ୍ତ ଲାଗୁଥିଲା। ମୁଣ୍ଡ ହାଲ୍କା ହାଲ୍କା ବିନ୍ଧୁଥିଲା। ଡ୍ୟୁଟିରୁ ବାହାରି ସିଧା ସିଦ୍ଧେଶ୍ୱର କାଫେ ଚାଲିଲି। ସବୁଥର ପରି ମସାଲା ଦୋସାଟେ ଅଡର ଦେଇ ବସିଗଲି ନିର୍ଦ୍ଧାରିତ ସ୍ଥାନରେ। ଠିକ୍ ସମୟରେ ଆସିଗଲା ଦୋସା। ଖାଇବାକୁ ଆରମ୍ଭ କରିଛି କି ନା ରିଙ୍ଗ୍ ହେଲା ମୋବାଇଲ। ଦେଖିଲି କରିଛି ମାଆ। ଭାବିଲି ନ ଉଠେଇ ଖାଇ ସାରି କରିବି ଫୋନ। ହେଲେ ମନଟା ମାନିଲା ନି। ମା' ମୋର ବ୍ୟସ୍ତ ମଣିଷ। ଟିକିଏ ଛାଡି ପୁଣି କରିବ। ତା' ଛଡା ମା' ବି ତ ଏକୁଟିଆ ରହୁଛି ନା, କାଳେ କ'ଣ ଦରକାର ଥିବ। କାଫେର ସେ ଭିଡ ଭିତରେ ଠିକ ସେ ଶୁଣା ଯିବ ନି ବୋଲି ଫୋନ ଉଠେଇବା ସହ ଦୋସା ପ୍ଲେଟଟିକୁ ଧରିଲି ହାତରେ। ଦଶ-ପନ୍ଦର ମିଟର ଦୂରରେ ଥିବ ଏକ ଶାନ୍ତ ସ୍ଥାନକୁ ଯାଇ ଖାଇ ଖାଇ ଗପିଲି।

କିଛି ସମୟ ଫୋନରେ କଥା ହେଲା ଭିତରେ ଢୋ କଲା ଜୋରରେ। ମୁଁ ଡରିଗଲି।--- ମା ! ତୋତେ ମୁଁ ପରେ ଫୋନ କରୁଛି କହି କାଟିଦେଲି ଫୋନଟି।

ଅନେଇ ଦେଖିଲି। ଘଟିଛି ବଡ ଧରଣର ବିସ୍ଫୋରଣ। ଟିକିଏ ଆଗରୁ ପଡିଥିବା ସେଇ ସିଟ ଗୁଡିକ ଆଉ ନାହିଁ। ସବୁ ଛିଟିକି ପଡିଛି ଟିକିଟିକି ହେଇ ଖଣ୍ଡେ ଦୂରକୁ। ଖେଳି ଯାଇଛି ହୋ ହାଲା, ପାଟିତୁଣ୍ଡ, କାନ୍ଦବୋବାଳି। ପାଖାପାଖି ଦଶ ବାର ଜଣ ଲଦା ହେଲେଣି ଆମ୍ବୁଲାନ୍ସରେ।

ମୁଣ୍ଡରେ ହାତ ଦେଇ ବସିପଡିଲି। ମାଆର ଛୋଟିଆ ଫୋନ କଲଟେ ଆଜି ମୋତେ ଦେଲା ବଞ୍ଚେଇ। ମାଆ ସହ କଥା ହେବାକୁ ନିରୋଳା ସ୍ଥାନକୁ ଉଠି ଯାଇ ନ ଥିଲେ ମୋର ଅବସ୍ଥା ଯେ କ'ଣ ହେଇଥାନ୍ତା-- ଭାବିଲା ବେଳେକୁ ଥରି ଉଠୁଥିଲା ଛାତି। ଆଜି ଅଙ୍ଗେ ଅଙ୍ଗେ ଅନୁଭବ କରି ପାରୁଥିଲି ବାପା ମା' ଜୀଅନ୍ତା ଭଗବାନ ବୋଲି। ବପାମା' ଯେ ନିଜର ଅଜାଣତରେ ମଧ୍ୟ ସନ୍ତାନ ଉପରେ ଆଶୀର୍ବାଦର ବଳୟ ଘେରାଇ ରଖିପାରନ୍ତି, ଆଜିର ଘଟଣାରୁ ବୁଝିବାକୁ କରୁଥିଲି ଚେଷ୍ଟା। ସେମାନଙ୍କ ଟିକିଏ ଟିକିଏ ଅଦୃଶ୍ୟ ଆଶୀର୍ବାଦରେ ବି ଟଳିଯାଇପାରେ ମହା ମେରୁ ଭଳି ବଡ ବଡ ବିପଦ।




ଟେନସା, ସୁନ୍ଦରଗଡ-୭୭୦୦୪୨
ମୋ- ୯୪୩୭୭୧୮୫୦୦


# ବ୍ରହ୍ମାସ୍ତ୍ର


ପ୍ରଭାତ କୁମାର ମହାପାତ୍ର


କୀର୍ତ୍ତନ ମଣ୍ଡଳୀ ପୁରା ଉତ୍ସାହରେ ଭଜନ କୀର୍ତ୍ତନ କରୁଥିଲେ। ଏହା ସହ ତାଳକୁ ତାଳ ମିଶାଇ ଅନ୍ୟ ମାନେ ମଧ୍ୟ ଶ୍ରଦ୍ଧା ପୂର୍ବକ କୀର୍ତ୍ତନର ରସାସ୍ୱଦନ କରି ଆତ୍ମ ବିଭୋର ହେଉଥିଲେ। ସାରା ପରିବେଶ ଭକ୍ତିମୟ ହୋଇଯାଇଥିଲା। ଶ୍ରଦ୍ଧାଳୁ ମାନେ ଈଶ୍ୱରଙ୍କ ସାମ୍ନାରେ ନତ ମସ୍ତକ ହୋଇ ନିଜର ଦୁଃଖ କଷ୍ଟ ନିବାରଣ କରିବା ପାଇଁ ପ୍ରାଥନା କରୁଥିଲେ। ସାମ୍ନାରେ ଥିବା ଦାନ ପାତ୍ରରେ କିଛି ଟଙ୍କା ପଇସା ଦାନ କରିବା ପରେ ସୁଖାସନରେ ବସି ଭଜନ କୀର୍ତ୍ତନ ଶ୍ରବଣ କରିବା ସହ ଈଶ୍ୱରଙ୍କ ସାନ୍ନିଧ ପାଇବା ପାଇଁ ଚେଷ୍ଟା କରୁଥିଲେ।

ଠିକ୍ ଏହି ସମୟରେ ଚାରି ପାଞ୍ଚ ବର୍ଷର ଶିଶୁ କନ୍ୟାଟିଏ ବସିଥିବା ସ୍ଥାନରୁ ଉଠି ବିନା କୌଣସି ଭୟ କିମ୍ବା ସଙ୍କୋଚରେ କୀର୍ତ୍ତନ ମଣ୍ଡଳୀର ସାମ୍ନାରେ ଖେଳିବାକୁ ଆରମ୍ଭ କରିଦେଲା। ବୋଧ ହୁଏ ଭଜନ କୀର୍ତ୍ତନରେ ତାର କୌଣସି ରୁଚି ନ ଥିଲା ଅଥବା ବଡ ଲୋକ ମାନଙ୍କ ଭଳି ସେ ଆଖି ବନ୍ଦ କରି ଈଶ୍ୱରଙ୍କୁ କିଛି କହି ପାରୁଥିଲା ନା ଈଶ୍ୱରଙ୍କ ସହ ସମ୍ପର୍କ ଯୋଡି ହେବାର କୌଣସି ନାଟକ କରି ପାରୁଥିଲା !। ସେ କେତେବେଳେ ଦାନ ପାତ୍ର ର ନିକଟରେ ପହଞ୍ଚି ଯାଉଥିଲା ଏବଂ ସେଥିରେ ଥିବା ପଇସା ନେଇ ଖେଳିବାକୁ ଲାଗୁଥିଲା, କେତେବେଳେ ଧାଇଁ ଯାଇ କୀର୍ତ୍ତନ ମଣ୍ଡଳୀଙ୍କ ହାରମୋନିୟମକୁ ଛୁଇଁ ଖୁସିରେ ଏପରି ଉଚ୍ଚ ସ୍ୱରରେ ଚିତ୍କାର କରୁଥିଲା, ଯେପରିକି ପରମାତ୍ମାଙ୍କ ପ୍ରିୟ ଭକ୍ତଙ୍କୁ ଆଜି ସ୍ୱୟଂ ଭଗବାନ ସାକ୍ଷାତ କରୁଛନ୍ତି। ପୁଣି କିଛି ସମୟ ବ୍ୟବଧାନରେ ହସି ହସି ନିଜ ବାପାଙ୍କ ପାଖରେ ପହଂଚୁ ଥିଲା ଆଉ କିଛି ସମୟ ଅତିବାହିତ କଲା ପରେ ମହିଳା ମାନଙ୍କ ଗହଣରେ ବସିଥିବା ନିଜ ମା ନିକଟରେ ପହଞ୍ଚି ଜୋର୍ ଜୋର୍‌ରେ ହସି ହସି ନିଜ ମା'କୁ ଖେଳିବା ପାଇଁ ଆଗ୍ରହ ଦେଖାଉ ଥିଲା ଆଉ କେତେବେଳେ ନିଜ ବାପାଙ୍କ ହାତକୁ ଧରି ବାହାର କୁ ଯିବା ପାଇଁ ଜିଦ୍ କରୁଥିଲା।

ପିଲା ଟିର ଏପରି ବ୍ୟବହାରରେ କୀର୍ତ୍ତନ ମଣ୍ଡଳୀ ଏବଂ ସେଠାରେ ଉପସ୍ଥିତ ଭକ୍ତ ମାନେ ରାଗିବା ସ୍ୱାଭାବିକ ଥିଲା। କିନ୍ତୁ ଏହି ଉପକ୍ରମରେ ଯିଏ ସବୁଠାରୁ ବେଶୀ ବ୍ୟତିବ୍ୟସ୍ତ ହେଉଥିଲେ ସେ ପିଲାଟିର ମା ଥିଲେ। କାରଣ ଯେତେଥର ଶିଶୁଟି ଦାନ ପାତ୍ର ନିକଟକୁ ଯାଉଥିଲା, ମା ତାକୁ ଧରି ନିଜ ପାଖକୁ ନେଇ ଆସୁଥିଲା। ସେ ଯେତେଥର ଦୁଷ୍ଟାମୀ କରିବାକୁ ଚେଷ୍ଟା କରୁଥିଲା,ଏପରି ନ କରିବାକୁ ମା'ଟି ଶିଶୁକୁ ବୁଝଉ ଥିଲା। ଶିଶୁକୁ ଶାନ୍ତ କରିବା ପାଇଁ ମା ଜଣକ ଅନେକ ଉଦ୍ୟମ କଲା, କିନ୍ତୁ ସବୁ ଚେଷ୍ଟା ବିଫଳ ହେଲା। ଶିଶୁଟି ଯେପରି କିଛି କଥା ନ ଶୁଣିବା ପାଇଁ ପ୍ରତିଜ୍ଞା କରିଛି ! ଯେତେବେଳେ ସବୁ ପ୍ରୟାସ ବ୍ୟର୍ଥ ହେଲା ମା ର ସବୁ ଧୈର୍ଯ୍ୟ ସୀମା ପାର ହୋଇଗଲା। ଅତ୍ୟନ୍ତ କ୍ରୋଧରେ ପିଲାଟିକୁ ମନ ଇଚ୍ଛା ଗାଳି କରିବା ଆରମ୍ଭ କରି ଦେଲା,ଶିଶୁଟି କଣ ସମ୍ଭାଳେ ? ପିଲାଟି ସେହି ମୁହୂର୍ତ୍ତରେ ହିଁ ଉଚ୍ଚ ସ୍ୱରରେ କାନ୍ଦିବା ଆରମ୍ଭ କରିଦେଲା। ଏଥି ମଧ୍ୟରେ କୀର୍ତ୍ତନ ମଣ୍ଡଳୀର ସଦସ୍ୟ ଏବଂ ଅନ୍ୟ ଭକ୍ତ ଗଣ ପିଲାଟିର ମା'କୁ ଏଭଳି ଦେଖୁଥିଲେ, ଯେପରି ସେ ଜଣେ ବଡ ଅପରାଧୀ ହେଇଥିବ ! କିଛି କ୍ଷଣ ପରେ ରାଗକୁ ନିୟନ୍ତ୍ରଣ କରି ମା' ଶିଶୁକୁ ଆଦର ସହ ନିଜ କୋଳରେ ଯେମିତି ବସାଇଲା, ପୁଣିଥରେ ପିଲାଟି ତାର ଉଦଣ୍ଡ ଲୀଳା ଆରମ୍ଭ କରି ଦେଲା। ଶେଷରେ ଅନ୍ୟ ଉପାୟ ନ ପାଇ ଦୁଃଖୀ ମା ଟି ପିଲାକୁ ଶାନ୍ତ କରିବା ପାଇଁ ନିଜର ଅନୁଭବ ପ୍ରୟୋଗ କରିବା ପାଇଁ ଚେଷ୍ଟା କଲା, ଯାହା ଆଜିର ଯୁଗରେ ବ୍ରହ୍ମାସ୍ତ୍ର ଭଳି କାମ ଦେଇଥାଏ। ସେହି ବ୍ରହ୍ମାସ୍ତ୍ରର ପ୍ରୟୋଗ ନିଜ କନ୍ୟା ପ୍ରତି ଆରମ୍ଭ କଲା, ଅର୍ଥାତ୍ ନିଜ ମୋବାଇଲ୍‌ରୁ vdo ଖେଳ ଲଗାଇ ଦେଇ ପିଲାଟିର ହାତରେ ଦେଇଦେଲା, ପିଲାଟି ଏକବାର ଚୁପ୍। ମୋବାଇଲ୍ ନେଇ ଗୋଟିଏ କୋଣରେ ଏପରି ବସି ଗଲା, ଯେପରିକି ତାର କୌଣସି ଅସ୍ତିତ୍ୱ ହିଁ ନାହିଁ ! ଏ ହେଉଛି ଆଜିର ଯୁଗର ବ୍ରହ୍ମାସ୍ତ୍ର !




ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ
ମୋ-୭୮୯୪୦୦୫୪୫୫


# କାର୍ଟୁନ୍


ଆଦ୍ୟାଶା ମହାପାତ୍ର


କାଲି ଥିଲା ରବିବାର। ସନ୍ଧ୍ୟାରେ ଡ୍ରଇଂ କ୍ଲାସରୁ ପୁଅ ଫେରିଲା ତ ଫ୍ରେସ ହୋଇ ଆସି ମୋ ପାଖରେ ସୋଫାରେ ବସିଲା। ସେତେବେଳକୁ ଟିଭିରେ ମୁଁ ନ୍ୟୁଜ ଦେଖୁଥିଲି।

- ' ବାବା, କାର୍ଟୁନ୍..' ଧିରେ କରି କହିଲା ପୁଅ। ଦୁଇଟି ଶବ୍ଦରେ ସେ ତା'ର ଯେଉଁ ଇଛା ବ୍ୟକ୍ତ କରିଥିଲା ମୁଁ ବୁଝିଗଲି। ହେଲେ ନିର୍ବାଚନ ବିଷୟରେ ଦେଉଥିବା ନ୍ୟୁଜରେ ମୁଁ ଏକରକମ ବୁଡି ଯାଇଥିଲି। ଖୁବ୍ ରୋଚକ ଲାଗୁଥିଲା ନେତା ମାନଙ୍କର ଆରୋପ ଏବଂ ପ୍ରତ୍ୟାରୋପ।

'ଆଚ୍ଛା, ଡ୍ରଇଂ ଶିଖୁଚୁ ତ ମୋତେ ଗୋଟିଏ କାର୍ଟୁନ୍ ଚିତ୍ର ଆଙ୍କି ଦେଖା।' ମୁଁ ଜାଣିଥିଲି ପୁଅର କାର୍ଟୁନ୍ ଆଙ୍କିବାର ସଉକ ଅଛି। ତେଣୁ ତାକୁ ତା ଉଦ୍ଦେଶ୍ୟରୁ ନିବୃତ୍ତ ରଖିବାକୁ ମୁଁ ପ୍ରୟାସ କଲି। ଟିଭି ପରଦାକୁ ହାତ ବଢେଇ ପୁଅ ପଚାରିଲା 'ଏଇ କାର୍ଟୁନ୍ ମାନଙ୍କ ମଧ୍ୟରୁ କାହାର ଚିତ୍ର ଆଙ୍କିବି କୁହ।'

-' ଆରେ ଏମାନେ ସବୁ ଦେଶର ବଡ଼ ବଡ଼ ନେତା। ନିର୍ବାଚନ ପାଇଁ ନ୍ୟୁଜରେ ସେମାନଙ୍କ ବିଷୟରେ ଦେଖାଉଛନ୍ତି।'

- 'ସେଠୁ କ'ଣ ହେଲା ? ନେତା ମାନେ ଚିଟିଂ କରନ୍ତି ବୋଲି ସେମାନେ ଗୋଟିଏ ଗୋଟିଏ କାର୍ଟୁନ୍..!' -'ଏମିତି କ'ଣ କହୁଛୁ? କାହାଠୁ ଏ ବାଜେ କଥା ସବୁ ଶିଖୁଛୁ? 'ସତ କହିବାକୁ ଗଲେ ମୁଁ ପୁଅ କୁ ଚିଟିଂ କରିବାକୁ ଚେଷ୍ଟା କରୁଥିଲି ବୋଲି କାଳେ ସେ ମୋତେ ଏକଥା ଶୁଣଉଛି ବୋଲି ଭାବି ଅଳ୍ପ ରାଗିଗଲି।

- ବାବା ତୁମେ ଜାଣିନକି ?ଥରେ ବିଶିଷ୍ଟ କାର୍ଟୁନ୍ ଚିତ୍ରଶିଳ୍ପୀ ଆର.କେ.ଲକ୍ଷ୍ମଣ କହିଥିଲେ 'ମୁଁ ନେତାଙ୍କ କାର୍ଟୁନ୍ ଆଙ୍କିବା ଛାଡି ଦେଇଛି, କାରଣ କାର୍ଟୁନ୍ ମାନେ ଏବେ ନେତା ସାଜିଛନ୍ତି।' ପୁଅର କଥା ସେତେବେଳକୁ ମୋତେ କାହିଁକି କେଜାଣି ଏକଦମ୍ ଠିକ୍ ଲାଗିଲା।ତା' ସହିତ ମିଶି କାର୍ଟୁନ୍ ଚ୍ୟାନେଲକୁ ମୁଁ ଯଥାରୀତି ଉପଭୋଗ କରିବାକୁ ଠିକ୍ ମନେକଲି ।


ନୂଆପଡା, କଟକ


# ଜୀବନ ମୋଡ଼ର ଭିଡ଼ ଭିତରେ...


ଶକ୍ତିପ୍ରଦା ମହାପାତ୍ର


ପିଲାଟି ଦିନରୁ ଭବ୍ୟା ମାଆର ଧାଁ ଧପଡ଼ ଜୀବନକୁ ଦେଖି ଦେଖି ବଢ଼ିଛି ।ଦେଖି ଦେଖି ବ୍ୟସ୍ତ ହୋଇପଡ଼େ। ମାଆର ଘରେ ଗୋଟେ ଗୋଡ଼ ତ ସ୍କୁଲରେ ଗୋଟେ ଗୋଡ଼ ! ଜୀବନରେ ମାଆ ତାର କେବେ ବସିକି ଖାଇବା, ପାଣି ପିଇବା, କି ଖୁସି ମଜା କରିବା କେବେ ଦେଖିନି ଭବ୍ୟା । ତା'କୁ (ଭବ୍ୟା) ଜର ହେଲେ କେବେ ପାଖରେ ବସି ପାଣି ପଟି କରିବା, ଗୋଡ଼, ହାତ କି ମୁଣ୍ଡରେ ମାଆଙ୍କର ନରମ ପାପୁଲିର ସ୍ପର୍ଶ କେବେ ଅନୁଭବ କରିନି ସେ ବରଂ ଏତିକି ବେଳେ କାମବାଲିର କର୍କଶ ହାତର ଚିମୁଟା ତା ଭାଗ୍ୟରେ ଥାଏ। ବେଳେବେଳେ ଏଇ କଥାକୁ ନେଇ ମାଆଙ୍କୁ ଭବ୍ୟା ଖୁବ୍ ଯାଉ୍ତୁ ସ୍ୟାତ୍ତୁ ଶୁଣେଇଦିଏ । ତାପରେ ଅନୁତାପ କରେ । ଭୁଲ୍ ମାଗେ, କାନ ଧରେ ମାଆ ଆଗରେ ସୁଁ ସୁଁ ହୁଏ । ଲୁହ ସିଙ୍ଘାଣି ଏକ କରେ । ମାଆ ଭବ୍ୟାର ଗୁଲୁଗୁଲିଆ ମୁହଁ ଦେଖି ଦେଲେ ଜମାଟ ବାନ୍ଧିଥିବା ବରଫ ପରି ଆପେ ଆପେ ତରଳି ଯାଆନ୍ତି କିଛି କ୍ଷଣ ମଧ୍ୟରେ । ଗେଲରେ କୋଳେଇ ନିଅନ୍ତି କେତେ ନାଇ କେତେ ଗେଲ କରନ୍ତି । ଭବ୍ୟା ଏବେ କଢ଼ିଟିଏରୁ ଫୁଲ ହୋଇ ଫୁଟିବାକୁ ଯାଉଛି ... ! ତେଣୁ ଏବ ଠାରୁ ତା' କାନରେ ଜୀବନ ଜୀଇଁବାର ମନ୍ତ୍ର ଫୁଙ୍କିବାକୁ ପଡ଼ିବ ପ୍ରତିଟି ପାଦରେ । ସେଥିପାଇଁ ମାଆ , ପ୍ରକାରାନ୍ତରେ ବୁଝେଇ ବସନ୍ତି ଜୀବନକୁ ଆଉ ଜୀବନର କଠୋରତାକୁ ! ପ୍ରକୃତି, ସମୟ, ମଣିଷର ମନ ପରି ମଣିଷର ଜୀବନର ମୋଡ଼ ମଧ୍ୟ ପରିବର୍ତ୍ତନଶୀଳ । ଜୀବନରେ କେତେବେଳେ କୋଉ ମୁହୂର୍ତ୍ତରେ କି ମୋଡ଼ ଆସିବ ଝଡ଼ ପରି କେହି କେବେ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ନଥାନ୍ତି ! ତେଣୁ ସଦା ସର୍ବଦା ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ପାଇଁ ତତ୍ପର ରହିବା ପାଇଁ କୁହନ୍ତି । ନିଜ ଜୀବନକୁ ଖୋଲା ବହି ପରି ଖୋଲି ବସନ୍ତି ଭବ୍ୟା ଆଗରେ ...'ମୋତେ ମୋ ବାପା ବୋଉ ସବୁ ଦେଖି ଚାହିଁ ବାହା ଦେଇଥିଲେ ତୋ ବାପାଙ୍କ ସାଙ୍ଗରେ । ସୁନ୍ଦର, ଗୁଣର ଆଉ ଯୋଗ୍ୟ ଦେଖି । କିନ୍ତୁ ମୋ ଦୁର୍ଭାଗ୍ୟ ମୋ' ଠାରୁ ଦିନ କେଇଟାରେ ସବୁ କିଛି ଛଡେଇ ନେଇଥିଲା ! ସେତେବେଳେ ତୁ ମୋ ପେଟରେ ଥିଲୁ, ତୋ ବାପା ଦିନେ ରାତିରେ ମୋତେ କିମ୍ବା ଘର ଲୋକ ଏପରିକି ତାଙ୍କର କୌଣସି ବନ୍ଧୁ ବାନ୍ଧବ କାହାକୁ କିଛି ନଜଣେଇ ରାତାରାତି ବିଛଣାରୁ ଉଠି କୁଆଡ଼େ ଚାଲି ଯାଇଛନ୍ତି ଯେ ଆଜି ଯାଏ ତାଙ୍କର ଟେର ସୁଦ୍ଧା ମିଳିନି। କୋଉଠି ଅଛନ୍ତି, କଣ କରୁଛନ୍ତି କିଛି ଅତାପତ୍ତା ନାହିଁ । ଥାନା, ପୁଲିସ, ପେପରରେ ଆଡ୍ ଦେବା ସବୁ ଚେଷ୍ଟା ସରିଗଲା, ହେଲେ ...। ବହୁତ ଦିନ ପରେ ଖବର ପାଇଲି ଯେ ତୋ ବାପା ଜଣେ ନନ୍ ଓଡ଼ିଆ ଝିଅ ସାଙ୍ଗରେ ଦିଘାରେ ରହୁଛନ୍ତି । ସେତେବେଳକୁ ମୋର ତାଙ୍କ ପ୍ରତିଥିବା ଆଗ ଭଳି ସେ ଆଗ୍ରହ କିମ୍ବା ଆବିଳତା ସବୁ ଶେଷ ହୋଇ ସାରିଥିଲା ! କାରଣ ଯେତେବେଳେ ତୋ ପାଇଁ ଶକ୍ତ ଭାବରେ ଦରକାର ଥିଲା ବାପାଙ୍କର ଛାତି, ମାଆର ଉଷୁମ କୋଳ, ମୁଣ୍ଡକୁ ଛାତ, ପେଟକୁ ଭାତ ସେତେବେଳେ ମୁଁ ତୋତେ କେବଳ ମାଆର କୋଳଟିଏ ଛଡ଼ା ଆଉ କିଛି ଦେଇ ପାରିଥିଲି ନଥିଲି । ଦୁନିଆରେ ମୁଣ୍ଡ ଟେକି ଛିଡ଼ା ହେବା ପାଇଁ ବାପର ପରିଚୟ ଆଉ ଜୀବନରେ ଆଗକୁ ବଢ଼ିବାକୁ ସ୍କୁଲ ରେ ଦାଖିଲା ଦେବା ପାଇଁ କେତେ ଯେ ନ ଲଢ଼ିଛି ସମାଜର ବଡ଼ ପଣ୍ଡା ମାନଙ୍କ ସହିତ, ମୁଁ ଜାଣେ ! ହଁ ଏଥିପାଇଁ ତୋ ଅଜା, ଆଇ ମୋ ପଛରେ ଢାଲ ହୋଇ ଠିଆ ହୋଇ ରହିଛନ୍ତି ଆଜି ପର୍ଯ୍ୟନ୍ତ । ସେମାନଙ୍କ ପାଇଁ ଆଜି ଚାକିରିଟିଏ ପାଇଚି ! ତୋ ପାଖରେ ଛାଇ ହୋଇ ରହି ପାରିଲିନି ସତ କିନ୍ତୁ ତୋତେ ମଜବୁତ ଛାତ, ପେଟ ପୁରା ଭାତ ଭଲିକି ଭଲି ପୋଷାକ ମନ ମୁତାବକ ଜିନିଷ ସବୁ କିଛି ଦେଇ ପାରିଛି, ଅନ୍ୟ ପିଲାଙ୍କ ସାଙ୍ଗରେ ସମାନ କରି ଠିଆ କରେଇ ପାରିଛି ! ତେଣୁ ଆଜି ଯାହା ଆମ ପାଖରେ ଅଛି ସବୁ କେବଳ ଏଇ ଚାକିରି ଖଣ୍ଡକ ପାଇଁ ! ତେଣୁ ଜୀବନରେ ଯେତେ ଝଡ଼ ଝଞ୍ଜା ଆସୁ ପଛକେ ତୁ ମୋ ବିଷୟରେ ଯେତେ ଯାହା ଭାବୁଚୁ ଭାବ କିନ୍ତୁ ତୁ କିପରି ମଣିଷ ଭଳି ମଣିଷ ଟିଏ ହୋଇ ସମାଜରେ ମୁଣ୍ଡ ଟେକି ଛିଡ଼ା ହେବୁ ସେଥିପାଇଁ ମୋର ଏଇ ସଂଗ୍ରାମ ଶେଷ ପର୍ଯ୍ୟନ୍ତ ଜାରି ରହିବ । ମୋତେ, ତୋତେ ତିଆରି କରିବାକୁ ହେବ ଜୀବନର ସବୁ ପ୍ରକାର ମୋଡ଼ ପାଇଁ । ଭବ୍ୟାର ପିଲାଦିନୁ ମାଆ ପ୍ରତି ଠୁଳ ହୋଇଥିବା ସବୁ ମାନ ଅଭିମାନ କୁଆପଥର ପରି କୁଆଡେ ମିଳେଇ ଯାଇଥିଲା। ସେ ଭିତରେ ଭିତରେ ଶକ୍ତ ହେବାକୁ ଲାଗୁଥିଲା ଏବଂ ଅନୁଭବ କରିବାକୁ ଲାଗୁଥିଲା ଜୀବନର କଠୋର ବାସ୍ତବତାକୁ !


ଜି/୨, ରାଜାବଗିଚା ଲେବେର କଲୋନୀ
କଟକ-୯ , ମୋ- ୬୩୭୨୦୨୨୬୫୦

## ଫୁଟ୍‌ବଲ୍ ତାରକା ସୁନୀଲ ଛେତ୍ରୀଙ୍କ ଅବସର ଘୋଷଣା

# ଜୁନ୍ ୬ରେ ଖେଳିବେ ଶେଷ ମ୍ୟାଚ୍



**ନୂଆଦିଲ୍ଲୀ**

ଅବସର ଘୋଷଣା କରିଛନ୍ତି ଫୁଟ୍‌ବଲ୍ ତାରକା ସୁନୀଲ ଛେତ୍ରୀ। ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି କିମ୍ବଦନ୍ତୀ ଫୁଟବଲ ତାରକା ସୁନୀଲ ଛେତ୍ରୀ। ଜୁନ ୬ରେ କୁଏତ୍ ବିପକ୍ଷ ଫିଫା ବିଶ୍ୱକପ ଯୋଗ୍ୟତା ମ୍ୟାଚ୍ ପରେ ଅବସର ନେବେ ଛେତ୍ରୀ। ଏନେଇ ସେ ଏକ ଭିଡିଓ ବାର୍ତ୍ତା ଯୋଗେ ସୂଚନା ଦେଇଛନ୍ତି।

ସୁନୀଲ ଛେତ୍ରୀ ବର୍ତ୍ତମାନ ଭାରତୀୟ ଫୁଟ୍‌ବଲ୍ ଟିମ୍‌ର ଅଧିନାୟକ ଅଛନ୍ତି। ସେ ଭାରତ ପାଇଁ ୧୫୦ଟି ମ୍ୟାଚ୍ ଖେଳିଛନ୍ତି। ଦୀର୍ଘ ୨୦ ବର୍ଷର କ୍ୟାରିୟର ମଧ୍ୟରେ ୯୪ ଗୋଲ ସ୍କୋର ସହ ଅନେକ କୀର୍ତ୍ତି ହାସଲ କରିଛନ୍ତି ଛେତ୍ରୀ।

ଛେତ୍ରୀ ୨୦୧୯ରେ ଭାରତର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଶ୍ରୀ ଏବଂ ୨୦୨୧ରେ ଖେଳ ରତ୍ନ ସମ୍ମାନରେ ସମ୍ମାନିତ ହୋଇଥିଲେ। ଜୁନ୍ ୬ରେ କୁଏତ୍ ବିପକ୍ଷରେ ସେ ନିଜର ଶେଷ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଏହି ମ୍ୟାଚ୍ ପରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଯିବେ। ଛେତ୍ରୀ ୨୦୦୫ରେ ଡେବ୍ୟୁ କରିଥିଲେ। ସେ ଗୋଲ ସ୍କୋରରେ କ୍ରିଷ୍ଟିଆନୋ ରୋନାଲଡୋ, ଲିଓନେଲ ମେସିଙ୍କ ପରେ ତୃତୀୟ ସ୍ଥାନରେ ଅଛନ୍ତି।

# ଆଇପିଏଲ ୨୦୨୪ : ରୋଚକ ସ୍ଥିତିରେ ପ୍ଲେ ଅଫ୍ ରେସ୍

**ନୂଆଦିଲ୍ଲୀ**

କୋଲକାତା ନାଇଟ ରାଇଡର୍ସ ଏବଂ ରାଜସ୍ଥାନ ରୟାଲ୍ସ ପ୍ଲେ ଅଫ୍‌ରେ ପହଞ୍ଚିଯାଇଛନ୍ତି। କିନ୍ତୁ ଅବଶିଷ୍ଟ ୨ ସ୍ଥାନ ପାଇଁ ୫ଟି ଦଳ ମଧ୍ୟରେ ଏକ ମଜାଦାର ପ୍ରତିଯୋଗିତା ଅଛି। ତେବେ ବର୍ତ୍ତମାନ ଗ୍ରୁପ ପର୍ଯ୍ୟାୟର ୫ଟି ମ୍ୟାଚ୍ ବାକି ଅଛି, ତେଣୁ ଆସନ୍ତା ୪ ଦିନରେ ୫ ଟିମ୍‌ର ଭାଗ୍ୟ ସ୍ଥିର ହେବ। ଏହି ୫ଟି ଦଳ ମଧ୍ୟରୁ କେବଳ ୨ଟି ଦଳ ପ୍ଲେ ଅଫ ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ। ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦର ଦୃଢ ଦାବିଦାର ରହିଛନ୍ତି, କିନ୍ତୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟ ପଛରେ ନାହିଁ। ଏହା ବ୍ୟତୀତ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ ଦଳ ପ୍ରତିଦ୍ୱନ୍ଦ୍ୱୀ ଅଟନ୍ତି।

ଦିଲ୍ଲୀର କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ ପ୍ଲେ ଅଫ ରେସ୍‌ରେ ଥାଇପାରେ, କିନ୍ତୁ ଏହି ଦଳଗୁଡ଼ିକ ପାଇଁ ରାସ୍ତା ସହଜ ନୁହେଁ। ଉଭୟ ଦଳର ଖରାପ ନେଟ୍ ରନ ରେଟ୍ ପ୍ଲେ ଅଫ ରାସ୍ତାରେ ଭିଲେନ ହେବା ନିଶ୍ଚିତ ଅଟେ। ରିଷଭ ପନ୍ତଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ୧୪ଟି ମ୍ୟାଚ୍ ଖେଳି ୧୪ ପଏଣ୍ଟ ପାଇଛି, କିନ୍ତୁ ନେଟ୍ ରନ ରେଟ୍ ହେଉଛି -୦.୩୭୭। ଲକ୍ଷ୍ନୌ ସୁପର ଜିଆଣ୍ଟସ ୧୨ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ପାଇଥିବାବେଳେ ଅର୍ଥାତ୍ ଯଦି କେ.ଏଲ ରାହୁଲଙ୍କ ଦଳ ଏହାର ଶେଷ ମ୍ୟାଚ୍ ଜିତେ ତେବେ ଏହା ୧୪ ପଏଣ୍ଟ ହେବ, କିନ୍ତୁ -୦.୭୮୫ ନେଟ୍ ରନ ହାର ଆଶା ନଷ୍ଟ କରିପାରେ। ଲକ୍ଷ୍ନୌ ସୁପର ଜିଆଣ୍ଟସ ସେମାନଙ୍କର ଶେଷ ଲିଗ୍ ମ୍ୟାଚ୍ ମେ’ ୧୭ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିବ।

ଅନ୍ୟ ଦଳ ବିଷୟରେ କହିବାକୁ ଗଲେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମେ’ ୧୮ରେ ମୁହାଁମୁହିଁ ହେବେ। ଯଦି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚେନ୍ନାଇ ସୁପର କିଙ୍ଗ୍ସକୁ ନିଜ ଘରୋଇ ଗ୍ରାଉଣ୍ଡରେ ୧୮ ରନ ବ୍ୟବଧାନରେ ପରାସ୍ତ କରିବାରେ ସଫଳ ହୁଏ, ତେବେ ଫାଫ ଡୁ ପ୍ଲେସିସଙ୍କ ଦଳ ନେଟ ରନ ରେଟ୍‌ରେ ଆଗକୁ ବଢ଼ିବେ। ତେଣୁ ଚେନ୍ନାଇ ସୁପର କିଙ୍ଗ୍ସର ଅସୁବିଧା ବଢିବା ନିଶ୍ଚିତ। ଏଥିସହ ଚେନ୍ନାଇ ସୁପର କିଙ୍ଗ୍ସ ପ୍ରାର୍ଥନା କରିବ ଯେ ସନରାଇଜର୍ସ ହାଇଦ୍ରାବାଦ ଉଭୟ ଅବଶିଷ୍ଟ ମ୍ୟାଚ୍ ହାରିବ। କିନ୍ତୁ ଯଦି ଚେନ୍ନାଇ ସୁପର କିଙ୍ଗ୍ସ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ବିପକ୍ଷରେ ଜିତିବ। ତେବେ ସେମାନେ ପ୍ଲେ ଅଫରେ ପହଞ୍ଚିବେ, ଯେତେବେଳେ କି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରର ଆଶା ଧ୍ୱଂସ ହେବ।

ଯଦି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ହାରିଯାଏ, ତେବେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସଙ୍କ ଆଶା ବଢିବ। ଏଥି ସହିତ ପ୍ୟାଟ କମିନ୍ସଙ୍କ ଦ୍ୱାରା ଅଧିନାୟକ ହୋଇଥିବା ସନରାଇଜର୍ସଙ୍କ ପାଇଁ ପ୍ଲେ ଅଫ ପାଇଁ ରାସ୍ତା ଅତ୍ୟନ୍ତ କଷ୍ଟସାଧ୍ୟ ନୁହେଁ। ସନରାଇଜର୍ସ ହାଇଦ୍ରାବାଦକୁ ୨ଟି ମ୍ୟାଚ୍ ଖେଳିବାକୁ ପଡ଼ିବ, ଯେଉଁଥିରେ କେବଳ ଗୋଟିଏ ବିଜୟ ଆବଶ୍ୟକ। କିନ୍ତୁ ଯଦି ଉଭୟ ମ୍ୟାଚ ହାରିଯାଏ ତେବେ ନେଟ୍ ରନ୍ ହାର ମଧ୍ୟ ଖରାପ ହୋଇପାରେ ଏବଂ ପ୍ଲେ ଅଫ ଆଶା ଏକ ଝଟ୍‌କା ହେବ।

ଯଦି ସନରାଇଜର୍ସ ହାଇଦ୍ରାବାଦ ଉଭୟ ମ୍ୟାଚ୍ ହାରିଯାଏ, ତେବେ ଦିଲ୍ଲୀ କ୍ୟାପିଟାଲ୍ସ, ଲକ୍ଷ୍ନୌ ସୁପର ଜିଆଣ୍ଟସ ଏବଂ ସନରାଇଜର୍ସ ହାଇଦ୍ରାବାଦରେ ୧୪ଟି ପଏଣ୍ଟ ରହିବ, କିନ୍ତୁ କେବଳ ଗୋଟିଏ ଦଳ ପ୍ଲେ ଅଫରେ ପ୍ରବେଶ କରିବେ, ତେଣୁ ଭଲ ନେଟ ରନ ହାର ଥିବା ଦଳ ପ୍ଲେ ଅଫ ପାଇଁ ଟିକେଟ ପାଇବେ। କିନ୍ତୁ ଏହି ସମସ୍ତ ସମୀକରଣ ପାଇଁ ଲକ୍ଷ୍ନୌ ସୁପରଜିଆଣ୍ଟସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ୱାରା ଅଧିନାୟକ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିବା ଆବଶ୍ୟକ।

# ସିଏସ୍‌କେ-ଆରସିବି ଟିକେଟ କିଣିବାରେ ୩ ଲକ୍ଷ ଟଙ୍କା ହରାଇଲେ ଯୁବକ



**ବେଙ୍ଗାଲୁରୁ**

ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏହି ଶନିବାର ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ଏଲିମିନେଟର ଠାରୁ କମ୍ ନୁହେଁ, ଆଉ ଏହାକୁ ନେଇ ଆଇପିଏଲପ୍ରେମୀଙ୍କ ମଧ୍ୟରେ ଜବରଦସ୍ତ ଉତ୍ସାହ ରହିଛି। ପ୍ରାୟ ପ୍ରତ୍ୟେକ କ୍ରିକେଟ ପ୍ରେମୀ ଏହି ମ୍ୟାଚ୍ ଦେଖିବା ପାଇଁ ପଡ଼ିଆକୁ ଆଗ୍ରହୀ ଥିବାବେଳେ ସେଥିପାଇଁ ଟିକେଟ ଖଣ୍ଡେ ପାଇବା ପାଇଁ ଅନେକ ପ୍ରତିଯୋଗିତା ଚାଲିଛି। ବର୍ତ୍ତମାନ ଟିକେଟ କିଣିବା ପ୍ରକ୍ରିୟାରେ ଜଣେ ବ୍ୟକ୍ତି ହଜାରେ ନୁହେଁ ବରଂ ଲକ୍ଷ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଟିକେଟ କିଣିବାକୁ ଚେଷ୍ଟା କରୁଥିବାବେଳେ ଜଣେ ପ୍ରଶଂସକ ଏକ ଠକେଇର ଶିକାର ହୋଇଥିଲେ, ଯେଉଁଥିପାଇଁ ତାଙ୍କୁ ୩ ଲକ୍ଷ ଟଙ୍କା ହରାଇବାକୁ ପଡ଼ିଛି। ସମର୍ଥ ନାମକ ଜଣେ ଯୁବକ ଦାବି କରିଛନ୍ତି ଯେ ସେ ଏହି ଠକାମିର ଶିକାର ହୋଇଛନ୍ତି। ସମର୍ଥ ବେଙ୍ଗାଲୁରୁର ସୁଧାମା ନଗରର ବାସିନ୍ଦା। ଇନଷ୍ଟାଗ୍ରାମରେ, ସମର୍ଥ ସିଏସ୍‌କେ ବନାମ ଆରସିବି ମ୍ୟାଚ ପାଇଁ ଟିକେଟ କିଣିବା ପାଇଁ ଏକ ବିଜ୍ଞାପନରେ କ୍ଲିକ୍ କରିଥିଲେ। ଆଉ ଏହାପରେ ଜଣେ ବ୍ୟକ୍ତି ତାଙ୍କୁ କଲ୍ କରି ନିଜକୁ ଆଇପିଏଲର ଜଣେ କର୍ମଚାରୀ ବୋଲି ମଧ୍ୟ କହିଥିଲେ। ଆଉ ଏହାପରେ ସମର୍ଥ ଉକ୍ତ ବ୍ୟକ୍ତିଙ୍କୁ ୨୩୦୦ ଟଙ୍କା ମୂଲ୍ୟର ୩ଟି ଟିକେଟ କିଣିବା ପାଇଁ ମୋଟ୍ ୭୯୦୦ ଟଙ୍କା ପଠାଇଥିଲେ। ଏହା ସତ୍ତ୍ୱେ ଯେତେବେଳେ ସମର୍ଥ ଇ-ଟିକେଟ ପାଇନଥିଲେ, ସେ ବାରମ୍ବାର ଯୋଗାଯୋଗ କରିଥିଲେ। ତେବେ ଏହାପରେ ଉକ୍ତ ଠକ୍ ଏକ ଲିଙ୍କ୍ ପଠାଇ ଥିଲା। ଆଉ ସମର୍ଥ ସେଥିରେ କ୍ଲିକ୍ କରିବା ମାତ୍ରେ ତାଙ୍କ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା ଚାଲିଯାଇଥିଲା। ଏନେଇ ସମର୍ଥ ସାଇବର କ୍ରାଇମ୍ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି।

# ଦ୍ରାବିଡ୍‌ଙ୍କ ପରେ ମୁଖ୍ୟ କୋଚ୍ ପଦକୁ ମନା କଲେ ଭିଭିଏସ୍ ଲକ୍ଷ୍ମଣ



**ନୂଆଦିଲ୍ଲୀ**

ଭାରତୀୟ ଟିମ୍‌ର ପରବର୍ତ୍ତୀ ମୁଖ୍ୟ କୋଚ୍ କିଏ ହେବେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ମୁଖ୍ୟ କୋଚ୍ ଥିବା ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ଟି-୨୦ ବିଶ୍ୱକପ୍ ସହ ଶେଷ ହୋଇଯିବ। ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ମୁଖ୍ୟ କୋଚ୍ ପଦ ପାଇଁ ଆବେଦନପତ୍ର ଆହ୍ୱାନ କରିଛି। ନୂଆ କୋଚ୍ ସମ୍ଭବତଃ ଜୁଲାଇ ୧ରୁ ଦାୟିତ୍ୱ ଗ୍ରହଣ କରିବେ। ସେହିପରି ୨୦୨୭ ଯାଏ ତାଙ୍କ କାର୍ଯ୍ୟ କରିବେ। ୨୦୨୫ ଚାମ୍ପିୟନ୍ସ ଟ୍ରଫି ଓ ୨୦୨୭ ଦିନିକିଆ ବିଶ୍ୱକପରେ ମଧ୍ୟ ନୂଆ କୋଚ୍‌ଙ୍କ ଅଧୀନରେ ଭାରତ ଖେଳିବ।

ରିପୋର୍ଟ ଅନୁଯାୟୀ, ୨୦୨୩ ଦିନିକିଆ ବିଶ୍ୱକପ ପରେ ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ହେଲେ ଏବେ ସେ ଆଉ ନିଜର କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହୁଁ ନଥିବା ବହୁ ପୂର୍ବରୁ ବିସିସିଆଇକୁ କହି ସାରିଛନ୍ତି। କିଛି ବରିଷ୍ଠ ସଦସ୍ୟ ତାଙ୍କୁ କେବଳ ଟେଷ୍ଟ ଟିମ୍‌ର କୋଚ୍ ପଦରେ ରହିବାକୁ ପ୍ରସ୍ତାବ ଦେଇଥିଲେ ହେଲେ ଏହାକୁ ମଧ୍ୟ ଦ୍ରାବିଡ଼ ମନା କରି ଦେଇଛନ୍ତି।

ଦ୍ରାବିଡ଼ଙ୍କ ପରେ ନ୍ୟାସନାଲ କ୍ରିକେଟ ଏକାଡ଼େମୀର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ମୁଖ୍ୟ କୋଚ୍ ଦୌଡ଼ରେ ରହିଥିଲେ। ହେଲେ ସେ ମଧ୍ୟ କୋଚ୍ ହେବା ସପକ୍ଷରେ ନାହାନ୍ତି। ସେ ମୁଖ୍ୟ କୋଚ୍ ପଦ ପାଇଁ ଆବେଦନ କରିବେ ନାହିଁ ବୋଲି ସ୍ପଷ୍ଟ କରି ସାରିଥିବା ରିପୋର୍ଟ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ବହୁତ ବର୍ଷ ପରେ ଭାରତକୁ ଜଣେ ବିଦେଶୀ କୋଚ୍ ମିଳିବାର ମଧ୍ୟ ସମ୍ଭାବନା ସୃଷ୍ଟି ହୋଇଛି। ବିସିସିଆଇ ନ୍ୟୁଜିଲ୍ୟାଣ୍ଡର ପୂର୍ବତନ ଅଧିନାୟକ ଷ୍ଟେଫେନ ଫ୍ଲେମିଂଙ୍କୁ କୋଚ୍ ପଦ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛି। ଫ୍ଲେମିଂ ଏବେ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗସର କୋଚ୍ ରହିଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ଚେନ୍ନାଇ ୫ ଥର ଆଇପିଏଲ ଟ୍ରଫି ଜିତିଛି।

ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ପ୍ରକାଶ କରିଛି ଯେ ମ୍ୟାଜେମେଣ୍ଟ ଦକ୍ଷତା ପାଇଁ ଫ୍ଲେମିଂଙ୍କୁ ମୁଖ୍ୟ କୋଚ୍ ପଦ ଦେବା ସପକ୍ଷରେ ବିସିସିଆଇ ରହିଛି। ସେହିପରି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କ ନା ମଧ୍ୟ ଚର୍ଚ୍ଚାରେ ରହିଥିବା ରିପୋର୍ଟରେ ଦାବି କରାଯାଉଛି।

# ହୋଷ୍ଟ ଭାବେ ନୂଆ ଇନିଂସ ଆରମ୍ଭ କରିବେ ଧାୱନ୍



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ଶିଖର ଧାୱନ୍ ଆସନ୍ତା ୨୦ରେ ନୂଆ ଚାଟ୍ ଶୋ ସହ ହୋଷ୍ଟ ଭାବେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହାର ନା ରହିଛି ‘ଧାୱନ୍ କରେଙ୍ଗେ’। ଅକ୍ଷୟ କୁମାର, ହରଭଜନ ସିଂ, ତାପସୀ ପନ୍ନୁ, ଭୁବନ ବାମ୍ ଏବଂ ଋଷଭ ପନ୍ତଙ୍କ ଭଳି ବିଶିଷ୍ଟ ଅତିଥିମାନେ ଯୋଗଦେବେ ଏହି ଶୋ’ରେ। ତେବେ ପ୍ରତିଟି ଏପିସୋଡ୍ ତାଜା ଇନିଂସ ଭଳି ଖୋଲିବ, ଯାହାର କାହାଣୀକୁ ଦର୍ଶକଙ୍କ ସହ ଶେୟାର କରିବା ଲାଗି ଅପେକ୍ଷା କରି ରହିଛି ବୋଲି ଧାୱନ କହିଛନ୍ତି। ଗୁରୁବାର ଧାୱନ୍ କରେଙ୍ଗେର ପ୍ରୋମୋ ରିଲିଜ କରାଯାଇଛି। ୱାନ୍ ଡିଜିଟାଲ୍ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ନିର୍ମିତ ଏବଂ ପ୍ରଯୋଜିତ ଏହି ଶୋ ଜିଓ ସିନେମା ପ୍ରିମିୟମରେ ପ୍ରସାରିତ ହେବ।

# ସନ୍ନ୍ୟାସ ନେବା ପରେ ମୋତେ ଆଉ ପାଇବ ନାହିଁ : ବିରାଟ କୋହଲି



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଷ୍ଟାର କ୍ରିକେଟର ବିରାଟ କୋହଲି କ୍ରିକେଟରୁ ଅବସର ନେବା ଯୋଜନା ସମ୍ପର୍କରେ ଏକ ବଡ଼ ଖୁଲାସା କରିଛନ୍ତି। କ୍ରିକେଟରୁ ସନ୍ନ୍ୟାସ ନେବା ପରେ କୋହଲି କେଉଁ କାମ କରିବେ ତାହା ଜଣାଇଛନ୍ତି। ତାଙ୍କ ଯୋଜନା ମୁତାବକ, କ୍ରିକେଟରୁ ଅବସର ନେବା ପରେ ସେ ପ୍ରଥମେ ଏକ ଲମ୍ବା ବିରତି ନେବେ।

ସେ କହିଛନ୍ତି, ଏହା ବହୁତ ସରଳ। ମୁଁ ଭାବୁଛି ଜଣେ ଖେଳାଳି ଭାବରେ ଆମର କ୍ୟାରିୟରର ଶେଷ ତାରିଖ ଅଛି। ମୁଁ ମୋର କ୍ୟାରିଅରକୁ ଏତେ ଶୀଘ୍ର ଶେଷ କରିବାକୁ ଚାହେଁ ନାହିଁ। କ୍ୟାରିୟର ଶେଷ ହେବା ପୂର୍ବରୁ ମୁଁ ଯାହା ଭାବିଛି ସେ ସବୁ କରିବାକୁ ଚାହେଁ, ଯେମିତି ପରେ ମୋତେ ପଶ୍ଚାତାପ ନହେବ। ଥରେ ନିଜ କାମ ଶେଷ କରି ସନ୍ନ୍ୟାସ ନେବା ପରେ କିଛି ଦିନ ପାଇଁ ମୁଁ ଚାଲିଯିବି। କେହି ମୋତେ ଖୋଜି ପାଇବ ନାହିଁ।

ତେବେ କୋହଲି ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଖେଳୁଥିବା ବେଳେ ଆଗକୁ ଟି-୨୦ ବିଶ୍ୱକପ ପାଇଁ ଖେଳିବେ। ଏଥିରେ ତାଙ୍କର ପ୍ରଦର୍ଶନ କିଭଳି ରହିବ, ତାକୁ ଲୋକେ ଅପେକ୍ଷା କରିଥିବା ବେଳେ ଏବେ କୋହଲିଙ୍କ ଏହି ଯୋଜନା ବିଷୟରେ ଜାଣି କ୍ରିକେଟ ପ୍ରେମୀମାନେ ଚର୍ଚ୍ଚା କରିବା ଆରମ୍ଭ କରିଛନ୍ତି।

# ଅରେଞ୍ଜ କ୍ୟାପ୍ ଉପରେ କୋହଲିଙ୍କ ଦବ୍‌ଦବା ଜାରି : ପର୍ପଲ କ୍ୟାପ୍‌କୁ ନେଇ ବୁମରା ଓ ହର୍ଷଲଙ୍କ ମଧ୍ୟରେ ଲଢେଇ



**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୪ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆଉ ୫ଟି ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟରେ ପ୍ଲେ ଅଫ ମ୍ୟାଚ୍ ଆରମ୍ଭ ହେବ। ଅରେଞ୍ଜ୍ ଏବଂ ପର୍ପଲ କ୍ୟାପ ପାଇଁ ଖେଳାଳିଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଟୁର୍ଣ୍ଣାମେଣ୍ଟରେ ଟପ୍-୪ରେ ପହଞ୍ଚିବା ପାଇଁ ଦଳ ମଧ୍ୟରେ ଏକ ପ୍ରତିଯୋଗିତା ଅଛି। ଅରେଞ୍ଜ୍ କ୍ୟାପରେ କୋହଲିଙ୍କ ଦବ୍‌ଦବା ଜାରି ରହିଛି। କିନ୍ତୁ ଜସ୍‌ପ୍ରୀତ ବୁମ୍‌ରା ଏବଂ ହର୍ଷଲ ପଟେଲଙ୍କ ମଧ୍ୟରେ ପର୍ପଲ କ୍ୟାପ୍‌ରେ ଏକ ରୋଚକ ଲଢେଇ ଚାଲିଛି। ସର୍ବାଧିକ ରନ ସ୍କୋର କରିବା ପରେ ବିରାଟ କୋହଲି ଅରେଞ୍ଜ୍ କ୍ୟାପ୍ ପିନ୍ଧିଛନ୍ତି। ସେ ୧୩ଟି ମ୍ୟାଚ୍‌ରେ ୬୬.୧୦ ଏବଂ ଷ୍ଟ୍ରାଇକ୍ ରେଟ୍ ୧୫୫.୧୬ରେ ୬୬୧ ରନ ସଂଗ୍ରହ କରିଛନ୍ତି। ଏହି ଅବଧିରେ ସେ ଗୋଟିଏ ଏବଂ ୫ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ରୁତୁରାଜ ଗାଇକ୍ୱାଡ୍ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୧୩ଟି ମ୍ୟାଚ୍‌ରେ ଗାଇକ୍ୱାଡ ୫୮୩ ରନ ସଂଗ୍ରହ କରିଛନ୍ତି। ଏହି ତାଲିକାରେ ସନରାଇଜର୍ସ ହାଇଦ୍ରାବାଦର ଟ୍ରାଭିସ ହେଡ ୫୩୩ ରନ ସହ ତୃତୀୟ ସ୍ଥାନରେ ଅଛନ୍ତି। ଆଗକୁ ବଢି ଗୁଜରାଟ ଟାଇଟାନ୍ସର ସାଇ ସୁଦର୍ଶନ ୫୨୭ ରନ ସହ ଚତୁର୍ଥ ସ୍ଥାନରେ ଏବଂ ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନ ୪୮୬ ରନ ସହ ପଞ୍ଚମ ସ୍ଥାନରେ ରହିଛନ୍ତି।

ଟୁର୍ଣ୍ଣାମେଣ୍ଟ ଅଗ୍ରଗତି କଲାବେଳେ ପର୍ପଲ କ୍ୟାପ ପାଇଁ ରେସ୍ ଆକର୍ଷଣୀୟ ହେବାକୁ ଲାଗିଲା। ବର୍ତ୍ତମାନ ମୁମ୍ବାଇ ଇଣ୍ଡିଆନ୍ସ ଦ୍ରୁତ ବୋଲର ଜସ୍‌ପ୍ରୀତ ବୁମ୍‌ରା ୨୦ ଉଇକେଟ ନେଇ ଶୀର୍ଷ ସ୍ଥାନରେ ଅଛନ୍ତି। ତେବେ ପଞ୍ଜାବ କିଙ୍ଗ୍ସର ଦ୍ରୁତ ବୋଲର ହର୍ଷଲ ପଟେଲ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ହର୍ଷଲ ମଧ୍ୟ ୨୦ ଉଇକେଟ ନେଇଛନ୍ତି। ତା’ପରେ କୋଲକାତା ନାଇଟ ରାଇଡର୍ସ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୧୮ ଉଇକେଟ ନେଇ ତୃତୀୟ ସ୍ଥାନରେ ଅଛନ୍ତି। ଏହା ପରେ ଦିଲ୍ଲୀ କ୍ୟାପିଟାଲ୍ସ ପେସର ଖାଲିଲ ଅହମ୍ମଦ ୧୭ ଉଇକେଟ ନେଇ ଚତୁର୍ଥ ସ୍ଥାନରେ ଏବଂ ମୁକେଶ କୁମାର ୧୭ ଉଇକେଟ ନେଇ ପଞ୍ଚମ ସ୍ଥାନରେ ଅଛନ୍ତି।

ପଞ୍ଜାବ କିଙ୍ଗ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସର ଦଳ ପ୍ଲେ ଅଫ ରେସ୍‌ରୁ ହଟାଯାଇଛି। ଉଭୟ ଦଳ ଟୁର୍ଣ୍ଣାମେଣ୍ଟରେ କେବଳ ୧-୧ ଅଧିକ ମ୍ୟାଚ୍ ଖେଳିବାକୁ ପଡ଼ିବ। ଏଭଳି ପରିସ୍ଥିତିରେ ଜସ୍‌ପ୍ରୀତ ବୁମ୍‌ରା ଏବଂ ହର୍ଷଲ ପଟେଲ ଉଇକେଟ ନେବାକୁ କେବଳ ଗୋଟିଏ ମ୍ୟାଚ୍ ବାକି ଅଛି।

# ସାଧାରଣ ଓ ପୋଲିସ ପର୍ଯ୍ୟବେକ୍ଷକଙ୍କ ବାଲେଶ୍ୱର ଜିଲ୍ଲା ଗସ୍ତ : ନିର୍ବାଚନ ପ୍ରସ୍ତୁତି ସମୀକ୍ଷା



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ପାଇଁ ଗୁରୁବାର ପୂର୍ବାହ୍ନ ଘ.୧୧ ସମୟରେ ସାଧାରଣ ଓ ପୋଲିସ ପର୍ଯ୍ୟବେକ୍ଷକଗଣ ଜିଲ୍ଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବାଲେଶ୍ୱର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଜି. ପ୍ରକାଶ (୩୫-ଜଳେଶ୍ୱର, ୩୬-ଭୋଗରାଇ ଓ ୩୭-ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀ), ଅରୁଣ ସେଖରୀ (୩୮-ବାଲେଶ୍ୱର, ୩୯-ରେମୁଣା ଓ ୪୦-ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ) ଓ ପୋଲିସ ପର୍ଯ୍ୟବେକ୍ଷକ ଏ.ଜି ଚୋହ୍ୱାନ (ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ) ଓ ଅଶୋକ କୁମାର (ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ) ସାମୁହିକ ଭାବେ ଅଧ୍ୟକ୍ଷତା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ସମସ୍ତ ତଥ୍ୟର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ ଉପସ୍ଥିତ ଆରକ୍ଷୀ ମହାନିରୀକ୍ଷକ, ପୂର୍ବାଞ୍ଚଳ ଡ. ଦୀପକ କୁମାର ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ନିର୍ବାଚନୀ ସୁରକ୍ଷା ବ୍ୟବସ୍ଥା ସମ୍ବଳିତ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ।

ସାଧାରଣ ପର୍ଯ୍ୟବେକ୍ଷକଗଣ ମତଦାନ ନିମନ୍ତେ ଭୋଟରଙ୍କ ସୁବିଧା, ବୁଥ୍ ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ସି ଭିଜିଲ ରିପୋର୍ଟ, ପୋଷ୍ଟାଲ ବାଲାଟ, ହୋମ ଭୋଟିଂ, ସମ୍ବେଦନଶୀଳ ବୁଥ୍, ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ, ଫ୍ଲାଇଙ୍ଗ ସ୍କ୍ୱାଡ୍, ଏସ୍ଏସ୍‌ଟି, ପୋଲିସ ଟିମ୍ ଓ ଅବକାରୀ ବିଭାଗ ଦ୍ୱାରା ବେଆଇନ ନିଶାଦ୍ରବ୍ୟ, ଟଙ୍କା ଜବତ ଉପରେ ସମୀକ୍ଷା କରିଥିଲେ। ବାଲେଶ୍ୱର ଜିଲ୍ଲାର ନିର୍ବାଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଜୁନ୍ ୧ ତାରିଖରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସମସ୍ତ ପର୍ଯ୍ୟବେକ୍ଷକ ଜିଲ୍ଲାରେ ଚାଲୁଥିବା ଭୋଟର ସଚେତନତା କାର୍ଯ୍ୟକ୍ରମ ମଧ୍ୟରେ ନୂତନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସବୁ ଦେଖି ଜିଲ୍ଲା ପ୍ରଶାସନକୁ ପ୍ରଶଂସା କରିଥିଲେ।

ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ୩୮-ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ସୁଧାକର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ନିର୍ବାଚନ ଖର୍ଚ୍ଚ ମନିଟରିଂ ସେଲ ନୋଡାଲ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ତଥା ୪୧-ସୋର ଓ ୪୨-ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ତଥା ୩୭-ବସ୍ତା ଓ ୩୯-ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଙ୍ଗ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ତଥା ୪୦-ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ମନ୍ଦରଧର ମହାଳିକ, ଅତିରିକ୍ତ ଉପଜିଲ୍ଲାପାଳ ତଥା ୩୫-ଜଳେଶ୍ୱର ଓ ୩୬- ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଙ୍ଗ ଅଧିକାରୀ ଶୁଭଶ୍ରୀ ରଥ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

# ଖଲ୍ଲିକୋଟରେ ରାଜନୈତିକ ହିଂସା : ଜଣେ ମୃତ, ୭ ଗୁରୁତର

**ଖଲ୍ଲିକୋଟ, ନ୍ୟୁଜ୍‌ବ୍ୟୁରୋ**

ପୋଷ୍ଟର ମାରିବାକୁ ନେଇ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ହଣାହାଣି ହୋଇ ଉଭୟ ପକ୍ଷର ୭ ଜଣ ଗୁରୁତର ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣ ପୁର ଗ୍ରାମରେ ବିଜେପି କର୍ମୀମାନେ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ପୋଷ୍ଟର ଲଗାଉଥିଲେ। ଜଣେ ବ୍ୟକ୍ତିଙ୍କ ଘର ଆଗରେ ବିଜେପି ପୋଷ୍ଟର ଲଗାଇବାରୁ ସେ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କ୍ରମେ ଏହା ଉଗ୍ର ରୂପ ଧାରଣ କରିଥିଲା। ପରସ୍ପର ପରସ୍ପରଙ୍କ ଉପରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବିଜେପି ନେତା ରାମ ପାହାନଙ୍କ ଦୁଇ ପୁତ୍ର ଦିଲ୍ଲୀପ ପାହାନ ଓ ଜିତେନ୍ଦ୍ର ପାହାନ, ଦିଲ୍ଲୀପଙ୍କ ଶଳା ବାପୁଜୀ ପାହାନ ଏବଂ ସମ୍ପର୍କୀୟ ଦାଦା ଅଭି ପାହାନ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ପକ୍ଷରେ ବିଜେଡି କର୍ମୀ ସୁଦର୍ଶନ ପାହାନ, କାର୍ତ୍ତିକ ପରିଡ଼ା, କାଳିଆ ପ୍ରଧାନ ଓ ଆଉ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। କାହାର ହାତ, କାହାର ଗୋଡ଼ ଓ କାହାର ବେକକୁ ଖଣ୍ଡାରେ ହଣାଯାଇଛି। ତେବେ ଡାକ୍ତରଖାନାରେ ଦିଲ୍ଲୀପ ପାହାନଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

# ଗାଙ୍ଗପଡା ରେ ବିଜେପି ମହିଳା ପ୍ରଭାରୀଙ୍କ ପ୍ରଚାର



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଗାଙ୍ଗପଡ଼ା ପଞ୍ଚାୟତରେ ବିଜେପି ଜିଲ୍ଲା ମହିଳା ପ୍ରଭାରୀ ଡଃ ଜ୍ୟୋସ୍ନାରାଣୀ ଜେନା ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିଥିବା ଜଣାପଡିଛି। ଡଃ ଜେନା ପ୍ରଭାରୀ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ମହିଳା ଭୋଟରମାନଙ୍କୁ ମୋଦି ସରକାରଙ୍କର ଗ୍ୟାରେଣ୍ଟି ଓ ମହିଳାମାନଙ୍କର ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ସମ୍ପର୍କରେ ବୁଝାଇବା ସହ ବିଜେପି ସପକ୍ଷରେ ମତଦାନ କରିବା ପାଇଁ ନିବେଦନ କରୁଛନ୍ତି। ଏଥିସହ ରାଜ୍ୟରେ ନବୀନ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ବିଭିନ୍ନ ପ୍ରଚାର କାର୍ଯ୍ୟକ୍ରମରେ ଭାଷଣ ଦେବା ସହ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମହିଳାମାନଙ୍କୁ ସବୁ ପ୍ରକାର ସହଯୋଗ ଓ ସୁରକ୍ଷା ପ୍ରଦାନ କରିବା ସହିତ ସେମାନଙ୍କୁ ରାଜନୀତିରେ ଅଗ୍ରାଧିକାର ଦିଆଯିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଶ୍ରୀମତୀ ଜେନାଙ୍କୁ ମହିଳାମାନେ ବିଭିନ୍ନ ସ୍ଥାନରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଉଥିବା ଜଣାପଡିଛି।

# ବିନା ଅଗ୍ନିଶମ ସୁରକ୍ଷାରେ ଚାଲିଛି ବ୍ୟବସାୟିକ କେନ୍ଦ୍ର : ଏନ୍‌ଓସି ପାଇନଥିବା ୪୦ଟି ସଂସ୍ଥାକୁ ନୋଟିସ୍



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ଘଟଗାଁ ପୁରାଠାରେ ଥିବା ରିଲାଏନ୍ସ ଟ୍ରେଣ୍ଡସରେ ମେ’ ମାସ ୫ ତାରିଖରେ ସଟ ସର୍କିଟ ଯୋଗୁଁ ନିଆଁ ଲାଗି କୋଟି କୋଟି ଟଙ୍କା ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ବିନା ଅଗ୍ନିଶମ ସୁରକ୍ଷାରେ ମଲ ଚାଲିଥିବାରୁ ଏତେ ବଡ଼ ଅଗ୍ନିକାଣ୍ଡ ଘଟିଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏହି ଦୁର୍ଘଟଣା ପରେ ଅଗ୍ନିଶମ ବିଭାଗ ୪୦ଟି ବ୍ୟବସାୟିକ ସଂସ୍ଥାକୁ ନୋଟିସ କରିଛି। ଫାୟାର ସେଫଟି ରୁଲ-୨୦୧୭ ଉଲ୍ଲଙ୍ଘନ ହୋଇଥିବାରୁ ଏହି ନୋଟିସ୍ କରାଯାଇଛି। ବିଶେଷ କରି ହସ୍ପିଟାଲ, ମଲ୍, ଶିକ୍ଷାନୁଷ୍ଠାନ, ଅଫିସ, ଶିକ୍ଷାନୁଷ୍ଠାନ ଲୋକଙ୍କ ସୁରକ୍ଷା ପ୍ରତି ଅଣଦେଖା କରି ଚାଲି ଥିବାରୁ ନୋଟିସ୍ କରାଯାଇଛି ବୋଲି ଆସିଷ୍ଟାଣ୍ଟ ଫାୟାର ଅଫିସର ପ୍ରଭାତ କୁମାର ରାଉତ କହିଛନ୍ତି। କେନ୍ଦୁଝର ସହରରେ ଥିବା ସପିଂମଲ୍, ମାର୍କେଟ କମ୍ପ୍ଲେକ୍ସ, ହୋଟେଲ, ଲଜ୍, କଲ୍ୟାଣମଣ୍ଡପ, ନର୍ସିଂହୋମ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସିନେମା ହଲ୍, ବେସରକାରୀ କଲେଜ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥାଇ ଚାଲୁଥିବା ଅଭିଯୋଗ ହୋଇଛି। ଏନଓସି ନ ପାଇ ବହୁ ବ୍ୟବସାୟିକ କେନ୍ଦ୍ର ବେଧଡ଼କ ଚାଲୁଛି। ଏପରିକି ଅନେକ ମଲ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାରେ ଅସମର୍ଥ ଥିବାବେଳେ ଭବିଷ୍ୟତରେ କୌଣସି ବଡଧରଣର ଅଘଟଣକୁ ଏଡାଇ ଦିଆଯାଇନପାରେ। ଏହି ମଲରେ ନାମକୁ ମାତ୍ର ଫାୟାର ସେଫ୍‌ଟି ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା ମଧ୍ୟ ସଠିକ୍ କାମ କରୁନାହିଁ। ଏଠାରେ ଅଳ୍ପ କିଛି ସ୍ଥାନରେ ଫାୟାର ଆଲାରମ୍ ଥାଇ ନଥିବା ଭଳି। ମଲରେ ସ୍ପିଙ୍କଲର ଲାଗିବାର ନିୟମ ଥିଲେ ମଧ୍ୟ ସ୍ପିଙ୍କଲର ଲଗାଯାଇନାହିଁ। ଏପରିକି ମଲକୁ ମୁଖ୍ୟ ଦ୍ୱାରରେ ଯିବା ଏବଂ ଆସିବା ପାଇଁ ପୃଥକ୍ ପୃଥକ୍ ସିଡି ଥିବାର ନିୟମ ଥିଲେ ମଧ୍ୟ ଯିବା ଏବଂ ଆସିବା ପାଇଁ ଗୋଟିଏ ସିଡି ରହିଛି। ଏଥିସହିତ ଅନେକ ମଲ ଗୁଡିକରେ ପ୍ରସ୍ଥାନ କରିବା ରାସ୍ତା ତଥା ପାହାଚଗୁଡିକର ଦୁଇ ପାର୍ଶ୍ୱର୍ରେ ଅନେକ ଜିନିଷ ରଖାଯାଇଛି। ଯଦି କିଛି ଅଘଟଣ ଘଟେ ତେବେ ଗୋଟିଏ ରାସ୍ତାରେ ଲୋକ ବାହାରିବା ଅସମ୍ଭବ ହୋଇପଡ଼ିବ। ଏତଦ୍‌ବ୍ୟତୀତ ଜରୁରୀକାଳୀନ ସିଡି ମଧ୍ୟ ଏଠାରେ ନାହିଁ। ମଲର ଚାରିପଟ ରାସ୍ତାକୁ ୫ମିଟର ଚଉଡା ମଧ୍ୟ ନାହିଁ। ବର୍ତ୍ତମାନ ଏହାର ଚର୍ତୁପାଶ୍ୱର୍ରେ ନୂତନ ଘର ତିଆରି କରାଯାଉଥିବାରୁ ଭବିଷ୍ୟତରେ ମଧ୍ୟ କରାଯିବାର ବ୍ୟବସ୍ଥା ସୃଷ୍ଟି କରାଯାଉନାହିଁ। ଫଳରେ ଦମକଳ ଗାଡି ମଲ ଚତୁପାର୍ଶ୍ୱରେ ବୁଲି ପାରିବ ନାହିଁ ଏବଂ ନିଆଁ ଲିଭାଇବାର ସୁଯୋଗ ପାଇବ ନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଯେଉଁସବୁ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି ତାହାର ବ୍ୟବହାର କର୍ମଚାରୀଙ୍କୁ ଜଣାନାହିଁ କି ତାଲିମ ମଧ୍ୟ ଦିଆଯାଇନାହିଁ। କର୍ମଚାରୀମାନେ ଏଥିପାଇଁ ବର୍ଷରେ ୨ଥର ତାଲିମ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏହାକୁ କେହି କର୍ଣ୍ଣପାତ କରୁନାହାନ୍ତି। ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ସମସ୍ତ ନୀତିନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମଲରେ ସେଣ୍ଟ୍ରାଲ ଏସିଗୁଡ଼ିକ ଅଟୋ ବନ୍ଦ ରଖାଯିବା ପାଇଁ ନିୟମ ରହିଛି। ନିଆଁ ଲାଗିବା କ୍ଷଣି ଏସି ବନ୍ଦ ହୋଇଯିବ ଏବଂ ନିଆଁ ଚାରିଆଡ଼କୁ ସହଜରେ ଯାଇପାରିବ ନାହିଁ ଏବଂ ସହଜରେ ବାହାରକୁ ବାହାରି ଆସିବାକୁ ସକ୍ଷମ ହେବେ। ଏପରି ବ୍ୟବସ୍ଥା କରିବାରେ ସମସ୍ତ ମଲ ସମେତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ପାଳନ କରୁନଥିବା ଅଭିଯୋଗ ହୋଇଛି। ଲୋକଙ୍କ ସୁରକ୍ଷା ପାଇଁ ଏତେ ସବୁ ବ୍ୟବସ୍ଥା କରିବାର ନିୟମ ଥିଲେ ମଧ୍ୟ ବାସ୍ତବରେ କାର୍ଯ୍ୟକାରୀ ହେଉନାହିଁ। ଏ ସଂପର୍କରେ ଆସିଷ୍ଟାଣ୍ଟ ଫାୟାର ଅଫିସର ପ୍ରଭାତ କୁମାର ରାଉତଙ୍କ ସହ ଯୋଗାଯୋଗ କରିବାରୁ ଅଗ୍ନିଶମ ନିୟମ ପାଳନ କରୁନଥିବା ସଂସ୍ଥା ନୋଟିସ୍ ଦିଆଯାଉଛି। ଅଗ୍ନିଶମ ବିଭାଗର ପରାମର୍ଶ ଅନୁସାରେ ପଦକ୍ଷେପ ଗ୍ରହଣ ନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ରାଉତ ସୂଚନା ଦେଇଛନ୍ତି।

ଭୁବନେଶ୍ୱର
୧୭ ମଇ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ରଥଖଳା ଚଳଚଞ୍ଚଳ, ତିନି ରଥର ତୁମ୍ବରେ ହେଲା ବିନ୍ଧ ଅନୁକୂଳ

**ପୁରୀ, ୧୬/୦୫ ନ୍ୟୁଜ ବ୍ୟୁରୋ**

ରଥ ନିର୍ମାଣକୁ ନେଇ ରଥ ଖଳା ରହିଛି ଚଳଚଞ୍ଚଳ । ତିନି ରଥର ତୁମ୍ବରେ ହେଲା ବିନ୍ଧ ଅନୁକୂଳ । ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ରଥ ଖଳାରେ ୪୨ ତୁମ୍ବ ଗୋଲେଇ ସରିଛି। ଗୁରୁବାର ଠାରୁ ରଥ ଖଳାରେ ତୁମ୍ବରେ ସୂତା ବାଡ଼ିଆ ହୋଇଛି। ଏଥିରେ ପାହି ମହାରଣା ଓ ସୁତାର ମହାରଣାଙ୍କ ପ୍ରମୁଖ ଭୂମିକା ରହିଛି । ତିନି ରଥର ମୁଖ୍ୟ ବିଶ୍ୱକର୍ମା ବିନ୍ଧ ଅନୁକୂଳ କରିଛନ୍ତି । ବିନ୍ଧ ଅନୁକୂଳ ପରେ ଅନ୍ୟାନ୍ୟ କାର୍ଯ୍ୟ ଆଗେଇବ। ଏହାପରେ ଭୋଇ ସେବକମାନେ ଜନ୍ତା ଗାଡରେ ସିଙ୍ଗଡ଼ା ବାଡିଆ କାର୍ଯ୍ୟ କରିବେ। ଆଗାମୀ ନୃସିଂହ ଚତୁର୍ଦ୍ଦଶୀରୁ ରୂପକାର ସେବକମାନେ କୋଣ ଗୁଜ ଖୋଦେଇ ଶୁଭାରମ୍ଭ କରିବେ। ତେବେ ରଥ ନିର୍ମାଣ କାର୍ଯ୍ୟ ଯେଉଁଭଳି ସୁରୁଖୁରୁରେ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ



ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରଥ ଖଳା ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରୁଛନ୍ତି । ତିନି ରଥର ମୋଟ ୪୨ ଗୋଟି ତୁମ୍ବର ଗୋଲେଇ ତଥା ମଠା କାର୍ଯ୍ୟ ଶେଷ ହୋଇଛି । ଏହାପରେ ତୁମ୍ବରେ ସୁତା ମରା ଓ ବିନ୍ଧ ଖୋଦେଇ ହୋଇଥଲା। କରତି ସେବକମାନେ ତୁମ୍ବର ଘେର କାଟି ତିନି ରଥ ବିଶ୍ୱକର୍ମାଙ୍କୁ ଯୋଗାଇବେ। ସୂତାବାଡ଼ିଆ ପରେ ତୁମ୍ବର ବଳକା ଅଂଶର ଠେକ ତୁଲିଆ କାର୍ଯ୍ୟ ହେବା ପରେ ମାପ ଚୁପ ହୋଇ ବିନ୍ଧ ଅନୁକୂଳ ହୋଇଛି । ଏହାପରେ ବିନ୍ଧରେ ଅର ଖଞ୍ଜାଯିବ। ସେଥିରେ ପହି ଯୋଡ଼ାଯାଇ ଚକ ତିଆର ହେବ। ଗୋଟିଏ ତୁମ୍ବରେ ୪ ଗୋଟି ପହି ଲାଗିବ। ଦୋଳବେଦୀ ସ୍ଥିତ ୩ଟି ଅସ୍ଥାୟୀ ଶାଳରେ ଓଝା ସେବକମାନେ ଅର କଣ୍ଟା ଓ ପନ୍ଦାରି ଆଦି ତିଆରି କରୁଛନ୍ତି। ସେପଟେ ବଡ଼ଦାଣ୍ଡ ରଥ ଖଳା ଓ ଖପୁରିଆ କରତ କଳକୁ ମିଶାଇ ରଥ ନିର୍ମାଣ ପାଇଁ ମୋଟ ୫୫୬ କାଠ ପହଞ୍ଚିଯାଇଥିବା ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ। ବଡ଼ଦାଣ୍ଡରେ ୨୨ ଟି କାଠ ପହଞ୍ଚିଛି। ନୟାଗଡ଼ ଡିଭିଜନ ମଇତରା ଅଞ୍ଚଳରୁ ଆସିଛି ଏହି କାଠ । ଏଥିରେ ୨୦ ଫୁଟିଆ ଅସନ ୪ଟି ଓ ୧୮ଟି ଧଉରା କାଠ ରହିଛି । ଏହାକୁ ମିଶାଇ ରଥଖଳାରେ ୨୬୦ଟି କାଠ ପହଞ୍ଚିଥିଲାବେଳେ କରତକଳରେ ୨୯୬ କାଠ ପହଞ୍ଚିଛି। ପ୍ରତି ବର୍ଷ ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥାଏ। ୨୦୨୩ ରଥଯାତ୍ରାଠାରୁ ୫୩ ଖଣ୍ଡ କାଠ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଗଚ୍ଛିତ ରହିଥିଲା, ଏଣୁ ୨୦୨୪ ରଥଯାତ୍ରା ପାଇଁ ଆଉ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଛି।




ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ' ବେଳେ ଦଳୀୟ କର୍ମୀ ଓ ସାଧାରଣ ଜନତା ସ୍ୱାଗତ ଜଣାଉଛନ୍ତି। (ଫଟୋ : ସମ୍ବାଦ କଳିକା)

### ପାଟଣାଗଡ଼ରେ କାର୍ତ୍ତିକ ପାଣ୍ଡିଆନଙ୍କ ବିଶାଳ ଜନସଭା

# ବିଜେଡି ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ଦେଲେ ଆହ୍ୱାନ

**ପାଟଣାଗଡ଼, ୧୬/୦୫ ନ୍ୟୁଜ ବ୍ୟୁରୋ**

ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ୫-ଟି ଅଧକ୍ଷ ତଥା ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ବିଶାଳ ଜନସଭାରେ ସାମିଲ ହେଲେ ହଜାର ହଜାର ଲୋକ । ମଞ୍ଚରୁ ବିରୋଧୀ ଦଳ ଓ ସେମାନଙ୍କ ମିଛ ପ୍ରତିଶ୍ରୁତିକୁ ଟାର୍ଗେଟ କରିବା ସହ ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଲେ ଶ୍ରୀ ପାଣ୍ଡିଆନ। ଜୟ ମା' ସମଲେଇ ଓ ଜୟ ମା' ପାଟଣେଶ୍ୱରୀ କହି ସମ୍ବୋଧନ ଆରମ୍ଭ କରିଥିଲେ ପାଣ୍ଡିଆନ । ବିଜେଡି ସମର୍ଥନରେ ଜନ ସମୁଦ୍ର ଦେଖି ବିରୋଧୀ ରାଗୁଥିବା କହିଥିଲେ । ଏହାପରେ ନବୀନ ସରକାର କରିଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ଅବଗତ କରିବା ସହ ବିଜେଡି ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିରୋଧୀଙ୍କୁ କଡା ସମାଲୋଚନା କରିଛନ୍ତି ପାଣ୍ଡିଆନ । କେନ୍ଦ୍ରୀୟ ନେତା ଓ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଘନ ଘନ ପ୍ରଚାରକୁ କଟାକ୍ଷ କରିଛନ୍ତି ପାଣ୍ଡିଆନ । କହିଛନ୍ତି, ଛତିଶଗଡ଼,



ଆସାମ ଓ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଆସି ବିଜେପି ପାଇଁ ପ୍ରଚାର କରୁଛନ୍ତି । କେନ୍ଦ୍ରମନ୍ତ୍ରୀମାନେ ବି ଘନ ଘନ ପ୍ରଚାର କରୁଛନ୍ତି । ନିର୍ବାଚନ ଆସିଥିବାରୁ ଏମାନଙ୍କୁ ଦେଖା ମିଳୁଛି । ନିର୍ବାଚନ ସରିଗଲେ, ଏମାନଙ୍କୁ ଆଉ ଦେଖିବାକୁ ମିଳିବନି । ଏହି ନେତାମାନେ ଓଡ଼ିଶା କେଉଁଠି ଜାଣନ୍ତି ନାହିଁ । ଓଡ଼ିଶାର ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେତେ ଭଲ ପାଆନ୍ତି ଜାଣନ୍ତି ନାହିଁ । ନିର୍ବାଚନ ବେଳେ ବିରୋଧୀ ନେତା ଟୁରିଷ୍ଟ ଭଳି ଆସିବେ, ମିଛ ପ୍ରତିଶ୍ରୁତି ଦେବେ। ନିର୍ବାଚନ ସରିଯିବା ପରେ ଏମାନଙ୍କ ଆଉ ଦେଖା ମିଳିବ ନାହିଁ । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମାଗଣା ବିଜୁଳି ଦେବା କଥା ଶୁଣି ବିରୋଧୀଙ୍କୁ କରେଣ୍ଟ ଲାଗିଛି । ଏମାନେ ବି ମାଗଣା ବିଜୁଳି ଦେବେ କହୁଛନ୍ତି । କହୁଛନ୍ତି ୫୦ ହଜାର ଟଙ୍କା ଖର୍ଚ୍ଚ କରି ସୋଲାର ପ୍ୟାନେଲ ଲଗାଅ, ତା'ପରେ ଯାଇ ମାଗଣାରେ ବିଜୁଳି ମିଳିବ। ଏମାନେ ଦିନରେ ଓଡ଼ିଶାବାସୀଙ୍କୁ ଲଣ୍ଠନ ଦେଖାଉଛନ୍ତି । ଦରଦାମ ଓ ଏମଏସପିକୁ ନେଇ ମଧ୍ୟ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି ପାଣ୍ଡିଆନ । ୨୦୧୪ରେ କହିଥିଲେ ଚାଷୀ ଭାଇଙ୍କ ଏମଏସପିକୁ ଦୁଇଗୁଣା କରିବେ । ହେଲେ ଆଜିଯାଏଁ ହେଲାନି । କହିଥିଲେ, ଏଲପିଜି ଦର କମ ହେବ । ପେଟ୍ରୋଲ, ଡିଜେଲ ଦର କମିବ । ହେଲେ ଆପଣ ଚିନ୍ତା କରନ୍ତୁ, ଏସବୁ ପ୍ରତିଶ୍ରୁତି କେତେ ପୂରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି । ଏମାନଙ୍କ ପରି ମିଛ ପ୍ରତିଶ୍ରୁତି ଦିଅନ୍ତି ନାହିଁ । ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ସେବା କରିବାକୁ ରାଜନୀତିକୁ ଆସିଛନ୍ତି, ତାଙ୍କୁ ଆଶୀର୍ବାଦ କରନ୍ତୁ ।' ସେ କହିଥିଲେ, '୨୦୧୯ରେ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇଥିଲେ । ସେ ଆପଣଙ୍କ ଅଞ୍ଚଳର ବିକାଶ ପାଇଁ ବହୁତ କାମ କରିଛନ୍ତି। ଅଞ୍ଚଳରେ ପିଇବା ପାଣି ସୁବିଧା ହୋଇଛି, ଜଳସେଚନ ବ୍ୟବସ୍ଥା ହୋଇଛି। ହସ୍ପିଟାଲ ବିଲ୍ଡିଂ କରାଉଛନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କ ପାଇଁ କାମ କରୁଛନ୍ତି । ସେହିପରି ଏଥର ବିଧାୟକଙ୍କ ସହ ସାଂସଦ ପ୍ରାର୍ଥୀଙ୍କୁ ବି ଶଙ୍ଖ ଚିହ୍ନରେ ମୋହର ମାରି ବିଜୟୀ କରାଇବେ । ଅଞ୍ଚଳରେ ସାଂସଦ ଓ ବିଧାୟକ ପ୍ରାର୍ଥୀ ଉଭୟ ଜିତିଲେ କାମ ଦୁଇଗୁଣା ହେବ, ଉନ୍ନତି ଦୁଇଗୁଣା ହେବ।' ସେ ଆହୁରି କହିଛନ୍ତି, 'ଅଞ୍ଚଳରେ ସମସ୍ତ ସ୍କୁଲର ରୂପାନ୍ତରଣ ହୋଇଛି । କଲେଜ ରୂପାନ୍ତରଣ ହୋଇଛି । ହରିଶଙ୍କର ମନ୍ଦିରର ରୂପାନ୍ତରଣ ହୋଇଛି । ବାଇପାସ୍ ରୋଡ ପାଇଁ ୧୪୦ କୋଟି ଟଙ୍କା ମଞ୍ଜୁର ହୋଇଛି। ବେଲପଡ଼ା ଏନଏସିରେ ପରିଣତ ହୋଇଛି । ଏସବୁ ନବୀନ ବାବୁ କରିଛନ୍ତି। ଏଥର ନବୀନ ବାବୁଙ୍କୁ ଆଶୀର୍ବାଦ କରନ୍ତୁ ସାଂସଦ ଓ ବିଧାୟକ ଉଭୟଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ବିଜୟୀ କରନ୍ତୁ ।' ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଆପଣମାନଙ୍କ ପାଇଁ ୩ଟି ଦସ୍ତଖତ କରିବେ ବୋଲି କହିଛନ୍ତି ପାଣ୍ଡିଆନ। ପ୍ରଥମ ଦସ୍ତଖତ ହେବ ବିଜୁଳି ବିଲ୍ ଛାଡ । ନବୀନଙ୍କ ଦ୍ୱିତୀୟ ଦସ୍ତଖତ ହେବ, ନବୀନ କାର୍ଡ । ବିଏସକେୱାଇରୁ ବଞ୍ଚିତ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ଦସ୍ତଖତ ଆଣିବ ଖୁସି। ବିଏସକେୱାଇ କାର୍ଡ ନଥିବା ସମସ୍ତ ଲୋକ ନବୀନ କାର୍ଡରେ ସାମିଲ ହେବେ । ମୁଖ୍ୟମନ୍ତ୍ରୀ ସାଢ଼େ ୪ କୋଟି ଓଡ଼ିଆଙ୍କୁ ନିଜ ପରିବାର ବୋଲି ଭାବିଥାନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ନବୀନଙ୍କ ପ୍ରଥମ ପ୍ରାଥମିକତା । ମୁଖ୍ୟମନ୍ତ୍ରୀ ହେବା ପରେ ନବୀନଙ୍କ ତୃତୀୟ ଦସ୍ତଖତ ହେବ ମିଶନ ଶକ୍ତି ମା'ମାନଙ୍କ ପାଇଁ। ମୁଖ୍ୟମନ୍ତ୍ରୀଙ୍କ ତୃତୀୟ ଦସ୍ତଖତ ପରେ ମିଶନ ଶକ୍ତି ମାଆମାନଙ୍କୁ ଆଉ ବାର୍ଦ୍ଧକ୍ୟ କଥା ଚିନ୍ତା କରିବାକୁ ପଡ଼ିବନି । ମାଆମାନେ ପାଇବେ ପେନସନ୍ । ଆଉ ସେମାନଙ୍କୁ କାହା ଉପରେ ନିର୍ଭର କରିବାକୁ ପଡିବନି । ଏହି ସବୁ ଦସ୍ତଖତ ଓଡ଼ିଶାକୁ ରୂପାନ୍ତର କରିବ ଓ ଆପଣଙ୍କ ମୁହଁରେ ହସ ଫୁଟାଇବ ବୋଲି କହିଛନ୍ତି ପାଣ୍ଡିଆନ ।

# ବିଜେଡି ଛାଡି ବିଜେପିରେ ମିଶିଲେ ଶତାଧିକ କର୍ମୀ




**ଖୋର୍ଦ୍ଧା, ୧୬/୦୫ ନ୍ୟୁଜ ବ୍ୟୁରୋ**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ବିଜେଡିକୁ ଝଟକା । ବିଜେଡି ଛାଡି ବିଜେପିରେ ସାମିଲ ହେଲେ ବିଜେପିର ଶତାଧିକ କର୍ମୀ। ବାଘମାରିରେ ଆୟୋଜିତ ବିଜେପିର ମିଶ୍ରଣ ପର୍ବରେ ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ଓ ବେଗୁନିଆ ପ୍ରାର୍ଥୀ ପ୍ରଶାନ୍ତ ରଣବିଜୁଳିଙ୍କ ଉପସ୍ଥିତିରେ ବିଜେଡିର ଶତାଧିକ ମହିଳା ଓ ପୁରୁଷ କର୍ମୀ ପଦ୍ମ କ୍ୟାମ୍ପରେ ସାମିଲ ହୋଇଥିଲେ । ନିର୍ବାଚନ ତାରିଖ ଯେତିକି ପାଖଉଛି ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଉଭୟ ବିଜେପି, ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ନିଜ ଦମ ଦେଖାଉଛନ୍ତି । ସମସ୍ତ ପ୍ରାର୍ଥୀ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ଜୋରଦାର ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି। ସେହିଭଳି ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେପି ଅଧିକ ମଜଭୁତ ହେବାରେ ଲାଗିଛି। ବାଘମାରିରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ମିଶ୍ରଣ ପର୍ବକୁ ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଓଡ଼ିଶାରେ ଏଥର ବିଜେପି ସରକାର କରିବାକୁ ଯାଉଛି ଏବଂ ଏହାର ଶୁଭାରମ୍ଭ ବେଗୁନିଆରୁ ହେବ । ଜଣେ ଓଡ଼ିଆ ଲୋକ ମୁଖ୍ୟମନ୍ତ୍ରୀ ହେବେ ଯିଏ ଓଡ଼ିଆରେ କହି ପାରୁଥିବେ ଓ ସୁସ୍ଥ ଥିବେ । ଏହି ମିଶ୍ରଣ ପର୍ବ ବିଜେପିକୁ ଆହୁରି ମଜଭୁତ କରିବା ସହ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେପିର ବିଜୟ ହେବ । ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା ଚକ୍ରଧର ପାଇକରାୟ କହିଛନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ମୁଁ ବିଜେଡିର ସରପଞ୍ଚ ପ୍ରାର୍ଥୀ ହୋଇ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲି । କିନ୍ତୁ ବିଜୁ ଜନତା ଦଳର ନେତାଙ୍କ ଅତ୍ୟାଚାର ଓ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହୋଇ ବିଜେପିରେ ସାମିଲ ହୋଇଛି । ଅପରାଜିତା ଷଡ଼ଙ୍ଗୀ ରାଜସୁନାଖଳା ବଜାରରେ ବିରାଟ ବାଇକ ଶୋଭାଯାତ୍ରା କରି ଜନସାଧାରଣଙ୍କ ନିକଟରେ ଭୋଟ ଭିକ୍ଷା କରିବା ସହ ଆଶୀର୍ବାଦ କାମନା କରିଥିଲେ ।

# ମାସକରେ ୨୫,୯୭୩ କୋଟିର ସୁନା ଆମଦାନି: ଗତବର୍ଷ ତୁଳନାରେ ୨୧୪% ଅଧିକ




**ନୂଆଦିଲ୍ଲୀ, ୧୬/୦୫**

ଚଳିତ ବର୍ଷ ଏପ୍ରିଲ୍‌ରେ ବିପୁଳ ପରିମାଣର ସୁନା ଆମଦାନି ହୋଇଛି। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଏହି ମାସରେ ୨୫,୯୭୩ କୋଟି ଟଙ୍କାର ସୁନା ଆମଦାନି ହୋଇଛି ଯାହା ଗତବର୍ଷ ଏପ୍ରିଲ୍‌ରେ ହୋଇଥିବା ୮୨୬୭ କୋଟି ଟଙ୍କାର ଆମଦାନି ତୁଳନାରେ ୨୧୪ ପ୍ରତିଶତ ଅଧିକ। କେବଳ ସୁନା ନୁହେଁ, ଏହି ମାସରେ ସରକାର ବିପୁଳ ଡାଲି ମଧ୍ୟ ଆମଦାନି କରିଛନ୍ତି। ଚଳିତ ବର୍ଷ ଏପ୍ରିଲ୍‌ରେ ୩୪୨୮ କୋଟି ଟଙ୍କାର ଡାଲି ବିଦେଶରୁ ଅଣାଯାଇଛି ଯାହା ପୂର୍ବବର୍ଷ ଏପ୍ରିଲ୍‌ରେ ହୋଇଥିବା ୧୨୩୮.୧୫ କୋଟି ଟଙ୍କା ଆମଦାନି ତୁଳନାରେ ୧୭୬.୯୨ ପ୍ରତିଶତ ଅଧିକ।

ଡାଲି ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ ତାହାର ଆମଦାନି ସେତେଟା ଚିନ୍ତାଜନକ ନଥିଲେ ମଧ୍ୟ ଦେଶ ଭିତରେ ତାହା ଯଥେଷ୍ଟ ପରିମାଣରେ ଉତ୍ପାଦନ ହେଉନଥିବାର ଚିତ୍ର ସାମ୍ନାକୁ

## ଲୁହାପଥର ରପ୍ତାନି ୫୮.୨୦% ହ୍ରାସ

ଆଣିଛି। ସବୁଠୁ ଚିନ୍ତାର ବିଷୟ ହେଉଛି ସୁନା ଆମଦାନିରେ ହୋଇଥିବା ବୃଦ୍ଧି। ଏଥିପାଇଁ ଯେଉଁ ବୈଦେଶିକ ମୁଦ୍ରା ଖର୍ଚ୍ଚ ହୋଇଛି ତାହା ଉପରେ ଅଙ୍କୁଶ ଲଗାଇବା ଲାଗି ସରକାର ସର୍ବଦା ଉଦ୍ୟମ କରୁଥିଲେ ମଧ୍ୟ ସଫଳ ହେଉନାହାନ୍ତି। ଆଲୋଚ୍ୟ ମାସରେ ଖାଇବା ତେଲ (୨୬.୧୩%), ଫଳ ଓ ପନିପରିବା (୨୯.୮୨%), ଅଶୋଧିତ ତେଲ (୨୨.୨୫%), ନିଉଜ୍‌ପ୍ରିଣ୍ଟ (୧୪.୪୩%), ମେସିନ୍ ଟୁଲ୍ (୨୩.୫୨%), ପ୍ରକଳ୍ପରେ ବ୍ୟବହୃତ ଜିନିଷ (୧୯.୨୦%), ଇଲେକ୍ଟ୍ରୋନିକ୍ସ ସାମଗ୍ରୀ (୧୧.୮୯%) ଏବଂ ରୁପା ଆମଦାନି (୨୦.୮୩%) ବଢ଼ିଛି। ଦେଶରୁ ହୋଇଥିବା ରପ୍ତାନି ଉପରେ ନଜର ପକାଇବା ପରେ ଜଣାପଡ଼ିଛି ଯେ ଲୁହାପଥର ରପ୍ତାନିରେ ୫୮.୨୦ ପ୍ରତିଶତ ହ୍ରାସ ଘଟିଛି। ୨୦୨୩ ଏପ୍ରିଲ୍‌ରେ ୨୯୧୦ କୋଟି ଟଙ୍କାର ଲୁହାପଥର ରପ୍ତାନି ହୋଇଥିବା ବେଳେ ଚଳିତ ବର୍ଷ ଏପ୍ରିଲ୍‌ରେ ୧୨୧୬.୬୯ କୋଟି ଟଙ୍କାର ଲୁହାପଥର ରପ୍ତାନି ହୋଇଛି। କଟକଣା ଲାଗୁ କରାଯାଇଥିବାରୁ ଚାଉଳ ରପ୍ତାନିରେ ୩ ପ୍ରତିଶତ ହ୍ରାସ ଘଟିଛି। ଚା' ଓ କଫି ରପ୍ତାନି ଯଥାକ୍ରମେ ୨୭.୮୭ ପ୍ରତିଶତ ଓ ୧୭.୮୨ ପ୍ରତିଶତ ବଢ଼ିଛି। ତେବେ ତମାଖୁ (୧୫.୧୩%), ମସଲା (୧୪.୧୬%), ଔଷଧ (୯.୧୮%), ଇଲେକ୍ଟ୍ରୋନିକ୍ସ ସାମଗ୍ରୀ (୨୭.୯୨%), କପା ଓ ହସ୍ତତନ୍ତ ଉତ୍ପାଦ (୮.୪୫%) ଆଦିର ରପ୍ତାନିରେ ବୃଦ୍ଧି ଘଟିଛି। ତୈଳବୀଜ ରପ୍ତାନି ୧୫.୮୦ ପ୍ରତିଶତ କମିଥିବା ବେଳେ ସାମୁଦ୍ରିକ ଉତ୍ପାଦ ରପ୍ତାନି ୧୧.୪୭ ପ୍ରତିଶତ ହ୍ରାସ ପାଇଛି। ମାଂସ, ଦୁଗ୍ଧ, କୋଇଲା ଆଦିର ରପ୍ତାନିରେ ମଧ୍ୟ ହ୍ରାସ ଘଟିଛି।

# ଆସିଷ୍ଟାଣ୍ଟ ପ୍ରଫେସର ଅନ୍‌ଲାଇନ ଆବେଦନ ସମୟ ସୀମା ମେ' ୩୦ ପର୍ଯ୍ୟନ୍ତ ବଢ଼ିଲା




**ଭୁବନେଶ୍ୱର, ୧୬/୦୫ ନ୍ୟୁଜ ବ୍ୟୁରୋ**

ଆସିଷ୍ଟାଣ୍ଟ ପ୍ରଫେସର (ଷ୍ଟେଜ-୧) ପଦର ଅନ୍‌ଲାଇନ ଆବେଦନ ସମୟ ସୀମାକୁ ଏବେ ପୁଣି ଥରେ ବୃଦ୍ଧି କରାଯାଇଛି । ଏହାର ଅନ୍ତିମ ତାରିଖ ମେ' ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ସମୟ ସୀମା ଦୁଇଥର ବୃଦ୍ଧି ପାଇଥିଲା। ପ୍ରଥମେ ମାର୍ଚ୍ଚ ୧୨ରୁ ଏପ୍ରିଲ ୧୬ ମଧ୍ୟରେ ଆବେଦନ ପାଇଁ ସ୍ଥିର ହୋଇଥିଲା । ଏହାପରେ ଅନ୍‌ଲାଇନ ଆବେଦନ ଅବଧିକୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ତା'ପରେ ମେ'୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହା ମଧ୍ୟରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ତୃତୀୟ ବିଜ୍ଞପ୍ତି ଜାରି ହୋଇଛି । ଓପିଏସସିର ବିଜ୍ଞପ୍ତି ଅନୁସାରେ, ଆସିଷ୍ଟାଣ୍ଟ ପ୍ରଫେସର (ଷ୍ଟେଜ-୧) ପଦର ଅନ୍‌ଲାଇନ ଆବେଦନ ଅନ୍ତିମ ତାରିଖ ମେ' ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କିଛି ବୈଷୟିକ କାରଣରୁ ଆୟୋଗ ଏହି ନିଷ୍ପତ୍ତି ନେଇଛନ୍ତି। ସେହିପରି ଶିକ୍ଷାଗତ ଯୋଗ୍ୟତାକୁ ନେଇ ମଧ୍ୟ ଏହି ବିଜ୍ଞପ୍ତିରେ କିଛି ସଂଶୋଧନ କରାଯାଇଛି। ଅନ୍ୟ ସମସ୍ତ ସର୍ତ୍ତାବଳୀ ପୂର୍ବ ପରି ଅପରିବର୍ତ୍ତିତ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି । ଆଶାୟୀମାନେ ଓପିଏସସିର ୱେବସାଇଟକୁ ଯାଇ ସେ ବାବଦରେ ସବିଶେଷ ତଥ୍ୟ ପାଇ ପାରିବେ। ସୂଚନାଯୋଗ୍ୟ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ଡିଗ୍ରୀ କଲେଜମାନଙ୍କରେ ଓଡ଼ିଶା ଶିକ୍ଷା ସେବା (କଲେଜ ବ୍ରାଞ୍ଚ)ର ଗ୍ରୁପ-୧ ପଦରେ ପ୍ରାର୍ଥୀଙ୍କୁ ବିଭିନ୍ନ ବିଷୟରେ ସହକାରୀ ପ୍ରଫେସର ଭାବେ ନିଯୁକ୍ତି ପ୍ରଦାନ କରାଯିବ । ମୋଟ ୩୮୫ଟି ପଦ ଖାଲି ରହିଥିବା ବେଳେ ଅନୁସୂଚିତ ଜାତି (ଏସସି), ଅନୁସୂଚିତ ଜନଜାତି (ଏସଟି), ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ପଛୁଆ ବର୍ଗ (ଏସଇବିସି), ଅଣସଂରକ୍ଷିତ ଆଦି ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କ ପାଇଁ ପଦ ସଂରକ୍ଷିତ ରହିଛି। ପ୍ରାର୍ଥୀଙ୍କୁ ରସାୟନ ବିଜ୍ଞାନ, ବାଣିଜ୍ୟ, କମ୍ପ୍ୟୁଟର ସାଇନ୍ସ, ଏଜୁକେସନ, ଅର୍ଥନୀତି, ଓଡ଼ିଆ, ପଦାର୍ଥ ବିଜ୍ଞାନ, ମନସ୍ତତ୍ତ୍ୱ, ସାମାଜିକ ବିଜ୍ଞାନ, ରାଜନୀତି ବିଜ୍ଞାନ, ଇତିହାସ, ଭୂଗୋଳ, ଗୃହ ବିଜ୍ଞାନ, ଜିଓଲୋଜି, ଇଂରାଜୀ ଆଦି ୧୯ଟି ବିଷୟରେ ସହକାରୀ ପ୍ରଫେସର ପଦରେ ନିଯୁକ୍ତି ଦିଆଯିବ । ଆବେଦନର ଅନ୍ତିମ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କର ବୟସ ଯୋଗ୍ୟତା ୨୧ରୁ ୪୫ ବର୍ଷ ମଧ୍ୟରେ ରହିଥିବା ଆବଶ୍ୟକ । ବୟସ କୋହଳ ନିୟମ ଅନୁଯାୟୀ ଧାର୍ଯ୍ୟ ହେବ । ପ୍ରାର୍ଥୀ ଯେ କୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଡିଗ୍ରୀ ସହିତ ୫୫ ପ୍ରତିଶତ ମାର୍କ ରଖିଥିବେ । ଏଥିସହିତ ପ୍ରାର୍ଥୀ ନ୍ୟାସନାଲ ଏଲିଜିବିଲିଟି ଟେଷ୍ଟ (ନେଟ) ପାସ୍ କରିଥିବା ଆବଶ୍ୟକ ।

# ଆରମ୍ଭ ହେଲା ହୋମ୍ ଭୋଟିଂ

**ଭୁବନେଶ୍ୱର, ୧୬/୦୫ନ୍ୟୁଜ ବ୍ୟୁରୋ**

ଦେଶର ସବୁଠୁ ବଡ଼ ପର୍ବ ଗଣତନ୍ତ୍ର । ଏହି ଗଣତନ୍ତ୍ରର ବଡ଼ ପର୍ବରେ ସାମିଲ ହୋଇ ମତଦାନ କରିବାକୁ ଆଉ ଯିବାକୁ ପଡ଼ିବନି ପୋଲିଂ ବୁଥ୍ । ଏଥର ଘରେ ବସି ଭୋଟ ଦେଇପାରିବେ ଭୋଟର। ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ ହୋଇଛି ହୋମ ଭୋଟିଂ। ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ । ଏହା ପୂର୍ବରୁ ଜିଲ୍ଲାରେ ଥିବା ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ଘରେ ରହି ଭୋଟଦେବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ଅବସରରେ ପୋଲିଂ ଅଫିସରମାନେ ବିଭିନ୍ନ ଲୋକଙ୍କ ଘରକୁ ଯାଇ ହୋମ ଭୋଟିଂ କରାଇଥିଲେ। ଦିବ୍ୟାଙ୍ଗ ଓ ୮୫ରୁ ଅଧିକ ବର୍ଷର ବୃଦ୍ଧ ଆଉ ବୃଦ୍ଧାମାନେ ଘରେ ବସି ବାଲାଟ ପେପର ଜରିଆରେ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି । ଗୁରୁବାର ଭୁବନେଶ୍ୱରରେ ୧୨୨ ମଧ୍ୟ ନିର୍ବାଚନମଣ୍ଡଳୀର ଡକ୍ଟର ସ୍ମୃତି ମହାପତ୍ର ଓ ଲକ୍ଷ୍ମୀସାଗର ଅଞ୍ଚଳର ଜଣେ ବୃଦ୍ଧ ନିଜର ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୨୧୮ ଜଣ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ଏବଂ ୪୮୬ ଜଣ ଦିବ୍ୟାଙ୍ଗ ଭୋଟର ଅଛନ୍ତି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ବିଜେପି-ବିଜେଡି ଭିତିରି ବୁଝାମଣାରେ ଚାଲିଛି ନିର୍ବାଚନ ପ୍ରଚାର : ଖଡ୍‌ଗେ

**ଭୁବନେଶ୍ୱର, ୧୬/୦୫ ନ୍ୟୁଜ୍‌ବ୍ୟୁରୋ**

ଅସୀମ ପ୍ରାକୃତିକ ସମ୍ପଦ, ଜଳ, ଜଙ୍ଗଲ, ଜମି ଓ ଖଣି ଖାଦାନରେ ଭରା ଓଡ଼ିଶା। ମାନବ ସମ୍ବଳ ମଧ୍ୟ ଏଠାରେ କିଛି କମ୍ ନୁହେଁ। ଏଠାକାର ଖଣି ଖାଦାନରୁ ସାମଗ୍ରୀ ନେଇ ଅନ୍ୟ ରାଜ୍ୟରେ ବୃହତ ଶିଳ୍ପ, କାରଖାନା ଗଢ଼ିଉଠିଛି। ହେଲେ ମୋଦି ସରକାରଙ୍କ ୧୦ବର୍ଷ ଓ ନବୀନ ବାବୁଙ୍କ ୨୪ବର୍ଷର ଶାସନରେ ରାଜ୍ୟର ଆଶାନୁରୂପ ବିକାଶ ହୋଇପାରିନାହିଁ। ଏଠାରେ ବେକାରୀ ସମସ୍ୟା ଉତ୍କଟ ହୋଇଛି। ରାଜ୍ୟର ମୋଟ୍ ୪୧ ପ୍ରତିଶତ ଯୁବବର୍ଗ ବେକାର ହୋଇ ବୁଲୁଛନ୍ତି। ଏଠାକାର ଲୋକେ ପେଟପାଟଣା ପାଇଁ ବାହାର ରାଜ୍ୟକୁ ଯାଇ ସ୍ୱଳ୍ପ ଅର୍ଥରେ ଶ୍ରମିକ ଭାବେ କାମ କରୁଛନ୍ତି। ତେଣୁ ବିଜେପି ଓ ବିଜେଡି ମେଣ୍ଟ ସରକାର ଓଡ଼ିଶାକୁ ଏକ ଶସ୍ତା ଶ୍ରମିକ ଚାଲାଣ ରାଜ୍ୟରେ ପରିଣତ କରିଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଛନ୍ତି।

ଗୁରୁବାର ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖଡ଼୍‌ଗେ ଉଭୟ ବିଜେପି ଓ ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ କିଛିଦିନ ତଳେ ବିଜେପି ଓ ବିଜେଡି ମେଣ୍ଟ ପାଇଁ ଖୋଲା ଆଲୋଚନା



କରୁଥିଲେ। ବର୍ତ୍ତମାନ ନିଜ ସ୍ୱାର୍ଥ ପାଇଁ ସେମାନେ ଭିତିରି ବୁଝାମଣାରେ ନିର୍ବାଚନ ଲଢୁଛନ୍ତି। ଚିଟ୍‌ଫଣ୍ଡ ଦୁର୍ନୀତିରେ କ୍ଷତିଗ୍ରସ୍ତ ଲୋକମାନେ ଏହି ମେଣ୍ଟ ପାଇଁ ନ୍ୟାୟ ପାଇପାରୁନାହାନ୍ତି।

ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ନିର୍ବାଚନୀ ସଭାରେ ଅବ୍‌କି ବାର ୪୦୦ ପାର ନାରା ଦେଉଛନ୍ତି। ହେଲେ ଏହି ସଂଖ୍ୟା ସେ କେମିତି ଆକଳନ କରୁଛନ୍ତି ବୋଲି ଶ୍ରୀ ଖଡ୍‌ଗେ ପ୍ରଶ୍ନ କରିଛନ୍ତି। ୪୦୦ ପାରର ଏକ ମିଛ ନାରା ଦେଇ ନରେନ୍ଦ୍ର ମୋଦି ଭୋଟରଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ଦେଶରେ ଏକତା ବଜାୟ ରଖିବା ସହ ସମ୍ବିଧାନର ସୁରକ୍ଷା ପାଇଁ କଂଗ୍ରେସ ଲଢ଼େଇ କରୁଛି। ଏଥର କଂଗ୍ରେସ ୫ ନ୍ୟାୟ ୨୫ ଗ୍ୟାରେଣ୍ଟିକୁ ନେଇ ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିଛି। ଏଥିରେ ନାରୀ ନ୍ୟାୟ, ଯୁବା ନ୍ୟାୟ, କୃଷକ ନ୍ୟାୟ, ଶ୍ରମିକ ନ୍ୟାୟ ଓ ଭାଗିଦାରୀ ନ୍ୟାୟକୁ ଗୁରୁତ୍ୱ ଦିଆଯାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ଗରିବ ପରିବାରର ମହିଳା ମୁଖ୍ୟଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କା ପ୍ରଦାନ ସହ ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇଦେବ। ସ୍ନାତକ ଓ ଡିପ୍ଲୋମାଧାରୀ ଯୁବବର୍ଗଙ୍କୁ ପ୍ରଥମେ ଚାକିରି ପକ୍କା କରିବା, ବେକାରୀ ଭତ୍ତା ପ୍ରଦାନ କରିବାକୁ କଂଗ୍ରେସ ଗୁରୁତ୍ୱ ଦେଉଛି। ସବୁଠାରୁ ବଡ଼ କଥା ହେଲା ଜାତି ଜନଗଣନା। ଓଡ଼ିଶାରେ ଏସ୍‌ସି, ଏସ୍‌ଟି, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆବର୍ଗର ଲୋକସଂଖ୍ୟା ୯୦ ପ୍ରତିଶତରୁ ଅଧିକ ହୋଇଥିଲେ ମଧ୍ୟ ସେମାନେ ଅବହେଳିତ ହୋଇଅଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ସେମାନଙ୍କୁ ନ୍ୟାୟ ଓ ଅଧିକାର ପ୍ରଦାନ କରିବ। ତେଣୁ ଓଡ଼ିଶାବାସୀ ଚଳିତ ନିର୍ବାଚନରେ କଂଗ୍ରେସକୁ ଉଭୟ ଲୋକସଭା ଓ ବିଧାନସଭା ଆସନରେ ବିଜୟୀ ହେବାକୁ ସହଯୋଗ କରିବା ପାଇଁ ଶ୍ରୀ ଖଡ୍‌ଗେ ଅନୁରୋଧ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତେଲେଙ୍ଗାନାର ଉପ ମୁଖ୍ୟମନ୍ତ୍ରୀ ମାଲୁଭାଟି ବିକ୍ରମାର୍କା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ସମ୍ପାଦକ ପ୍ରଣବ ଝା, ଶିବାନନ୍ଦ ରାୟ, ଏଆଇସିସି ମିଡିଆ ସଂଯୋଜକ ପ୍ରଭାତ କୁମାର ଓ ଚିତ୍ତୁ ଚୌଧୁରୀ, ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ପ୍ରକାଶ ଜେନା, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗିରଫ ହେବେନି ଅନୁଭବ: ମିଳିଲା ଆଶ୍ୱସ୍ତି

**କଟକ, ୧୬/୦୫ ନ୍ୟୁଜ ବ୍ୟୁରୋ**

ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତିଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି । ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିଯୋଗ କ୍ରମେ କଟକ ଜେଏମଏଫସି କୋର୍ଟ ଅନୁଭବଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଥିଲେ । ଚାର୍ଜଫ୍ରେମ୍ ପାଇଁ ହାଜର ନହୋଇ ଅଭିନେତା ବାରମ୍ବାର ସମୟ ମାଗି ଚାଲିଥିଲେ । ତେଣୁ ଶେଷରେ କୋର୍ଟ ଏନବିଡବ୍ଲ୍ୟୁ ଜାରି କରିଥିଲେ । ଆସନ୍ତା ୨୩ ତାରିଖ ସୁଦ୍ଧା ୱାରେଣ୍ଟ ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମେ' ୮ ତାରିଖରେ ଅଭିନେତା ଅନୁଭବଙ୍କ ନାମରେ ଚାର୍ଜଫ୍ରେମ୍ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଜେଏମଏଫସି ସ୍ୱତନ୍ତ୍ର କୋର୍ଟରେ ଅନୁଭବଙ୍କ ଡିସଚାର୍ଜ ପିଟିସନ ଖାରଜ ହୋଇଯାଇଥିଲା।


